
ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ବୁଧବାର ୧୫ ଅକ୍ଟୋବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 15 October 2025
Vol.No. 36 ■ No.271 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ
ସାଗରିକା ପୂଜା ସଂଖ୍ୟା
ସାଗରିକା
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net


## ବିଶ୍ୱକୁ ବନ୍ଦୀ କରିବାକୁ ଚାହୁଁଛି ଚୀନ୍: ଟ୍ରମ୍ପ

ନୂଆଦିଲ୍ଲୀ,୧୪/୧୦ : ଆମେରିକା ଟାର୍ଗେଟ୍‌ରେ ଚୀନ୍ । ଆମେରିକା ଚୀନ୍ ଉପରେ ଅତିରିକ୍ତ ଶୁଳ୍କ ଲାଗୁ କରିବା ପରେ ଏବେ ଗୋଟିଏ ପରେ ଗୋଟିଏ ଅଭିଯୋଗ ଆଣିଛି । ଏବେ କହିଛି, ଚୀନ୍ ଚାହୁଁଛି ପୂରା ବିଶ୍ୱକୁ କଂଟ୍ରୋଲ କରିବା ପାଇଁ । ହେଲେ ଏହା ଆଦୌ ହେବାକୁ ଦିଆଯିବନି। ଚୀନ୍ କେବଳ ଆର୍ଥିକସ୍ତରରେ ବିଶ୍ୱକୁ ନିଜ ଆୟତ୍ତରେ ନେବାକୁ ଚାହୁଁଛି ତାହା ନୁହେଁ ବରଂ ସାମରିକ କ୍ଷେତ୍ରରେ ବି ନେତୃତ୍ୱ ନେବାକୁ ଚୀନ୍ ପ୍ଲାନ୍ କରୁଛି । ଯାହା ବିଶ୍ୱ ପାଇଁ ବଡ଼ ବିପଦ ହୋଇପାରେ ବୋଲି ଟ୍ରମ୍ପ କହିଛନ୍ତି । ଚୀନ୍ ଆର୍ଥିକସ୍ତରରେ ମଜବୁତ ଥିବାରୁ ଅନେକ ଦେଶଙ୍କୁ ଆର୍ଥିକ ସହାୟତା ଦେଉଛି । ଏହା ବଦଳରେ ଚୀନ୍ ଅନେକ ଟଙ୍କା ଲାଭ କରୁଛି । ସ୍ଥିତି ଏମିତି ହେଉଛି ଯେ ଋଣ




ପ୍ରତିବଦଳରେ ଚୀନ୍ ମୋଟା ଅଙ୍କର ସୁଧ ପାଉଛି । ଯାହାଦ୍ୱାରା ବିନା କୌଣସି ପରିଶ୍ରମରେ ନିଜର ଅର୍ଥନୀତିକୁ ମଜବୁତ କରୁଛି । ଏମିତି ହେଲେ ଧୀରେ ଧୀରେ ଅନେକ ଦେଶ ଚୀନ୍ କଥା ମାନିବାକୁ ବାଧ ହେବେ । ତେଣୁ ବେଳ ଥାଉଥାଉ ସମସ୍ତଙ୍କୁ ସାବଧାବ ହେବାକୁ ପଡ଼ିବ ବୋଲି ଟ୍ରମ୍ପ କହିଛନ୍ତି । ଏହାର ଏକ ବଡ଼ ଉଦାହରଣ ହେଉଛି 'ବେଲ୍ଟ ଆଣ୍ଡ ରୋଡ୍ ଇନିସିଏଟିଭ୍' ବା ବିଆରଆଇ । ଯାହା ମାଧ୍ୟମରେ ଚୀନ୍ ଏସିଆ, ଆଫ୍ରିକା ଏବଂ ୟୁରୋପର ଅନେକ ଦେଶରେ ଭିତ୍ତିଭୂମି ପ୍ରକଳ୍ପରେ ପୁଞ୍ଜି ବିନିଯୋଗ କରୁଛି । ଯାହାଦ୍ୱାରା ଅନେକ ଦେଶକୁ ନିଜ ଆୟତ୍ତକୁ ନେବାକୁ ଚକ୍ରାନ୍ତ କରୁଛନ୍ତି ଜିନ୍‌ପିଙ୍ଗ। ଚୀନ୍‌କୁ ଟାର୍ଗେଟ୍ କରି ଟ୍ରମ୍ପ କହିଛନ୍ତି, ପୂରା ବିଶ୍ୱ ଦେଖିଲା କରୋନାର ଭୟାଭୟତା । ନିଜ ଭୁଲ୍ ପାଇଁ ପୂରା ବିଶ୍ୱରେ କରୋନା ବିସ୍ତାର କଲା ଚୀନ୍ । ଲକ୍‌ଡାଉନ୍‌ଠୁ ଆରମ୍ଭ କରି ସଟ୍‌ଡାଉନ ପର୍ଯ୍ୟନ୍ତ ସମସ୍ୟାରେ ଘାଣ୍ଟି ହେଲା ପୂରା ବିଶ୍ୱ। ତେଣୁ ଚୀନ୍ ବିଶ୍ୱ ପାଇଁ ବଡ଼ ବିପଦ ବୋଲି ଟ୍ରମ୍ପ କହିଛନ୍ତି । ସେପଟେ, ସାମରିକ କ୍ଷେତ୍ରରେ ଚୀନର ବଢୁଥିବା ଶକ୍ତି ଉପରେ ମଧ ଟ୍ରମ୍ପ ଆଲୋକପାତ କରିଛନ୍ତି । ଦକ୍ଷିଣ ଚୀନ୍ ସାଗରରେ ଚୀନର ସାମରିକ ଉପସ୍ଥିତି ଏବଂ ସେଠାରେ କୃତ୍ରିମ ଦ୍ୱୀପ ନିର୍ମାଣକୁ ସେ ଅନ୍ତର୍ଜାତୀୟ ନିୟମର ଉଲ୍ଲଂଘନ ବୋଲି କହିଛନ୍ତି । ସେ ଚୀନର ସାମରିକ ଆଧୁନିକୀକରଣ କାର୍ଯ୍ୟକ୍ରମ ଉପରେ ଚିନ୍ତା ପ୍ରକଟ କରିଛନ୍ତି ଏବଂ ଏହା ଆମେରିକା ତଥା ଏହାର ସହଯୋଗୀ ରାଷ୍ଟ୍ରମାନଙ୍କ ପାଇଁ ଏକ ବଡ଼ ବିପଦ ବୋଲି କହିଛନ୍ତି ।▶▶ପୃଷ୍ଠା ୭

## ସାଲିଆ ସାହିରେ ପୁଣି ଦେଶୀମଦ ଭାଟିର ସନ୍ଧାନ

ଭୁବନେଶ୍ୱର, ୧୪/୧୦ (ନି.ପ୍ର): ପୁଣି ସିକ୍ରେଟ ଚ୍ୟାମ୍ବରରେ ଦେଶୀ ମଦ ଭାଟିର ସନ୍ଧାନ ପାଇଛି ଭୁବନେଶ୍ୱର ଅବକାରୀ ବିଭାଗ। ସିକ୍ରେଟ ଚାମ୍ବର ଭିତରେ ଦେଶୀ ମଦ କାରଖାନା ଠାବ କରିଛି । ସାଲିଆସାହି ବୀର ବାସା ବସ୍ତିରେ ଚଢାଉ କରି ଏହି ଦେଶୀ ମଦ ଭାଟି ଠାବ କରିଛି ଅବକାରୀ ବିଭାଗ । ପୂର୍ବରୁ ସାଲିଆସାହି ବୀରବାସା ବସ୍ତିରେ ବେଡ଼ରୁମ ଭିତରେ ଥିବା ଏକ ମହୁଲି ମଦ ଭାଟି ଠିକଣା ଉପରେ ଚଢାଉ କରିବା ସହ ଏହାକୁ କରିଥିବା ବିଏମସିରେ କାର୍ଯ୍ୟରତ ଜଣେ ଡ୍ରାଇଭରକୁ ଗିରଫ କରିଥିଲା ଅବକାରୀ ବିଭାଗ ।

## ଜୟ ଢୋଲକିଆ ବିଜେପି ପ୍ରାର୍ଥୀ: ୧୬ରେ ଭରିବେ ନାମାଙ୍କନ

ଭୁବନେଶ୍ୱର, ୧୪/୧୦ (ନି.ପ୍ର): ଜୟ ଢୋଲକିଆ ହେବେ ବିଜେପିର ନୂଆପଡ଼ା ପ୍ରାର୍ଥୀ । ସବୁକିଛି ଫାଇନାଲ୍ ହୋଇସାରିଛି, କେବଳ ଘୋଷଣା ବାକି ଅଛି । ଏନେଇ ଆଜି କନକ ନ୍ୟୁଜକୁ ଏକ୍ସକ୍ଲୁସିଭ୍ ସୂଚନା ଦେଇଛନ୍ତି ରାଜ୍ୟସଭା ସାଂସଦ ସୁଜିତ୍ କୁମାର । ତାଙ୍କ ସୂଚନା ମୁତାବକ, ବିଜେପି ନୂଆପଡ଼ା ଉପ-ନିର୍ବାଚନ ପାଇଁ ଜୟ ଢୋଲକିଆଙ୍କୁ ପ୍ରାର୍ଥୀ କରିବ । ଆସନ୍ତା ୧୬ ତାରିଖରେ ସେ ନାମାଙ୍କନ କରିବେ । ଏହାସହିତ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମଧ ୧୬ ତାରିଖରେ ନୂଆପଡ଼ା ଗସ୍ତ କରିବେ । ଆଉ ନାମାଙ୍କନ ଦାଖଲ ସମୟରେ ଉପସ୍ଥିତ ରହିବେ । ସେହିଦିନ ପ୍ରାୟ ୨ ହଜାରରୁ ଅଧିକ କଂଗ୍ରେସ ଏବଂ ବିଜେଡି କର୍ମୀ ବିଜେପିରେ ସାମିଲ ହେବେ ବୋଲି ସୂଚନା ଦେଇଛନ୍ତି ବିଜେପିର ରାଜ୍ୟସଭା ସାଂସଦ ସୁଜିତ କୁମାର । ସେପଟେ ବିଜେପି ରାଜ୍ୟ ସଭାପତି କହିଛନ୍ତି, ବିଜେପି ପକ୍ଷରୁ ଖୁବଶୀଘ୍ର ନୂଆପଡ଼ା ପାଇଁ ପ୍ରାର୍ଥୀ ଘୋଷଣା କରାଯିବ। କୋର୍ କମିଟି ବୈଠକ ନିଷ୍ପତ୍ତି ହୋଇଥିବା ନାଁ କେନ୍ଦ୍ରୀୟ ପାର୍ଲ୍ୟାମେଣ୍ଟାରି ବୋର୍ଡକୁ ପଠାଯାଇଛି। ତେବେ ବିଜେପି ପାର୍ଲ୍ୟାମେଣ୍ଟାରି ନିଷ୍ପତ୍ତି ନେବ, କିଏ ହେବ ବିଜେପି ପ୍ରାର୍ଥୀ । ସେପଟେ ବିଜେଡି ପ୍ରାର୍ଥୀ ଘୋଷଣା ପରେ ବିଜେପି ବିଧିବଦ୍ଧ ଭାବେ ତାହାର ପ୍ରାର୍ଥୀ ଘୋଷଣା କରିବ କି ବୋଲି ପ୍ରଶ୍ନର ଉତ୍ତର ଦେଇ ମନମୋହନ କହିଛନ୍ତି ଆମେ କାହାକୁ ଅପେକ୍ଷା କରିନାହୁଁ। ବିଜେପି କେନ୍ଦ୍ରୀୟ ପାର୍ଲ୍ୟାମେଣ୍ଟାରି ବୋର୍ଡ ଫାଇନାଲ କରନ୍ତି ପ୍ରାର୍ଥୀ କିଏ ହେବ। ବିଜେପି କେନ୍ଦ୍ରୀୟ ପାର୍ଲ୍ୟାମେଣ୍ଟାରି ବୋର୍ଡ ଯେବେ ନାଁରେ ମୋହର ମାରିବ, ସେବେ ଘୋଷଣା ହେବ ।

## ଡ୍ରୋନ୍ ପରେ ଶ୍ରୀମନ୍ଦିରରେ ଫୋନ୍ ବ୍ୟାନ୍: ଶ୍ରୀମନ୍ଦିରରେ ସମ୍ପୂର୍ଣ୍ଣ ବାରଣ ହେବ ମୋବାଇଲ

ପୁରୀ, ୧୪/୧୦ (ନି.ପ୍ର): ଆଉ ମୋବାଇଲ୍ ନୁହେଁ ଏଥର ୱାକିଟକି। ଜଗନ୍ନାଥ ମନ୍ଦିର ସୁରକ୍ଷାକୁ ନେଇ ବଡ଼ ଷ୍ଟେପ୍ ନେବାକୁ ଯାଉଛି ଶ୍ରୀମନ୍ଦିର ସୁରକ୍ଷା ସବ୍ କମିଟି। ଆଜି ପ୍ରଥମ ବୈଠକରେ ଏନେଇ ବିସ୍ତୃତ ଆଲୋଚନା ପରେ-ମନ୍ଦିର ଭିତରକୁ ସେବକ କି ପୋଲିସ୍ କେହି ମୋବାଇଲ୍ ଫୋନ୍ ନେଇ ଯାଇପାରିବେନି ବୋଲି କହିଛନ୍ତି କମିଟି ମୁଖ୍ୟ ଗିରିଶ ଚନ୍ଦ୍ର ମୁର୍ମୁ। ତାସହ ଦେଶର ଅନ୍ୟ ପ୍ରମୁଖ ମନ୍ଦିର ମାନଙ୍କର ସୁରକ୍ଷା ବ୍ୟବସ୍ଥାକୁ



ଅନୁଧ୍ୟାନ କରି ନିଷ୍ପତ୍ତି ନିଆଯିବ ବୋଲି ବରିଷ୍ଠ ସେବକ କହିଥିବାବେଳେ ଏସପି କହିଛନ୍ତି ସୁରକ୍ଷା କର୍ମଚାରୀଙ୍କୁ ଦିଆଯିବ ଅତ୍ୟାଧୁନିକ ଟ୍ରେନିଂ। ଡ୍ରୋନ୍ ପରେ ମୋବାଇଲ୍ ବ୍ୟାନ୍ । ଶ୍ରୀମନ୍ଦିର ସୁରକ୍ଷା ଆହୁରି ହେବ କଡ଼ା । ସେବାୟତ ହୁଅନ୍ତୁ କି ପୋଲିସ୍ । କେହି ନେଇ ପାରିବେନି ମୋବାଇଲ୍ ଫୋନ୍, ▶▶ପୃଷ୍ଠା ୭

## ଜେଲ ଅଧିକାରୀଙ୍କ ଅବହେଳାର ପୋଲ୍ ଖୋଲିଲା ଡିଆଇଜିଙ୍କ ରିପୋର୍ଟ: ଘଟଣାର ୧୨ ଦିନ ପରେ ବି ପୋଲିସର ହାତ ଖାଲି

ଭୁବନେଶ୍ୱର, ୧୪/୧୦ (ନି.ପ୍ର): ଚୌଦ୍ୱାର ଜେଲରୁ ୨ ହାର୍ଡକୋର ଅପରାଧୀ ଖସିଯିବା ପଛରେ ଜେଲ କର୍ତ୍ତୃପକ୍ଷଙ୍କ ଗୁରୁତର ତ୍ରୁଟି ବିଚ୍ୟୁତି। ଦାୟିତ୍ୱରେ ଚରମ ଅବହେଳା ସହ ଅଣଦେଖା କରିଥିଲେ ଅଧୀକ୍ଷକ ଓ ଜେଲର। ଏ ଘଟଣାର ତଦନ୍ତ କରୁଥିବା ଜେଲ୍ ଡିଆଇଜି ତାଙ୍କ ରିପୋର୍ଟ ଡିଜିଙ୍କୁ ଦେଇଥିବା ବେଳେ ସାମ୍ନାକୁ ଆସିଛି ଏ ସଙ୍ଗୀନ ତଥ୍ୟ। ଏପଟେ ଚୋର ଗଳାପରେ ଚେତା ପଶିବା ଭଳି ଗତକାଲି ସବୁ ଜିଲ୍ଲାପାଳ ଏସପିଙ୍କୁ ଚିଠି ଲେଖି, ଜେଲକୁ ସରପ୍ରାଇଜ୍ ଭିଜିଟ୍ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଜେଲ୍ ଡିଜି।



ଠିକରେ କାମ କରୁ ନଥିଲା ସିସିଟିଭି। ଡ୍ୟୁଟିରେ ଖିଲାପ କରୁଥିଲେ ୱାର୍ଡର। ମନିଟିରିଂ କରୁନଥିଲେ ଉଚ୍ଚ ଅଧିକାରୀ, ଆଉ ଖସିବାକୁ ଅପରାଧୀ କରିଥିଲେ ପ୍ରି ପ୍ଲାନିଂ। ଚୌଦ୍ୱାର ସର୍କଲ ଜେଲରୁ ଦୁଇ ହାର୍ଡକୋର ବିହାରୀ ଅପରାଧୀ ଖସିଯିବା ପଛରେ ଜେଲ କର୍ତ୍ତୃପକ୍ଷଙ୍କ ସାଂଘାତିକ ତ୍ରୁଟି। ଘଟଣାର ୧୧ ଦିନ ପରେ ବିଭାଗୀୟ ଡିଜିଙ୍କୁ ରିପୋର୍ଟ ଦେଇଛନ୍ତି ଜେଲ ବିଭାଗ ଡିଆଇଜି।

ଯେଉଁଥିରେ ସାମ୍ନାକୁ ଆସିଛି ଓଡ଼ିଶାର ସେଣ୍ଟ୍ରାଲ ଜେଲ କୁହାଯାଉଥିବା ଚୌଦ୍ୱାର ସର୍କଲ ଜେଲର ଗୁରୁତର ତ୍ରୁଟି ବିଚ୍ୟୁତି। ରିପୋର୍ଟ କହୁଛି, ଏ ସଂଗୀନ ଘଟଣାରେ ଜେଲ ଅଧୀକ୍ଷକ, ଜେଲର, ୱାର୍ଡରଙ୍କ ଭୁଲ ଜଳ ଜଳ ଦିଶୁଛି। ହାଇସିକ୍ୟୁରିଟି ଚୌଦ୍ୱାର ଜେଲର ୪ ଓ ୭ ନମ୍ବର ସେଲରେ ରହୁଥିଲେ ଅଭିଯୁକ୍ତ ରାଜା ଓ ମଧୁକାନ୍ତ। ୭ ନମ୍ବର ସେଲରେ ଥିବା କ୍ୟାମେରା ମୁହଁକୁ ବୁଲାଇ ଦିଆଯାଇଥିଲା। ଆଉ ୪ ନମ୍ବର ସେଲରେ ଥିବା କ୍ୟାମେରା ଆଗରେ ମଝିରେ ମଝିରେ କପଡ଼ା ଘୋଡାଇ ଦିଆଯାଉଥିଲା। ▶▶ପୃଷ୍ଠା ୭

## ସୁନାରୂପା ବଜାରରେ ବୃଦ୍ଧି ଜାରି: ନୂଆ ଶିଖରରେ ସୁନା ଓ ଚାନ୍ଦି

ନୂଆଦିଲ୍ଲୀ,୧୪/୧୦ : ଘରୋଇ ସୁନା ରୂପା ବଜାରରେ ସୁନା ଓ ଚାନ୍ଦିର ଦାମରେ ରେକର୍ଡ ବୃଦ୍ଧି ଆଜି ମଧ ଜାରି ରହିଛି। ଏହି ଦୁଇଟି ଧାତୁ ଆଜି ଆଉଥରେ ଏକ ନୂତନ ଉଚ୍ଚତାକୁ ଛୁଇଁଛି। ଆଜିର ବ୍ୟବସାୟରେ ସୁନା ୩୨୦ ଟଙ୍କାରୁ ନେଇ ୩୪୦ ଟଙ୍କା ପର୍ଯ୍ୟନ୍ତ ପ୍ରତି ୧୦ ଗ୍ରାମରେ ମହଙ୍ଗା ହୋଇଛି। ସେହିପରି ଚାନ୍ଦିର ଦାମ ୬,୦୦୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇଁ ନୂତନ ଉଚ୍ଚତାରେ ପହଂଚିଛି । ଦାମରେ ବୃଦ୍ଧି ଆସିଥିବାରୁ ଦେଶର ଅଧିକାଂଶ ସୁନାରୂପା ବଜାରରେ ୨୪ କ୍ୟାରେଟ ସୁନା ଆଜି ୧,୨୫,୪୧୦ ଟଙ୍କାରୁ ୧,୨୫,୫୬୦ ଟଙ୍କା ପର୍ଯ୍ୟନ୍ତ ପ୍ରତି ୧୦ ଗ୍ରାମରେ ବିକ୍ରି ହେଉଛି। ଏହିପରି ଭାବେ, ୨୨ କ୍ୟାରେଟ ସୁନା ଆଜି ୧,୧୪,୯୬୦ ଟଙ୍କାରୁ ୧,୧୫,୧୧୦ ଟଙ୍କା ପର୍ଯ୍ୟନ୍ତ ପ୍ରତି ୧୦ ଗ୍ରାମରେ ବିକ୍ରି ହେଉଛି। ସେହିପରି, ଚାନ୍ଦିର ଦାମରେ ମଧ ବୃଦ୍ଧି ହୋଇଥିବାରୁ ଏହି ଚମକୁଥିବା ଧାତୁ ଦିଲ୍ଲୀ ବଜାରରେ ଆଜି ୧,୮୫,୧୦୦ ଟଙ୍କା ପ୍ରତି କିଲୋଗ୍ରାମରେ ବିକ୍ରି ହେଉଛି। ଦିଲ୍ଲୀରେ ଆଜି ୨୪ କ୍ୟାରେଟ ସୁନା ୧,୨୫,୫୬୦ ଟଙ୍କା ପ୍ରତି ୧୦ ଗ୍ରାମ ଦରରେ ବ୍ୟବସାୟ ହେଉଛି, ଯେଉଁଠାରେ ୨୨ କ୍ୟାରେଟ ସୁନାର ଦାମ ୧,୧୫,୧୧୦ ଟଙ୍କା ପ୍ରତି ୧୦ ଗ୍ରାମ ରେକର୍ଡ କରାଯାଇଛି।

## ଯୋଗାଣ ମନ୍ତ୍ରୀଙ୍କ ବଡ଼ ସୂଚନା : ଇ-କେୱାଇସି କରିନଥିଲେ ଆସନ୍ତା ମାସରୁ ଚାଉଳ ବନ୍ଦ

ଭୁବନେଶ୍ୱର, ୧୪/୧୦ (ନି.ପ୍ର): ଆପଣ ଯଦି ରାସନ୍ କାର୍ଡରେ ଚାଉଳ ପାଉଛନ୍ତି ଆଉ ଇ-କେୱାଇସି କରିନାହାନ୍ତି , ତେବେ ଆପଣଙ୍କ ପାଇଁ ଆସିଛି ବଡ଼ ଖବର । କଟିବ ଆପଣଙ୍କ ରାସନ୍ କାର୍ଡ , ଆଉ ଚାଉଳ ଦେବେନି ସରକାର । ଏନେଇ ନିଜେ କହିଛନ୍ତି ଖୋଦ୍ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର । ଯୋଗାଣ ମନ୍ତ୍ରୀଙ୍କ କହିବା ଅନୁସାରେ, କେନ୍ଦ୍ର ସରକାର ଇ-କେୱାଇସି ବନ୍ଦ କରିଦେଇଛନ୍ତି । ହେଲେ ଏବେ ବି ରାଜ୍ୟର ପ୍ରାୟ ୧୫ ଲକ୍ଷ ୬୭ ହଜାରରୁ ଅଧିକ ରାସନ୍ କାର୍ଡ ହିତାଧିକାରୀ ଇ-କେୱାଇସି କରିନାହାନ୍ତି । ତେଣୁ ଏବେ ଆଉ ସମୟ ନଥିବା କାରଣରୁ ଆସନ୍ତା ମାସରୁ ଯେଉଁ ଲୋକମାନେ ଇ-କେୱାଇସି କରିନାହାନ୍ତି ସେମାନଙ୍କର ଚାଉଳ ବନ୍ଦ କରିଦିଆଯିବ । ସେ ଆହୁରି ମଧ କହିଛନ୍ତି ଆଉ ସମୟ ନାହିଁ, ଏବେ ବି କେୱାଇସି କରିନଥିବା ଲୋକଙ୍କୁ ଚାଉଳ ପଠାଯାଉଛି । ସେ ସବୁକୁ ତାକୁ ବନ୍ଦ କରିଦିଆଯିବ । ଯେଉଁମାନେ ଇ-କେୱାଇସି



କରିବେ ନାହିଁ ସେମାନଙ୍କ ପାଇଁ ଚାଉଳ ଯିବ ନାହିଁ । କେନ୍ଦ୍ର ସରକାର ସମୟ ବଢ଼େଇଲେ ଆମେ ମଧ ବଢ଼େଇବୁ । ଯଦି କିଏ ବାଦ ରହିଯାଇଥିବ ସେମାନେ ଲିଖିତ ଭାବେ ଦେଲେ ତାଙ୍କ କଥା ବିଚାର କରାଯିବ । ସୂଚନା ଅନୁସାରେ ଓଡ଼ିଶାରେ ରହୁଥିବା ଲକ୍ଷ ଲକ୍ଷ ହିତାଧିକାରୀ ଏବେ ବି ଇ-କେୱାଇସି ପ୍ରକ୍ରିୟାରେ ସାମିଲ ହୋଇନାହାନ୍ତି । ଇ-କେୱାଇସି ନକରିବା ପଛରେ ଅନେକ କାରଣ ରହିଛି । ଅନେକ ଅଯୋଗ୍ୟ ହିତାଧିକାରୀ ଧରାପଡିବା ଭୟରେ ଇ-କେୱାଇସି କରୁନାହାନ୍ତି । ଉପାନ୍ତ ଅଞ୍ଚଳରେ ନେଟୱାର୍କ ସମସ୍ୟା ଯୋଗୁଁ ▶▶ପୃଷ୍ଠା ୭

## ଆସିଲା ଦୀପାବଳି କଟକଣା : ମାତ୍ର ୨ ଘଣ୍ଟା ଫୁଟିବ ବାଣ

ଭୁବନେଶ୍ୱର, ୧୪/୧୦ (ନି.ପ୍ର): ପାଖେଇ ଆସିଲାଣି ଆଲୋକର ପର୍ବ ଦୀପାବଳି । ଚଳିତବର୍ଷ ଅକ୍ଟୋବର ୨୦ ତାରିଖରେ ସାରା ଦେଶ ପାଳନ କରିବ ଦୀପାବଳି । ତେବେ ପ୍ରତିଥର ବାଣକୁ ନେଇ ଗାଇଡଲାଇନ୍ ଆସୁଥିବା ବେଳେ ଚଳିତବର୍ଷ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ବାଣ ଫୁଟାଇବାର ସମୟକୁ ନେଇ ଗାଇଡଲାଇନ୍ ଆସିଛି । ଆଲୋକର ପର୍ବକୁ ଦୀପ ଜଳାଇ ପାଳନ କରିବା ସହ ବାଣ



ଫୁଟାଇବାର ସମୟ ସନ୍ଧ୍ୟା ୭ ଟାରୁ ୯ ଟା ପର୍ଯ୍ୟନ୍ତ ସୀମିତ ରଖିବାକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ନିର୍ଦ୍ଦେଶାବଳୀ ଜାରି କରାଯାଇଛି । ଖାଲି ୨ ଘଣ୍ଟାର ସମୟ ନୁହେଁ ଅଧିକ ଶବ୍ଦ ସୃଷ୍ଟି କରୁଥିବା ବାଣ ଫୁଟାଇବାକୁ ମଧ ବର୍ଜନ କରାଯାଇଛି । ଲୋକେ ଯେଉଁ ବାଣ ଫୁଟାଇବେ ତା'ର ଶବ୍ଦ ୧୨୫ ଡେସିବଲରୁ ଅଧିକ ହୋଇପାରିବ ନାହିଁ । ଶାନ୍ତି କ୍ଷେତ୍ର ଯେମିତିକି ବଗିଚା,ପାର୍କ , ହସ୍ପିଟାଲ୍ , ଶିକ୍ଷାନୁଷ୍ଠାନ , କୋର୍ଟ, ମନ୍ଦିର ପାଖରେ ବାଣ ଫୁଟାଇବାକୁ ବର୍ଜିତ କରାଯାଇଛି ।

## ବିହାରରେ ଆସିଲା ବିଜେପିର ପ୍ରଥମ ପ୍ରାର୍ଥୀ ତାଲିକା: ୭୧ ଜଣଙ୍କ ନାମରେ ବାଜିଲା ମୋହର

ନୂଆଦିଲ୍ଲୀ,୧୪/୧୦ : ବିହାର ବିଧାନସଭା ନିର୍ବାଚନ ପାଇଁ ବିଜେପି ପ୍ରଥମ ପ୍ରାର୍ଥୀ ତାଲିକା ପ୍ରକାଶ କରିଛି । ଏଥିରେ ୭୧ ଜଣ ସ୍ଥାନ ପାଇଛନ୍ତି । ଖୁବଶୀଘ୍ର ଦଳ ଅବଶିଷ୍ଟ ୩୦ ଜଣ ପ୍ରାର୍ଥୀଙ୍କ ନାଁ ଘୋଷଣା କରିବ । ଏନଡିଏରେ ଆସନ ବୁଝାମଣା ଅନୁସାରେ ବିହାରରେ ବିଜେପି ୧୦୧ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବ ବୋଲି ନିଷ୍ପତ୍ତି ନିଆଯାଇଛି । ବହୁ ବିଧାୟକ ଓ ବଡ଼ନେତା ବିଜେପିର ପ୍ରଥମ ପ୍ରାର୍ଥୀ ତାଲିକାରୁ ବାଦ୍ ପଡ଼ିଛନ୍ତି । ବିହାର ବିଧାନସଭାର ମୋଟ୍ ୨୪୩ ଆସନ ମଧ୍ୟରୁ ବିଜେପି ୧୦୧ ଆସନରେ ପ୍ରାର୍ଥୀ ଦେବ ବୋଲି ଦୁଇଦିନ ତଳେ ନ୍ୟାସନାଲ ଡେମୋକ୍ରାଟିକ୍ ଆଲାଏନ୍ସ- ଏନଡିଏ ବୈଠକରେ ନିଷ୍ପତ୍ତି ହୋଇଥିଲା। ମଙ୍ଗଳବାର ବିଜେପି ପ୍ରଥମ ପ୍ରାର୍ଥୀ ତାଲିକା ପ୍ରକାଶ କରିଛି । ତାଲିକାରେ ୭୧ ଜଣ ସ୍ଥାନ ପାଇଛନ୍ତି। ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ (ତାରାପୁର), ବିଜୟ କୁମାର ସିହ୍ନା (ଲଖିସରାଇ), ମନ୍ତ୍ରୀ ନିତିନ ନବୀନ (ବାଙ୍କୀପୁର) ଓ ରାମକୃପାଳ ଯାଦବ (ଦାନାପୁର) ଆସନରୁ ପ୍ରାର୍ଥୀ ହେବେ। ଦଳରେ ବହୁ ବିଚାରବିମର୍ଶ ପରେ ଏହି ନିଷ୍ପତ୍ତି ନିଆଯାଇଛି। ବାଚସ୍ପତି ନନ୍ଦକିଶୋର ଯାଦବଙ୍କ ସମେତ ୯ ଜଣ ବିଧାୟକଙ୍କୁ ବିଜେପି ଟିକେଟ୍ ଦେଇନାହିଁ । କିଛି ବଡ଼ନେତାଙ୍କୁ ଏଥର ବିଜେପି ରିପିଟ୍ କରିଛି । ମଙ୍ଗଳ ପାଣ୍ଡେୟ (ସିୱାନ), ସଞ୍ଜୟ ସରାବଗୀ (ଦରଭଙ୍ଗା), ନୀରଜ ବବଲୁ (ଛାତାପୁର) ପୂର୍ବତନ ଉପମୁଖ୍ୟମନ୍ତ୍ରୀ ରେଣୁ ଦେବୀ (ବେଟିଆ) ଏବଂ ତାରକିଶୋର ପ୍ରସାଦ (କଟିହାର) ଆସନରୁ ବିଜେପି ପ୍ରାର୍ଥୀ ହେବେ । ଏନଡିଏରେ ବିଜେପି ଭାଗରେ ପଡ଼ିଥିବା ଆଉ ୩୦ଟି ଆସନ ପାଇଁ ଖୁବଶୀଘ୍ର ପ୍ରାର୍ଥୀଙ୍କ ନା ଘୋଷଣା କରାଯିବ ।

## ଫେରିଲା କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ପଦ ବିବାଦ: ସିଦ୍ଦରମୈୟା ଓ ଡି.କେ ଶିବକୁମାର ମୁହାଁମୁହିଁ

ନୂଆଦିଲ୍ଲୀ,୧୪/୧୦ : କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ପଦବିକୁ ନେଇ ପୁଣି ବିବାଦ । ଏନେଇ ସିଦ୍ଦରମୈୟା ଓ ଡି.କେ ଶିବକୁମାର ପୁଣି ମୁହାଁମୁହିଁ ହୋଇଛନ୍ତି । କଂଗ୍ରେସ ହାଇକମାଣ୍ଡଙ୍କ ନିଷ୍ପତ୍ତି ଅନୁଯାୟୀ, ସିଦ୍ଦରମେୟା ଅଢ଼େଇ ବର୍ଷ ଓ ଡି.କେ ଶିବକୁମାର ଅଢ଼େଇ ବର୍ଷ ମୁଖ୍ୟମନ୍ତ୍ରୀ ରହିବା କଥା । ଆସନ୍ତା ନଭେମ୍ବର ମାସରେ ସିଦ୍ଦରମୈୟାଙ୍କ ଅଢ଼େଇ ବର୍ଷ ପୂରିବାକୁ ଯାଉଥିବାରୁ ବିବାଦର ସୂତ୍ରପାତ ହୋଇଛି । ୨୦୨୩ରେ କର୍ଣ୍ଣାଟକ ବିଧାନସଭା ନିର୍ବାଚନରେ କଂଗ୍ରେସ ଜିତିବା ପରେ ମୁଖ୍ୟମନ୍ତ୍ରୀ ପଦବି ନେଇ ବିବାଦ ସୃଷ୍ଟି ହୋଇଥିଲା । ସିଦ୍ଦରମୈୟା ଓ ଡି.କ ଶିବକୁମାର ମୁହାଁମୁହିଁ ହୋଇଥିଲେ। କଂଗ୍ରେସ ହାଇକମାଣ୍ଡଙ୍କ ହସ୍ତକ୍ଷେପ ପରେ ବିବାଦର ସମାଧାନ ହୋଇଥିଲା । ନିଷ୍ପତ୍ତି ଅନୁସାରେ, ପ୍ରଥମ ଅଢ଼େଇ ବର୍ଷ ପାଇଁ ସିଦ୍ଦରମୈୟା ମୁଖ୍ୟମନ୍ତ୍ରୀ ଓ ଡି.କେ ଶିବକୁମାର ଉପମୁଖ୍ୟମନ୍ତ୍ରୀ ଅଛନ୍ତି । ତେବେ ଆସନ୍ତା ନଭେମ୍ବର ମାସରେ ସିଦ୍ଦରମୈୟା ମୁଖ୍ୟମନ୍ତ୍ରୀ ହେବାର



ଅଢ଼େଇ ବର୍ଷ ପୂରୁଛି । ତା'ପରେ ଡି.କ ଶିବକୁମାର ମୁଖ୍ୟମନ୍ତ୍ରୀ ହେବା କଥା । କିନ୍ତୁ ସିଦ୍ଦରମୈୟା ଏବେ ଭିନ୍ନ ଯୁକ୍ତି ବାଢୁଛନ୍ତି । ଏନେଇ ଦଳରେ କନ୍ଦଳ ସୃଷ୍ଟି ହୋଇଛି । ପୁଣି ସିଦ୍ଦରମୈୟା ଓ ଡି.କେ ଶିବକୁମାର ମୁହାଁମୁହିଁ ହୋଇଛନ୍ତି । ସିଦ୍ଦରମୈୟାଙ୍କ କହିବା କଥା, ନେତା ବାଛିବାରେ ଉଭୟ ବିଧାୟକ ଦଳ ଓ ହାଇକମାଣ୍ଡଙ୍କ ଭୂମିକା ରହିଛି । କିନ୍ତୁ ଡି.କେ ଶିବକୁମାର କହିଛନ୍ତି, ହାଇକମାଣ୍ଡ ହିଁ ଚୂଡ଼ାନ୍ତ ନେତା ବାଛନ୍ତି । ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କ ସହ ଡି.କେ ଶିବକୁମାରଙ୍କର ଭଲ ସମ୍ପର୍କ ରହିଛି । ତେଣୁ କର୍ଣ୍ଣାଟକର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବେ ବୋଲି ଶିବକୁମାର ଆଶାବାଦୀ ଅଛନ୍ତି । କିନ୍ତୁ ସିଦ୍ଦରମୈୟା ଦବି ଯିବା ଅବସ୍ଥାରେ ନାହାନ୍ତି । ଅଧିକ ବିଧାୟକଙ୍କ ସମର୍ଥନରେ ପଦବି ବଜାୟ ରଖିବେ ବୋଲି ସିଦ୍ଦରମୈୟା ଦମ୍ଭୋକ୍ତି ପ୍ରକାଶ କରିଛନ୍ତି । ଏହାକୁ ନେଇ ବିବାଦ ବଢ଼ିବାରେ ଲାଗିଛି।

# ଧାମନଗର ମେଡିକାଲରେ ରୋଗୀ କଲ୍ୟାଣ ସମିତି ବୈଠକ

ଭଦ୍ରକ, ୧୪/୧୦ (ନି.ପ୍ର): ଭଦ୍ରକ ଜିଲା ଧାମନଗର ମେଡିକାଲ ରେ ପରିଚାଳନା ପାଇଁ ରୋଗୀ କଲ୍ୟାଣ ସମିତି ବୈଠକ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକ ରେ ଉଚ୍ଚଶିକ୍ଷା ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ସୂର୍ଯ୍ୟବଂଶୀ ସୁରଜ୍ ଯୋଗ ଦେଇ ମେଡିକାଲ ର ଯାହା ଆବଶ୍ୟକ ଖୁବ୍ ଶିଘ୍ର ପୂରଣ କରାଯିବ । ଉକ୍ତ ମେଡିକାଲରେ ଡାକ୍ତର ଥିଲେ ମଧ୍ୟ ସେମାନଙ୍କୁ ଡେପୁଟେସନ ରେ ଅନ୍ୟ ମେଡ଼ିକାଲକୁ ପଠା ଯାଉଥିବାରୁ ଧାମନଗର ରେ ରୋଗିସେବା ବିପର୍ଯ୍ୟସ୍ତ ହୋଇପଡୁଛି । ତେବେ ୨୦୨୬ ଏପ୍ରିଲ ମାସ ପରେ ଡାକ୍ତର ସମସ୍ୟା ଦୁର ହେବ ବୋଲି ମନ୍ତ୍ରୀ କହିଥିଲେ । ଗୋଟିଏ ଛାତ ସମସ୍ତ ସେବା ପାଇଁ ଅର୍ଥ ଆସିଥିଲେ ମଧ ସ୍ଥାନ ଅଭାବରୁ କାର୍ଯ୍ୟ ଆରମ୍ଭ ହୋଇ ପାରୁନାହିଁ ବୋଲି ବୈଠକରେ ଆଲୋଚନା ହୋଇଥିଲା । ତେବେ ଏଥିପାଇଁ ୪ ଜଣିଆ ଟିମ୍ ଗଠନ କରା ଯାଇ ସ୍ଥାନ ଚିହ୍ନଟ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ । ଅପର ପକ୍ଷରେ ଡାକ୍ତରଖାନା ରେ ୨୦ ବର୍ଷ ତଳେ ଏକ୍ସ ରେ ମେଶିନି ଥିବା ବେଳେ ତାହା ବାରମ୍ବାର ଖରାପ ହେଉଛି ଏ ନେଇ ଆଲୋଚନା କରାଯାଇଥିଲା । ମେଡିକାଲରେ ଗୋଟିଏ ଟିକେଟ କାଉଂଟର ରେ ଭିଡ ରହୁଥିବାରୁ ଆଉ ଗୋଟିଏ କାଉଂଟର ଖୋଲିବାକୁ ନିଷ୍ପତି ହୋଇଥିଲା,ସେହି କାଉଂଟର ରେ ବିଶେଷ କରି ଭିନ୍ନକ୍ଷମ, ବରିଷ୍ଠ ନାଗରିକ,ମହିଳା ଓ ଜରୁରୀ କାଳୀନ ପାଇଁ ଉଦ୍ଦିଷ୍ଟ ରହିବ ବୋଲି ନିଷ୍ପତି ହୋଇଥିଲା। ସେହିପରି ଡାକ୍ତରଖାନା ପରିସରରେ ପାନ, ସିଗାରେଟ ଇତ୍ୟାଦି ସେବନ କଲେ ସେମାନଙ୍କ ଙ୍କ ଉପରେ ୫ ଶହ ଟଙ୍କା ଫାଇନି କରାଯିବ ଓ ସେ ପାଇଁ ପୋଲିସ ର ସହଯୋଗ ନିଆଯିବାକୁ ସ୍ଥିର ହୋଇ ଥିଲା। ତେବେ ଏ ନେଇ ପ୍ରଥମେ ସଚେତନ କରିବା ସହ ଡାକ୍ତରଖାନା ପରିସର ରେ ସାଇନି ବୋଡ ମାରିବାକୁ ମଧ ନିଷ୍ପତି ହୋଇଥିଲା । ପରେ ଆୟ ବେୟ ର ହିସାବ କରା ଯାଇଥିଲା। ଏହି ବୈଠକ ରେ ଅନ୍ୟ ମାନଙ୍କ ମଧରେ ଧାମନଗର ଏନ ଏ ସି ଅଧକ୍ଷା ନିବେଦିତା ଜେନା, ବିଡିଓ ବନ ବିହାରୀ ଦିନ୍ଧା, ଡାକ୍ତର ମନ୍ମୟ ସାମନ୍ତ ସିଂହାର, ଏନ ଏଚ ଏମ ର ଜିଲ୍ଲା ପ୍ରୋଗ୍ରାମ ଅଫିସର ବନ ବିହାରୀ ମିଶ୍ର ,ଜନ୍ମେଜୟ ଜେନା,ସମେତ ରୋଗୀ କଲ୍ୟାଣ ସମିତି ର ସଦସ୍ୟ ମାନେ ଉପସ୍ଥିତ ଥିଲେ।

# ଖାଲିଆମେଂଟା କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ

ଘାଟଗାଁ, ୧୪/୧୦ (ନି.ପ୍ର): କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ଅନ୍ତର୍ଗତ ଖାଲିଆମେଂଟା କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଧନେଇ ସରକାରୀ ଉଚ୍ଚବିଦ୍ୟାଳୟ ରେ ସିଆରସିସି ଜଗନ୍ନାଥ ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ବରାଳଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବରେ ସରପଂଚ ବୃନ୍ଦାବନ ଜେନା ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଏଥିରେ ବରିଷ୍ଠ ଓ କନିଷ୍ଠ ବର୍ଗରେ ତର୍କ, ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ, ସୃଜନଶୀଳ ଲେଖନ, ସଙ୍ଗୀତ, ନୃତ୍ୟ ଓ ସାଧାରଣ ଜ୍ଞାନ ଆଦି ବିଭିନ୍ନ ବିଷୟରେ ପ୍ରତିଯୋଗିତା ହୋଇଥିଲା। ଏହି ସମସ୍ତ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀ ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ସୁରଭିରେ ଅଂଶଗ୍ରହଣ କରିପାରିବେ। ଏହି କାର୍ଯ୍ୟକ୍ରମରେ ବିଚାରକ ଭାବରେ ତପନ ଦାଶ, ଦିପ୍ତୀରଞ୍ଜନ ଜେନା, ମଣ୍ଡଳ ପଣ୍ଡା, ଲକ୍ଷ୍ମଣ ସୋରେନ, ଦେବାନନ୍ଦ ଜେନା, ପ୍ରଦିପ ପାତ୍ର ସହଯୋଗ କରିଥିଲେ।

# କୋକସରା ବ୍ଲକସ୍ତରୀୟ ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ

ଭବାନୀପାଟଣା, ୧୪/୧୦ (ନି.ପ୍ର): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକସ୍ତରୀୟ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନଶୁଣାଣୀ ଓ ସମାଧାନ ଶିବିର ବ୍ଲକ କାର୍ଯ୍ୟାଳୟ ସଭାଗୃହ ଠାରେ ଆଜି ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ପାଣ୍ଡ଼ୱର ସଚିନ ପ୍ରକାଶ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନଶୁଣାଣି ଶିବିରରେ ବ୍ଲକର ବିଭିନ୍ନ ଅଂଚଳରୁ ଆସିଥିବା ୫୬ ଗୋଟି ଆପତି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା ସେଥିମଧ୍ୟରୁ ବ୍ୟକ୍ତିଗତ ୨୭ ଗୋଟି ଓ ସାମୂହିକ ୨୮ ଗୋଟି ରହିଥିବା ବେଳେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରଯାଇଥିଲା । ଏଥିରେ ୧୨ ଗୋଟି ଆପତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ଏହି ଯୁଗ୍ମ ଜନଶୁଣାଣି ଶିବିରରେ ଭତା, ପ୍ରଧାନମନ୍ତ୍ରୀ ଆବାସ,ରାସ୍ତା ନିର୍ମାଣ, ସ୍କୁଲଘର ମରାମତି,ପୋଲିସ କେଶ୍, ନିଯୁକ୍ତି, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବେସାମରିକ ଯୋଗାଣ, ଜଳସେଚନ, ସାମାଜିକ ସୁରକ୍ଷା, ଶିଶୁ ସୁରକ୍ଷା, ଗ୍ରାମ୍ୟ ଉନ୍ନୟନ, ପୂର୍ତ ବିଭାଗ, ଜଙ୍ଗଲ ବିଭାଗ, ତହସିଲ, ବ୍ଲକ ଇତ୍ୟାଦି ବିଭାଗୀୟ ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା ସମ୍ପର୍କିତ ଆପତି ଅଭିଯୋଗ ଜିଲ୍ଲାପାଳ ପାଣ୍ଡ଼ୱର ସଚିନ ପ୍ରକାଶ ଶୁଣାଣି କରି ଏହି ସବୁ ସମସ୍ୟାର ତୁରନ୍ତ ସମାଧାନ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଏଥି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହି ଶିବିରରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ, ଦୟାମୟ ପାଢ଼ୀ, ଉପ ଜିଲ୍ଲାପାଳ ଧର୍ମଗଡ଼, ପ୍ରେକ୍ଷା ଅଗ୍ରୱାଲ, ଅତିରିକ୍ତ ଜିଲ୍ଲା ଉନ୍ନୟନ ଅଧିକାରୀ,ଜିଲ୍ଲାପରିଷଦ ଦୁର୍ଯ୍ୟୋଧନ ଭୋଇ, ପଂଚାୟତ ସମିତି ଅଧକ୍ଷ ରାଜୀବ ଅଗ୍ରୱାଲ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ହିମାଚଳ ମାଝୀ, ପିଏ ଆଇଟି ଡି ଏ, ପ୍ରଦ୍ୟୁମ୍ନ କୁମାର ଦାସ,ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ଜିଲ୍ଲା ଅବକାରୀ ଅଧିକ୍ଷକ ରଞ୍ଜନ କୁମାର ନାୟକ,ସହ ନିର୍ଦ୍ଦେଶକ ଜିଲ୍ଲା ସ୍ୱଳ୍ପ ସଂଚୟ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ,ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ,ଜିଲ୍ଲା ସାମାଜ କଲ୍ୟାଣ ଅଧିକାରୀ ମଜିବୁନ ନିଶା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଓ ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

# ମୋଟୁ ପଞ୍ଚାୟତରେ ମନରେଗା ରାସ୍ତା କାମରେ ଅନିୟମିତତା : ଅଧିକାରୀଙ୍କ ଭୂମିକାକୁ ନେଇ ସନ୍ଦେହ

ମାଲକାନଗିରି, ୧୪/୧୦ (ନି.ପ୍ର): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ମୋଟୁ ପଞ୍ଚାୟତରେ ମନରେଗା ଯୋଜନା ପାଲଟିଛି ପ୍ରହସନ । ଏହି ଲୋକାଭିମୁଖି ଯୋଜନାରେ ପ୍ରକୃତ ଜବକାର୍ଡ ଧାରୀ ମାନେ କାମ ନ ପାଇ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଥିବା ବେଳେ ଏହି ଯୋଜନାରେ କେତେକ ସ୍ଥାନରେ ବାହାର ଜିଲ୍ଲାର ଶ୍ରମିକ ଓ ମେସିନ ସାହାଯ୍ୟରେ କାମ କରୁଥିବା ଦେଖିବାକୁ ମିଳିଛି । ସୂଚନା ମୁତାବକ କାଲିମେଳା ବ୍ଲକ ଅନ୍ତର୍ଗତ ମୋଟୁ ପଞ୍ଚାୟତର କାଟାଗୁଡା ଠାରୁ ପିନାମାଦିଗୁରୁ କୁ ମନରେଗା ଯୋଜନାରେ ନିର୍ମିତ କୋଡ଼ ନମ୍ବର ୧୦୬୦୪୫୦୩ ରାସ୍ତାରେ ୨୦୨୪-୨୫ ଆର୍ଥିକ ବର୍ଷରେ ୯ ଲକ୍ଷ ୩୪ ହଜାର ଟଙ୍କା ଏବଂ ପିନାମାଦିଗୁରୁ ଠାରୁ କାଟାଗୁଡା କୁ ନିର୍ମିତ କୋଡ଼ ନମ୍ବର ୧୦୬୦୪୫୦୭ ରାସ୍ତାରେ ୨୦୨୪-୨୫ ଆର୍ଥିକ ବର୍ଷରେ ୬,୧୯୦୦୦ ହଜାର ଟଙ୍କା ବ୍ୟୟ ଅଟକଳରେ ରାସ୍ତା କାମ ହୋଇଛି । ତେବେ ଏଭଳି ଏକ ମହତ୍ ଯୋଜନାକୁ ବିଭାଗୀୟ ଅଧିକାରୀ ଅର୍ଥର ଲାଳସାରେ ଲୋକଙ୍କୁ ନେଇ କାମ କରାଇବା ପରିବର୍ତେ କିଛି ଠିକାଦାରଙ୍କ ସହଯୋଗରେ କିଛି ମାସ ତଳେ ମେସିନ ଲଗାଇ ପ୍ରକଳ୍ପକୁ ଚଟାପଟ ସାରି ଦେଇଥିବା ଅଭିଯୋଗ ହୋଇଛି । ଏହାସହ ବର୍ତମାନ ଫଟୋ ରୁ ଫଟୋ ଉଠାଇ ଏନଏମଏସ କରାଯାଉଥିବା ଅଭିଯୋଗ ହୋଇଛି । ଏହାସର୍ତେ ତୃଣମୂଳ ସ୍ତରରେ ଏହି ଯୋଜନା ସରକାରୀ ବାବୁ ଓ ଠିକାଦାରଙ୍କ ମଧୁ ଚନ୍ଦ୍ରିକାରେ ଚାଲିଥିବା ବେଳେ ଉଭୟ ବ୍ୟାପକ ପରିମାଣରେ ଅର୍ଥ ବାଟମାରଣା କରିବା ଭଳି ଚିତ୍ର ସାମ୍ନାକୁ ଆସିଛି । ସ୍ଥାନୀୟ କିମ୍ବା ପଞ୍ଚାୟତ ଅର୍ନ୍ତଗତ ଶ୍ରମିକ ଦ୍ୱାରା ଏହି କାର୍ଯ୍ୟ କରିବା ନିୟମାବଳୀ ରେ ରହିଥିବା ସତ୍ତ୍ୱେ ଅତ୍ୟଧିକ ଲାଭବାନ ହେବାକୁ ଲକ୍ଷ୍ୟ ରଖି ବେଆଇନ୍ ଭାବେ ଶ୍ରମିକ ବଦଳରେ ପୋକ୍ଲିନ ମେସିନ୍ ଦ୍ୱାରା କାମ କରାଇ ବର୍ତ୍ତମାନ ସ୍ଥାନୀୟ ଜବକାର୍ଡ ଧାରୀଙ୍କ ଆକାଉଣ୍ଟକୁ ଅସାଧୁ ଉପାୟରେ ଟଙ୍କା ପଠାଇ ଲକ୍ଷ ଲକ୍ଷ ଟଙ୍କା ହଡ଼ପ କରାଯାଉଥିବା ଜଣାପଡ଼ିଛି । ସ୍ଥାନୀୟ ଅଧିକାରୀଙ୍କ ସହ ମଧୁଚନ୍ଦ୍ରିକା ବିନା ଏପରି ଦୁର୍ନୀତି ପୂର୍ଣ୍ଣ କାର୍ଯ୍ୟ ସମ୍ଭବ ନାହିଁ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଥିବା ବେଳେ, ଏପରି ଦୁର୍ନୀତି ପୂର୍ଣ୍ଣ କାର୍ଯ୍ୟ ତଥା କାର୍ଯ୍ୟ କରୁଥିବା ଅଧିକାରୀଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଜରୁରୀ ବୋଲି ସାଧାରଣରେ ଦାବି ହେଉଛି । ତେବେ ଏନେଇ ସମ୍ପୃକ୍ତ ପଞ୍ଚାୟତର ଏଡିଇଓ ଗଙ୍ଗାଧର ବିଶୋଇଙ୍କ ସହ ଯୋଗା ଯୋଗ କରିବାରୁ ସେ ଏହାର ତଦନ୍ତ କରି ସୂଚନା ଦେବେ ବୋଲି କହିଛନ୍ତି ।

# ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ଜୟପୁର, ୧୪/୧୦ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ଫାମ୍ପୁଣି ଠାରେ ପଞ୍ଚାୟତ ସ୍ତରିୟ ଅଭିଯୋଗ ଓ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ଏହି ଅଭିଯୋଗ ଶୁଣାଣିରେ ଜୟପୁର ଏବିଡିଓ ମନୋଜ ନାୟକ, ସହକାରି ନିର୍ବାହୀ ଯନ୍ତ୍ରୀ ବିଜୟ ନନ୍ଦ, ପ୍ରୋଗ୍ରାମ ଆସିଷ୍ଟାଣ୍ଟ ସସ୍ମିତା ପରିଡା ଉପସ୍ଥିତ ଥିଲେ । ଏଥିରେ ପଞ୍ଚାୟତର ବିଭିନ୍ନ ଗ୍ରାମର ଗ୍ରାମବାସୀ ଉପସ୍ଥିତ ଥିଲେ । ଗ୍ରାମବାସୀ ମାନେ ବିଭାଗର ଅଧିକାରୀ ମାନଙ୍କୁ ସମସ୍ୟା ଅଭିଯୋଗ ଜଣାଇଥିଲେ । ରାସ୍ତା ନିର୍ମାଣ, ଅଙ୍ଗନବାଡୀ ନିର୍ମାଣ, ମରାମତି ସମସ୍ୟା ସମାଧାନ ବିଭିନ୍ନ ମୌଳିକ ସମସ୍ୟା ଅଭିଯୋଗର ଶୁଣାଣି ହୋଇଥିଲା । ଏହା ସହ ବିଭିନ୍ନ ସରକାରୀ ଯୋଜନା ର ଲାଭ କିପରି ପାଇବେ ସେ ନେଇ ଉପସ୍ଥିତ ଅଧିକାରୀ ମାନେ ଉପସ୍ଥିତ ରହି ସଚେତନ କରିଥିଲେ । ରାବଣାଗୁଡା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ସ୍ୱାସ୍ଥ୍ୟ ଶିବିର ଆୟୋଜନ ହୋଇଥିଲା ।

# ଖାଲିଆମେଂଟ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ

ଘାଟଗାଁ , ୧୪/୧୦ (ନି.ପ୍ର): କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ଅନ୍ତର୍ଗତ ଖାଲିଆମେଂଟ କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଧନେଇ ସରକାରୀ ଉଚ୍ଚବିଦ୍ୟାଳୟରେ ସିଆରସିସି ଜଗନ୍ନାଥ ଜେନା ଙ୍କ ସଂଯୋଜନା ରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ବରାଳଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବରେ ସରପଂଚ ବୃନ୍ଦାବନ ଜେନା ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଏଥିରେ ବରିଷ୍ଠ ଓ କନିଷ୍ଠ ବର୍ଗରେ ତର୍କ, ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ, ସୃଜନଶୀଳ ଲେଖନ, ସଙ୍ଗୀତ, ନୃତ୍ୟ ଓ ସାଧାରଣ ଜ୍ଞାନ ଆଦି ବିଭିନ୍ନ ବିଷୟରେ ପ୍ରତିଯୋଗିତା ହୋଇଥିଲା । ଏହି ସମସ୍ତ ପ୍ରତିଯୋଗିତା ରେ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀ ବ୍ଲକ୍ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ରେ ଅଂଶଗ୍ରହଣ କରିପାରିବେ।

# ସୁବର୍ଣ୍ଣପୁର ଜିଲ୍ଲାର ବିନିକା ବ୍ଲକସ୍ତରୀୟ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ସୁବର୍ଣ୍ଣପୁର, ୧୪/୧୦ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକସ୍ତରୀୟ ମିଳିତ ଅଭିଯୋଗ ଶୁଣାଣୀ ଓ ଉପଶମ ଶିବିର ବିନିକା ପଂଚାୟତ ସମିତି ଅନ୍ତର୍ଗତ ଶଙ୍କରା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ, ସୁବର୍ଣ୍ଣପୁର, ଶ୍ରୀ ରାଜେନ୍ଦ୍ର ମାଝୀ ଓ ଆରକ୍ଷୀ ଅଧିକ୍ଷକ ଶ୍ରୀ ନାରାୟଣ ନାଏକ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତି ଓ ସମସ୍ୟା ନିହିତ ସର୍ବମୋଟ ୧୮୭(ଏକ ଶହ ସତାଅଶି ) ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ତନ୍ମଧ୍ୟରୁ ୧୬୭(ଏକ ଶହ ସତସଠି) ଗୋଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ୨୦(କୋଡ଼ିଏ) ଗୋଟି ସାମୁହିକ ଦରଖାସ୍ତ କରାଯାଇଥିଲା । ସମସ୍ତ ସାମୁହିକ ଓ ବ୍ୟକ୍ତିଗତ ଅଭିଯୋଗ ଦରଖାସ୍ତଗୁଡ଼ିକୁ ନିର୍ଦ୍ଧିଷ୍ଟ ସମୟ ମଧରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ବିଡ଼ିଓ, ବିନିକା, ଶ୍ରୀ ମଂଟ ଖମାରୀ ଓ ସରପଂଚ, ଶଙ୍କରା ଗ୍ରାମ ପଂଚାୟତ, ଶ୍ରୀ ଅଶୋକ କୁମାର ପୃଷ୍ଟିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏହି ଯୁଗ୍ମ ଅଭିଯୋଗ ଶୁଣାଣୀରେ, ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ସୁବର୍ଣ୍ଣପୁର, ଶ୍ରୀମତି ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର, ଶ୍ରୀ ଅଶ୍ୱିନୀ କୁମାର ମେହେର, ଭାରପ୍ରାପ୍ତ ଉପ-ଜିଲ୍ଲାପାଳ, ସୋନପୁର ତଥା ଡେପୁଟି କଲେକ୍ଟର, ଶ୍ରୀ ସତ୍ୟ ସୁନ୍ଦର ରାଉତଙ୍କ ସମେତ ତହସିଲଦାର, ବିନିକା, ସୁଶ୍ରୀ ରସନା ଭୋଇ ତଥା ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକସ୍ତରୀୟ ଅଧିକାରୀ, କର୍ମଚାରୀବୃନ୍ଦଙ୍କ ସମେତ ଜିଲ୍ଲା ପଂଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ସୁବର୍ଣ୍ଣପୁର ଶ୍ରୀ ଅର୍ଜୁନ ମାଝୀଙ୍କ ସହିତ ବିଭିନ୍ନ ସମ୍ବାଦ ପତ୍ରର ସାମ୍ବାଦିକ ଓ ବୈଦ୍ୟୁତିକ ଗଣମାଧମର ପ୍ରତିନିଧିମାନେ ଯୋଗଦାନ କରିଥିଲେ।

# ଆଗଲପୁର ବ୍ଲକରେ ଜିଲ୍ଲା ପ୍ରଶାସନର ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ

ବଲାଙ୍ଗିର, ୧୪/୧୦ (ନି.ପ୍ର): ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ଅନୁସାରେ ଆଜି ଆଗଲପୁର ବ୍ଲକ ମୁଖ୍ୟାଳୟରେ ଜିଲ୍ଲା ପ୍ରଶାସନର ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଛି । ଏହି ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଗୌରବ୍ ଶିଓ୍ୱାଜୀ ଇସଲଓ୍ୱାର, ଆରକ୍ଷୀ ଅଧିକ୍ଷକ ଅଭିଲାଷ ଜି ଙ୍କୁ ସମୁଦାୟ ୪୯ ଗୋଟି ଅଭିଯୋଗ ଦାଖଲ ହୋଇଥିଲା । ତନ୍ମଧ୍ୟରୁ ୩୬ଟି ବ୍ୟକ୍ତିଗତ ଅଭିଯୋଗ ଓ ଅବଶିଷ୍ଟ ୧୩ ଗୋଟି ସାମୁହିକ ଅଭିଯୋଗ ଥିଲା । ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ମାନେ ଜନସାଧାରଣଙ୍କ ସମସ୍ତ ଅଭିଯୋଗ ଓ ସମସ୍ୟା ଗୁଡିକର ଶୁଣାଣୀ କରି ୯ଟି ମାମଲାର ଶୁଣାଣୀର ତୁରନ୍ତ ସମାଧାନ କରିଥିଲେ ଏବଂ ବାକି ଥିବା ମାମଲା ଗୁଡିକୁ ସମ୍ପୃକ୍ତ ବିଭାଗର ଅଧିକାରୀ ଙ୍କୁ ଯଥା ଶୀଘ୍ର ସମାଧାନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହି ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ନିର୍ବାହୀ ଅଧିକାରୀ-ତଥା-ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲାପରିଷଦ, ତରଣୀ ସୁନା, ବଲାଙ୍ଗିର ଉପ ଜିଲ୍ଲାପାଳ, ଆଲୋକ କୁମାର ପଟେଲ, ଆସିଷ୍ଟାଣ୍ଟ କଲେକ୍ଟର (ସାଧାରଣ ଓ ବିବିଧ) ରାମ ନାରାୟଣ ମିଶ୍ର, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ସ୍ନିଗ୍ଧା ରାଣୀ ତ୍ରିପାଠୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ବନ୍ତରେ ଜନ ଅଭିଯୋଗ ଶୁଣାଣି ଶିବିର

ଭଦ୍ରକ, ୧୪/୧୦ (ନି.ପ୍ର): ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ସମ୍ମିଳନୀ କକ୍ଷରେ ଭଦ୍ରକ ଜିଲ୍ଲାପାଳ ଦୀଲିପ କୁମାର ରାଉତରାୟ ଯୋଗ ଦେଇ ୮୫ ଅଭିଯୋଗର ଶୁଣାଣୀ କରିଥିଲେ । ସେଥି ମଧରେ ସରକାରୀ ସହାୟତା ୧୨, ଭତା ୬, ରାସନ କାର୍ଡ ୬, ଆର.ଓ.ଆର ସଂଶୋଧନ ୫, ଧାନ ପ୍ରକ୍ରିୟାକରଣ ୪, ରାସ୍ତା ମରାମତି ୪, ପ୍ରଧାନମନ୍ତ୍ରୀ ଆବାସ ୩, ଜବର ଦଖଲ ଉଚ୍ଛେଦ ୩, ଜମିଜମା ୩, ଭୂମିହୀନଙ୍କୁ ପଟ୍ଟା ୩, ଅଙ୍ଗନୱାଡି ୨ ଆଦିର ଅଭିଯୋଗଥିଲା । ସେହିପରି ନାମଜାରୀ, ଥାନା, ପୂର୍ତ ବିଭାଗ କାର୍ଯ୍ୟରେ ଦୁର୍ନୀତି, ଜଳ ନିଷ୍କାସନ, ଲେବର କାର୍ଡ ଷ୍ଟାଇପେଣ୍ଡ, ଶିକ୍ଷକ ନିଯୁକ୍ତି, ସ୍ପିଡି ବ୍ରେକର ନିର୍ମାଣ, ପିଏମ୍ କିଶାନ ଓ ସିଏମ କିଶାନ, ବିଦ୍ୟୁତ୍, ବିକ୍ରି କବଲା ବାତିଲ, ବସୁନ୍ଧରା ଯୋଜନା, ରାସନ ଚାଉଳ, ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ, ରାସ୍ତା ଓ ଚାଷ ଜମିରୁ ଜବର ଦଖଲ ଉଚ୍ଛେଦ, ସିନ୍ଧୁକେଶ୍ୱର ମହାଦେବ ମନ୍ଦିରର ପୁନରୁଦ୍ଧାର, କେନାଲ ପାଣି, ଉଠା ଜଳ ସେଚନ, ପ୍ରଧାନମନ୍ତ୍ରୀ ଆବାସ ବୋନସ ଅର୍ଥ, ଶ୍ରବଣ ଯନ୍ତ୍ର ପ୍ରଦାନ ଆଦି ଅଭିଯୋଗ ରହିଥିଲା । ସେହିପରି ଗତ ୨୪-୩-୨୦୨୫ ଅଭିଯୋଗ ଶୁଣାଣିରେ ହୋଇଥିବା ଅଭିଯୋଗରେ କାର୍ଯ୍ୟାନୁଷ୍ଠାନ ହୋଇ ନଥିବା ନେଇ ଷେଣ୍ଟତୀରା ପଚାଂୟତ ଆଳମଙ୍ଗା ଗ୍ରାମର ରମେଶ ଜେନା ଅଭିଯୋଗ କରିଥିଲେ । ବସନ୍ତିଆ ସମବାୟ ସମିତିରେ ତାଲା ପକା ଯିବା ସମ୍ବନ୍ଧରେ ସମିତିର ସଭାପତି ବସନ୍ତ କୁମାର ବେହେରା ଓ ଅନ୍ୟ ମାନେ ଅଭିଯୋଗ କରିଥିଲେ । ଚାଇଁପୁର ସମବାୟ ସମିତିରେ ସମ୍ପାଦକ ଓ ସହ-ସମ୍ପାଦକ ନିଯୁକ୍ତି କରିବା ନେଇ ସମିତିର ସଭାପତି ଅଜୟ କୁମାର ନାୟକ ଅଭିଯୋଗ କରିଥିଲେ । ବସନ୍ତିଆ ସମବାୟ ସମିତି ବିରୁଦ୍ଧରେ ସୁଶୀଲ କୁମାର ମୈକାପଙ୍କ ସମେତ ଅନ୍ୟ ମାନେ ଅଭିଯୋଗ କରିଥିଲେ। ତୋଡଗାଁ ପିଇଓଙ୍କ ବିରୁଦ୍ଧରେ ରଜନୀ ଶିଅଳ ଅଭିଯୋଗ କରିଥିଲେ । ସମବାୟ ସମିତି ସମ୍ପାଦକଙ୍କ ବିରୁଦ୍ଧରେ ତରାଗୋ ଗ୍ରାମର ନିରଞ୍ଜନ ଖଟୁଆ ଅଭିଯୋଗ କରିଥିଲେ । ଏହି ଶିବିରରେ ଅତିରିକ୍ତ ଜିଲା ଆରକ୍ଷୀ ଅଧିକ୍ଷକ ଅରୁପ ଅଭିଷେକ ବେହେରା, ଏଡିଏମ(ରେଭିନ୍ୟୁ) ରବି ନାରାୟଣ ସାହୁ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର କୁମାର ସାମଲ, ଉପ-ଜିଲ୍ଲାପାଳ ସୌରଭ ଚକ୍ରବର୍ତୀ, ଡେପୁଟି କଲେକ୍ଟର(ଜି.ଏମ) ଜ୍ଞାନ ରଞ୍ଜନ ସାହୁ, ବିଡିଓ ସୀତାକାନ୍ତ ରାଉତ, ବ୍ଲକ ଅଧକ୍ଷ ମନୋରଞ୍ଜନ ଘଡେଇ, ତହସିଲଦାର ସାରା ହେମ୍ବ୍ରମ, ଡିଏସଏସଓ ସୁବାଷ ଚନ୍ଦ୍ର ନାୟକ, ଡିଏସଡବ୍ଲୁଓ, ସିଏସଓ ମନ ମୋହନ ପଟ୍ଟନାୟକ, ସହକାରୀ ଜିଲ୍ଲା ଶ୍ରମ ଅଧିକାରୀ ରତ୍ନାକର ମଲ୍ଲିକ, ପୂର୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ପରମାନନ୍ଦ ବେହେରା, ଆର.ଡବ୍ଲୁ-୧ ଅଧିକ୍ଷଣ ଯନ୍ତ୍ରୀ ଗଣେଶ ହେମ୍ବ୍ରମ୍, ଡ୍ରେନେଜ୍ ଅଧିକ୍ଷଣ ଯନ୍ତ୍ରୀ ପ୍ରିୟବ୍ରତ ବେହେରା, ଟିପିଏନଓଡିଏଲ ଏସଡିଓ ଦୀପ୍ତି ରଞ୍ଜନ ବିଶ୍ୱାଳ, ସିଡିଭିଓ ହୃଷିକେଶ ବେହେରା, ଆରଡବ୍ଲ୍ୟୁଏସଏସ ଅଧିକ୍ଷଣ ଯନ୍ତ୍ରୀ, ଡ୍ରେନେଜ୍ ଅଧିକ୍ଷଣ ଯନ୍ତ୍ରୀ, ଜିଲା ମୃତିକା ସଂରକ୍ଷଣ ଅଧିକାରୀ, ଜିପିଡିଓ ସୂଚୀସ୍ମିତା ବାରିକ, ଆର.ଡବ୍ଲ୍ୟୁ.ଏସ.ଏସ କନିଷ୍ଠ ଯନ୍ତ୍ରୀ ଭବାନୀ ଶଙ୍କର ବେହେରା, ବନ୍ତ ଜଳ ସେଚନ ବିଭାଗ ଏସ.ଡି.ଓ ଦୀପକ କୁମାର ସାମଲ, କନିଷ୍ଠ ଯନ୍ତ୍ରୀ ମନୋଜ କୁମାର ସେଠୀ, ବିଏସଏସଓ ପ୍ରକାଶ ସାହୁ, ସିଡିପିଓ ଆଲାଦି ମାରାଣ୍ଡି, ଆର.ଡି କନିଷ୍ଠ ଯନ୍ତ୍ରୀ ସୁରଥ ବେହେରା, ବ୍ଲକ ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଶ୍ରଦ୍ଧା ସୁମନ ନାଥଙ୍କ ସମେତ ଜିଲା ଓ ବ୍ଲକ ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଅଭିଯୋଗ ପଞ୍ଜୀକରଣ ଦାୟିତ୍ୱରେ ଲଳିତ ହେମ୍ବ୍ରମ, ନିତ୍ୟାନନ୍ଦ ନାୟକ ଥିବା ବେଳେ ମିତ୍ରଭାନୁ ସ୍ୱାଇଁ, ରତ୍ନାକର ଜେନାଙ୍କ ସମେତ ଅନ୍ୟ କର୍ମଚାରୀ ମାନେ ସହଯୋଗ କରିଥିଲେ।

# ବିଏମ୍‌ସି ଅଂଚଳରେ ଅଛନ୍ତି ୪୭୧୨୬ ବୁଲା କୁକୁର

ଭୁବନେଶ୍ୱର, ୧୪/୧୦ (ନି.ପ୍ର): ବିଏମ୍ ସି ଅଂଚଳରେ ୪୭୧୨୬ ବୁଲା କୁକୁର ଅଛନ୍ତି । ଜାତୀୟ ହାର ତୁଳନାରେ ବିଏମ୍ ସି ଅଂଚଳରେ ବୁଲା କୁକୁରଙ୍କ ହାର ଅଧିକ ରହିଛି । ବିଏମସି ପକ୍ଷରୁ ବୁଲା କୁକୁର ଗଣନା ପରେ ଏହି ସୂଚନା ଦିଆଯାଇଛି । ରାଜ୍ୟରେ ପ୍ରଥମ ଥର ପାଇଁ ବିଏମ୍ ସି ପକ୍ଷରୁ ବୁଲା କୁକୁର ଗଣନା କରାଯାଇଛି । ସେପଟ୍ଟେମ୍ବର ୧୮ରୁ ୨୫ ତାରିଖ ମଧ୍ୟରେ ଦୁଇଟି ପର୍ଯ୍ୟାୟରେ ଅର୍ଥାତ୍ ୧୮ରୁ ୨୧ ତାରିଖ ଏବଂ ୨୨ରୁ ୨୫ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ମହାନଗର ନିଗମ ଅଂଚଳରେ ବୁଲା କୁକୁର ଗଣନା ହୋଇଥିଲା । ୪୭୧୨୬ସେମାନଙ୍କ ମଧ୍ୟରୁ ୨୩ ହଜାର ୪୭ଟି ଅଣ୍ଡିରା କୁକୁର ରହିଥିବା ବେଳେ ୧୫ ହାଜର ୫୫୨ଟି ମାଇ କୁକୁର ଏବଂ ୧ ହଜାର ୧୨୪ଟି ଛୁଆ ରହିଛନ୍ତି । ସେମାନଙ୍କ ମଧ୍ୟରୁ ୪ ହାଜର ୬୮ଟି ଅଣ୍ଡିରା କୁକୁରଙ୍କୁ ବନ୍ଧ୍ୟାକରଣ କରାଯାଇଥିବା ବେଳେ ୩ ହଜାର ୩୩୫ଟି ମାଇ କୁକୁରଙ୍କୁ ବନ୍ଧ୍ୟାକରଣ କରାଯାଇଛି । ଜନ ସଂଖ୍ୟା ତୁଳନାରେ ବୁଲା କୁକୁରଙ୍କ ସଂଖ୍ୟା ୩.୬୨ ପ୍ରତିଶତ ରହିଛି ।ଅର୍ଥାତ୍ ପ୍ରତି ୱାର୍ଡରେ ବୁଲା କୁକୁର ସଂଖ୍ୟା ହାରାହାରି ୭୦୩ ରହିଛି । ସର୍ବାଧିକ ବୁଲା କୁକୁର ଥିବା ୧୦ଗୋଟି ୱାର୍ଡ ହେଲା, ୨୩, ୭, ୪୯, ୬୫, ୪, ୯, ୫, ୫୬, ୪୩, ଓ ୬ । ୨୩ ନମ୍ବର ୱାର୍ଡରେ ୧୭୦୩ ଥିବା ବେଳେ ୬ ନମ୍ବର ୱାର୍ଡରେ ୧୦୬୨ ବୁଲା କୁକୁର ରହିଛନ୍ତି ଜାତୀୟ ହାର ପ୍ରତି ୧ ହଜାରେ ଜନ ସଂଖ୍ୟାରେ ୧୧ ଥିବା ବେଳେ ଭୁବନେଶ୍ୱରରେ ପ୍ରତି ହଜାର ଜନ ସଂଖ୍ୟାରେ ହାରାହାରି ୩୬ଟି ବୁଲା କୁକୁର ରହିଛନ୍ତି। ଉଲ୍ଲେଖନୀୟ ଯେ ଗତ ସେପଟ୍ଟେମ୍ବର ୧୮ ତାରିଖରେ ଆରମ୍ଭ ହୋଇଥିଲା କୁକୁର ଗଣନା । ୧୮-୨୫ ପର୍ଯ୍ୟନ୍ତ ୬୭ ଟି ୱାର୍ଡରେ ୪୧୦ ଟି ଟିମ୍ ଏହି ଗଣନା ହୋଇଥିଲା । ୨୫ ତାରିଖ ପର୍ଯ୍ୟନ୍ତ ଦୁଇଟି ପର୍ଯ୍ୟାୟରେ ହୋଇଥିଲା କୁକୁର ଗଣନା । ଭୋର ୫ ଟା ରୁ ୭ ଟା ପର୍ଯ୍ୟନ୍ତ ହୋଇଥିଲା । ଦକ୍ଷ ପଶୁ ଡାକ୍ତର, ସ୍ୱଚ୍ଛ ସାଥି, ସ୍ୱଚ୍ଛ ସୁପ୍ରଭାଇଜର, ସାନିଟାରୀ ଇନ୍ସପେକ୍ଟର ଓ ସ୍ୱଚ୍ଛ ସୁପ୍ରଭାଇଜର, ସିଇଓ, ଦିଇଓ ଓ ୱାର୍ଡ଼ ଅଫିସର ମାନେ ଏହି କାମରେ ନିୟୋଜିତ ହୋଇଥିଲେ ।

# ସୁବର୍ଣ୍ଣେଶ୍ୱର ଆର୍ନ୍ତରାଜ୍ୟ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ ଉଦ୍‌ଯାପିତ

ଭଦ୍ରକ, ୧୪/୧୦ (ନି.ପ୍ର): ବି.ଟି.ପୁର ପଂଚାୟତସ୍ଥ ରାଉତରାପୁର ମିନି ଷ୍ଟାଡିୟମ୍ ରେ ଚାଲିଥିବା ୨୪ ତମ ଆର୍ନ୍ତରାଜ୍ୟ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟରେ ଆରଟି-ଇଲେଭେନ୍ କେନ୍ଦୁଝରକୁ ହରାଇ କେ.ସି.ଭି.ଏମ୍ ହଷ୍ଟେଲ୍ ଭଦ୍ରକ ଚଳିତ ବର୍ଷ ଚମ୍ପିୟାନ୍ ହୋଇଛି । ଫାଇନାଲ୍ ଖେଳରେ କେ.ସି.ଭି.ଏମ୍ ହଷ୍ଟେଲ୍ ଆରଟି-ଇଲେଭେନ୍‌କୁ ୪.୨ ଗୋଲରେ ହରାଇ ଚମ୍ପିୟାନ ଆଖ୍ୟା ଅର୍ଜନ କରିଥିଲା । ମ୍ୟାଚ୍ ରେଫେରୀ ଭାବେ କେଦାର କାଳୁଣ୍ଡିଆ,କଲୟା ସାଉଁଆ, ମଙ୍ଗଲ୍ ସିଂ, କେଶବ ସୋରେନ୍ ଥିବା ବେଳେ ସ୍କୋରରେ ଶକ୍ତିକାନ୍ତ ଖଟୁଆ, ବିଜୟ ଦାସ ଓ ମଂଟୁ ଧଳ କାର୍ଯ୍ୟ ତୁଲାଇଥିଲେ । ମନୋଜ ସାହୁ,ଖଗେଶ୍ୱର ମହାନ୍ତି, ବିଜୁ ପତି ଭାଷ୍ୟକାର ଥିଲେ । ଆୟୋଜିତ ପୁରସ୍କାର ବିତରଣୀ ସଭାକୁ କ୍ଲବ ଉପଦେଷ୍ଟା ସମାଜସେବୀ ଅଶୋକ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ । ଅତିଥି ଭାବେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜିବ ମଲ୍ଲିକ୍, ସିନେ ତାରକା ଦେବାଶିଷ ପାତ୍ର, ଜିଲ୍ଲା ପରିଷଦ ଅଧକ୍ଷ ପ୍ରଫୁଲ୍ଲ ଜେନା, ବ୍ଲକ୍ ଅଧକ୍ଷ ମନୋରଞ୍ଜନ ଘଡେଇ, ବ୍ଲକ୍ ବିଜେଡି ସଭାପତି ଲକ୍ଷ୍ମୀକାନ୍ତ ମହାନ୍ତି, ପୂର୍ବତନ ସରପ ସତ୍ୟସାଧନ ବେଜ୍, ବି.ଟି.ପୁର ସମିତିସଭ୍ୟା ଜ୍ୟୋର୍ତିମୟୀ ପଣ୍ଡା ପ୍ରମୁଖ ଯୋଗଦେଇ କ୍ରୀଡା ଉପରେ ବକ୍ତବ୍ୟ ରଖିଥିଲେ ।

# ବୃନ୍ଦାମାଳରେ ଗତିଶକ୍ତି ମଲ୍ଟିମୋଡାଲ୍ କାର୍ଗୋ ଟର୍ମିନାଲ୍ ଉଦ୍‌ଘାଟିତ

ସମ୍ବଲପୁର, ୧୪/୧୦ (ନି.ପ୍ର): ବୃନ୍ଦାମାଳରେ ରେଳ ଭୂମିରେ ନୂତନ ଭାବରେ କାର୍ଯ୍ୟକ୍ଷମ ହୋଇଥିବା ଗତିଶକ୍ତି ମଲ୍ଟିମୋଡାଲ୍ କାର୍ଗୋ ଟର୍ମିନାଲ୍ ରେ ଗତ ୮ ତାରିଖରେ ଏକ କୋଇଲା ବୋଝେଇ ମାଲବାହୀ ଟ୍ରେନକୁ ପରୀକ୍ଷା ମୂଳକ ଭାବେ ଅନୁଧାନ କରା ଯାଇଥିବା ବେଳେ ଆଜି ଏହି ପଥରେ ମାଲବାହୀ ଟ୍ରେନ ଚଳାଚଳ ଆରମ୍ଭ କରିଛି । ଏହା ପୂର୍ବ ତଟ ରେଳପଥରେ ରେଳ ଭୂମିରେ ପ୍ରଥମ ଜିସିଟି, ଯାହା ତଲାବିରା କୋଇଲା ବ୍ଲକ ଏବଂ ଆଇବି-ସରଡେଗା ଅଞ୍ଚଳରୁ କୋଇଲା ଉତ୍ପାଦନ ପରିଚାଳନା ପାଇଁ ପର୍ଯ୍ୟାପ୍ତ ଲୋଡିଂ ସୁବିଧା ପ୍ରଦାନ କରିବା ପାଇଁ ବିକଶିତ ହୋଇଛି । ୨୦୨୩ ଜୁଲାଇ ୫ ତାରିଖରୁ ଏହି ଟର୍ମିନାଲ୍ ନିର୍ମାଣର କାର୍ଯ୍ୟ ଆରମ୍ଭ ହୋଇଥିଲା ଯାହା ୨୦୨୫ ଜୁଲାଇ ୦୪ ତାରିଖରେ ସମ୍ପୂର୍ଣ୍ଣ ହୋଇଥିଲା । ଏହି ରେଳ ପଥରେ ୨୦୨୫ ସେପଟ୍ଟେମ୍ବର ୨୦ ତାରିଖ ଠାରୁ ମାଲବାହୀ ସ୍ୱାଇନ୍ ଚଳାଚଳ ପାଇଁ କ୍ଷେତ୍ର ପ୍ରସ୍ତୁତ ହୋଇଥିଲା । ଟର୍ମିନାଲ୍‌ର ଆକଳନ କରାଯାଇଥିବା ଟ୍ରାଫିକ୍ ପ୍ରତି ବର୍ଷ ୪.୩୮ ନିୟୁତ ଟନ୍ ମୂଲ୍ୟାଙ୍କନ କରାଯାଇଛି, ଯାହାର ହାରାହାରି ଦିନକୁ ତିନୋଟି ରେକ୍ ହେବ । ମୋଟ ଟ୍ରାଫିକ୍ ମଧ୍ୟରୁ, ୮୦ % କୋଇଲା ତଲାବିରା କୋଇଲା ବ୍ଲକ୍ ରୁ ଆସିବ, ଏବଂ ବାକି ୨୦ % ଆଇବି ଭ୍ୟାଲିର ଅନ୍ୟ କୋଇଲା କ୍ଷେତ୍ରରୁ ଆସିବ । ବୃନ୍ଦାମାଳ ଜିସିଟିରୁ କମିଶନିଂ ଏବଂ ପ୍ରଥମ ପ୍ରେରଣ ଏହି ଅଞ୍ଚଳରେ ମାଲ ପରିବହନ ଲଜିଷ୍ଟିକ୍ସରେ ଏକ ପ୍ରମୁଖ ମାଇଲଖୁଣ୍ଟ ଚିହ୍ନିତ କରିବ ଏହି ନୂତନ ଟର୍ମିନାଲ । ମୁଖ୍ୟତଃ ସମନ୍ୱିତ ଲଜିଷ୍ଟିକ୍ସ ଏବଂ ଶିଳ୍ପ ଅଭିବୃଦ୍ଧି ପାଇଁ ପ୍ରଧାନମନ୍ତ୍ରୀ ଗତିଶକ୍ତି ପଦକ୍ଷେପକୁ ସମର୍ଥନ କରିବ, ତଲାବିରା ଖଣିରୁ କୋଇଲାର ଦ୍ରୁତ ନିଷ୍କାସନକୁ ସୁବିଧା ଦେବ, ସମ୍ବଲପୁର ରେଳ ମଣ୍ଡଳ ଅଧୀନରେ ମାଲ ପରିବହନ କାର୍ଯ୍ୟକଳାପକୁ ବୃଦ୍ଧି କରିବା ସହ ଝାରସୁଗୁଡା ଜିଲ୍ଲାର ଆର୍ଥିକ ଅଭିବୃଦ୍ଧିକୁ ମଧ ସୁଦୃଢ଼ କରିବ ।

## ଅବଦୁଲ୍ କଲାମ୍ ଓ ଓଡ଼ିଶା



ସୁରେଶ କୁମାର ନାୟକ




କିଏ ତାଙ୍କୁ କହୁଥିଲା ଅଗ୍ନି ପୁରୁଷ, କିଏ କହୁଥିଲା ପୃଥ୍ୱୀର ପାର୍ଥ। ଆକାଶ ଥିଲା ତାଙ୍କ ହାତ ପାଆନ୍ତାରେ। ତାଙ୍କ ମସ୍ତିଷ୍କ ଥିଲା ବୈଜ୍ଞାନିକର, ମନ ଥିଲା ଦାର୍ଶନିକର, ହୃଦୟ ଏକ ଚଞ୍ଚଳ ବାଳକର। ପିଲାଦିନେ ସମୁଦ୍ର କୂଳରେ ବସି ସେ ସ୍ୱପ୍ନ ଦେଖୁଥିଲେ ଆକାଶର। କିନ୍ତୁ ତାଙ୍କ କାର୍ଯ୍ୟ ଦକ୍ଷତା ଓ କର୍ମବୀରତା ତାଙ୍କୁ ପହଞ୍ଚାଇ ପାରିଥିଲା ଅନ୍ତରୀକ୍ଷର ଅଭ୍ୟନ୍ତରରେ। ପରମାଣୁ ବୋମା ଭିତରେ ବି ସେ ଦେଖୁଥିଲେ ଶାନ୍ତି ଓ ସବୁଜିମାର ସ୍ୱପ୍ନ। ଆଜି ମହାନ ପରମାଣୁ ବିଜ୍ଞାନୀ ପୃଥିବୀ ବିଖ୍ୟାତ ଦାର୍ଶନିକ ଓ ଭାରତର ରତ୍ନ କୁହାଯାଉଥିବା ସ୍ୱର୍ଗତଃ ଡକ୍ଟର ଏ.ପି.ଜେ. ଅବଦୁଲ୍ଲ କଲାମଙ୍କ ଜନ୍ମଦିନ। ଡକ୍ଟର କଲାମଙ୍କ ଓଡ଼ିଶା ସହିତ ସମ୍ପର୍କ ଅତ୍ୟନ୍ତ ଘନିଷ୍ଠ। ତାମିଲନାଡୁରେ ସେ ଜନ୍ମ ହୋଇଥିଲେ ବି ତାଙ୍କର ଅନ୍ୟତମ କର୍ମଭୂମି ଥିଲା ଓଡ଼ିଶା। ଡିଆରଡିଓ ବା ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନରେ ଜଣେ ଆଗ ଧାଡ଼ିର ବୈଜ୍ଞାନିକ ଭାବେ କାର୍ଯ୍ୟ କରୁଥିବାବେଳେ ଦୁଇ ଦଶନ୍ଧି ଧରି ଏହି ଅନୁଷ୍ଠାନ ସହିତ ତାଙ୍କର ସମ୍ପର୍କ ରହିଥିଲା। ୧୯୮୯ରେ ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ କେନ୍ଦ୍ର (ଆଇଟିଆର୍) ପ୍ରତିଷ୍ଠା ହେବା ପରଠାରୁ ଅଗ୍ନି, ନାଗ ଓ ବ୍ରହ୍ମୋସ୍ ଭଳି ସ୍ୱଦେଶୀ କ୍ଷେପଣାସ୍ତ୍ର ଗବେଷଣା ଓ ପରୀକ୍ଷଣ କାର୍ଯ୍ୟରେ ସେ ବାରମ୍ବାର ଏହି ସ୍ଥାନକୁ ଆସିଛନ୍ତି। ତେବେ ହ୍ୱିଲର ଦ୍ୱୀପରେ କ୍ଷେଣାସ୍ତ୍ର ପରୀକ୍ଷାବେଳେ ବିରଳ ଓ ଲୁପ୍ତପ୍ରାୟ ଅଲିଭ୍ ରିଡଲେ କଇଁଛଙ୍କ ଏହି ଏନ୍ତୁଡିଶାଳ ଆଇଟିଆର୍‌ର ଉଜ୍ଜ୍ୱଳ ଆଲୋକ ଯୋଗୁଁ ବିପଦରେ ପଡ଼ିଯାଇଥିବା ଏହି କଇଁଛଙ୍କ ପାଇଁ ସେ ଯେଉଁ କାର୍ଯ୍ୟକ୍ରମ ହାତକୁ ନେଇଥିଲେ ତାହା ପରବର୍ତ୍ତୀ ସମୟରେ ୨୦୦୭ରେ ହାଇଦ୍ରାବାଦରେ ବିଲୁପ୍ତ ପ୍ରାୟ ପ୍ରାଣୀଙ୍କ ସଂରକ୍ଷଣ ପାଇଁ ପରୀକ୍ଷାଗାରକୁ ଦେଶ ଉଦ୍ଦେଶ୍ୟରେ ସମର୍ପଣ କଲାବେଳେ ସେ ନିଜ ହ୍ୱିଲର ଦ୍ୱୀପରେ ଅନୁଭୂତି ବର୍ଣ୍ଣନା କରିଥିଲେ। କଇଁଛଙ୍କ ସୁରକ୍ଷା ପାଇଁ ଆଇଟିଆର୍‌ର ଆଲୋକମାଳାକୁ ନିୟନ୍ତ୍ରିତ କରାଯିବା ସହ ଆବଶ୍ୟକବେଳେ ବନ୍ଦ ରଖାଗଲା ଓ ମାଛଧରା ଟ୍ରଲରକୁ ମଧ୍ୟ ନିଷେଦ୍ଧ କରାଗଲା। ସେହିପରି ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ବନୀକରଣ ପାଇଁ ଅଗ୍ନି କ୍ଷେପଣାସ୍ତ୍ର ପରୀକ୍ଷଣ ବେଳେ ଚାନ୍ଦିପୁର ଆସିଥିବା ତତ୍କାଳୀନ ପ୍ରତିରକ୍ଷାମନ୍ତ୍ରୀ କେ.ସି.ପନ୍ଥଙ୍କୁ ପ୍ରସ୍ତାବ ଦେଇ ତାହା କାର୍ଯ୍ୟକାରୀ କରାଇଥିଲେ। ସେହିପରି ଚାନ୍ଦିପୁରରେ ଏକ ପକ୍ଷୀବିହାର 'ନିସର୍ଗ' ସୃଷ୍ଟି କରିବାରେ ସେ ଥିଲେ ଅନ୍ୟତମ ବିନ୍ଧାଣୀ। ସେ ରାଷ୍ଟ୍ରପତି ଥିବାବେଳେ କେନ୍ଦ୍ରାପଡ଼ା ଜିଲ୍ଲାର ଦୁଇଜଣ ଏଡ଼୍‌ସ ଆକ୍ରାନ୍ତ ପିଲାଙ୍କ ପୋଷ୍ଟକାର୍ଡ଼ ଚିଠି ପାଇ ସେମାନଙ୍କୁ ତୁରନ୍ତ ସହଯୋଗର ହାତ ବଢ଼ାଇଥିଲେ। ଓଡ଼ିଆ ଚଳଚ୍ଚିତ୍ର ନିର୍ମାତା ନୀଳମାଧବ ପଣ୍ଡାଙ୍କ 'ଆଇ ଆମ୍ କଲାମ୍' ଦେଖିଲା ପରେ ସେ ଧନ୍ୟବାଦ ଜଣାଇଥିଲେ।

୨୦୦୮ ମେ ୧୧ ତାରିଖରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଯୋଗ ଦେଇ ପିଲାମାନଙ୍କୁ ନିଜ ଜୀବନ ରାଷ୍ଟ୍ରପତି ସମର୍ପିତ ପାଇଁ ମୂଲ୍ୟବାନ ପରାମର୍ଶ ଦେଇଥିଲେ। ସେହିପରି ୨୦୧୧ ଜାନୁଆରୀ ୫ରେ ସାଇ ଇଣ୍ଟରନ୍ୟାସନାଲ ସ୍କୁଲ, ୨୦୦୫ ନଭେମ୍ବର ୧୯ରେ ଚାନ୍ଦିପୁର ପକ୍ଷୀ ବିହାର ଉଦ୍‌ଘାଟନ, ୨୦୧୪ ନଭେମ୍ବର ୨୯ରେ ସମ୍ବଲପୁରସ୍ଥିତ ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲର ୧୫୦ତମ ପ୍ରତିଷ୍ଠା ଦିବସରେ ଯୋଗ ଦେଇଥିଲେ। ୨୦୧୫ ମାର୍ଚ୍ଚ ୨ ତାରିଖରେ ରାଜଗାଙ୍ଗପୁର ଡାଲମିଆଁ ବିଦ୍ୟାମନ୍ଦିରରେ ଛାତ୍ରଛାତ୍ରୀଙ୍କ ସହ ସ୍ମରଣୀୟ ମୁହୂର୍ତ୍ତ ବିତାଇଥିଲେ, ୨୦୧୨ ଜାନୁଆରୀ ୫ ତାରିଖରେ ଭୁବନେଶ୍ୱରସ୍ଥିତ ଜାଭିୟର ଇନ୍‌ଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜମେଣ୍ଟରେ ଦୀକ୍ଷାନ୍ତ ଭାଷଣ ଦେବା ସହ ୨୦୧୨ ଜାନୁଆରୀ ୪ରେ ଭୁବନେଶ୍ୱରସ୍ଥିତ କିସ୍ ଅନୁଷ୍ଠାନର ପିଲାଙ୍କ ବିଜ୍ଞାନ କଂଗ୍ରେସ ଉଦ୍‌ଘାଟନ କରିଥିଲେ। ୨୦୧୪ ଜାନୁଆରୀ ୨୫ରେ ଭୁବନେଶ୍ୱରରେ ସ୍ୱାମୀ ଚିଦାନନ୍ଦ ଜନ୍ମଶତବାର୍ଷିକୀ ମହୋତ୍ସବ, ୨୦୧୨ ଜାନୁଆରୀ ୫ ବାଲେଶ୍ୱର ଜିଲ୍ଲା ଲଙ୍ଗଳେଶ୍ୱରରେ ସଚିତ୍ରକୁମାର ହାଇସ୍କୁଲର ଉତ୍ସବରେ ଯୋଗ ଦେଇଥିଲେ। ୨୦୦୫ ଡିସେମ୍ବର ମାସରେ ବାଲେଶ୍ୱରସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ସମାବର୍ତ୍ତନ ଉତ୍ସବରେ ଯୋଗ ଦେଇଥିଲେ। ସେ ରାଷ୍ଟ୍ରପତି ପରି ଗୁରୁଦାୟିତ୍ୱ ନିର୍ବାହ କରୁଥିବାବେଳେ ତାଙ୍କର ବ୍ୟସ୍ତବହୁଳ କାର୍ଯ୍ୟକ୍ରମ ସତ୍ତ୍ୱେ ସେ ଶିକ୍ଷାନୁଷ୍ଠାନ ଓ ପିଲାଙ୍କ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ସ୍ୱତଃ ଆଗ୍ରହ ରଖିଥିଲେ। ରାଷ୍ଟ୍ରପତି ଦାୟିତ୍ୱ ପରବର୍ତ୍ତୀ ସମୟରେ ମଧ୍ୟ ସେ ଅନେକ କାର୍ଯ୍ୟକ୍ରମରେ ଯୋଗଦେଇ କେବଳ ପିଲାମାନେ ନୁହଁନ୍ତି ଲୋକମାନଙ୍କ ସହ ସେମାନଙ୍କ ସୁଖଦୁଃଖରେ ସାମିଲ ହେବାପାଇଁ ଶ୍ରଦ୍ଧା ରଖୁଥିଲେ। ଦେଶକୁ ଦୁର୍ନୀତି ମୁକ୍ତ ଓ ଉତ୍ତମ ନାଗରିକଙ୍କ ଦେଶ ଭାବେ ଗଢ଼ି ତୋଳିବା ପାଇଁ ତିନିଜଣଙ୍କ ଭୂମିକା ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ଅନୁଭବ କରୁଥିଲେ। ତାଙ୍କ ମତରେ ସେ ତିନିଜଣ ଥିଲେ ବାପା, ମାଆ ଓ ଶିକ୍ଷକ। ସେ ଥିଲେ ବହୁ ସ୍ୱପ୍ନର ନାୟକ। ମାଟିରୁ ମହାକାଶ ପର୍ଯ୍ୟନ୍ତ ତାଙ୍କ ସ୍ୱପ୍ନ ଥିଲା ପରିବ୍ୟାପ୍ତ। ୧୯୮୧ରେ ସେ ପଦ୍ମଭୂଷଣ, ୧୯୯୦ରେ ପଦ୍ମବିଭୂଷଣ ଓ ୧୯୯୭ରେ ସେ ଭାରତ ରତ୍ନ ପାଇଥିଲେ। ୧୯୩୧, ୧୫ ଅକ୍ଟୋବରରେ ଜନ୍ମ ଗ୍ରହଣ କରିଥିବା କଲାମ୍‌ଙ୍କ ସ୍ମୃତି ଓଡିଶା ପାଇଁ ଚିରସ୍ମରଣୀୟ। ବିଶେଷକରି ବିଦ୍ୟାର୍ଥୀ ମାନଙ୍କୁ ସେ ଯେଉଁ ସ୍ମରଣୀୟ ଜୀବନର ସ୍ୱପ୍ନ ଦେଖାଇଯାଇଛନ୍ତି ତାହାକୁ ସାକାର କରିପାରିଲେ ତାଙ୍କ ଜନ୍ମତିଥି ପାଇଁ ତାହା ନିଶ୍ଚିନ୍ତ ହେବ ଏକ ମୂଲ୍ୟବାନ ସ୍ମୃତି ଅର୍ଘ୍ୟ।


+ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ,
ସେକ୍ଟର-୯, ସିଡିଏ, କଟକ


## ସ୍ୱପ୍ନ ସଂକଳ୍ପ ଓ ପ୍ରଗତିର ଅଗ୍ରଦୂତ : ଡକ୍ଟର କଲାମ



ଅକ୍ଷୟ କୁମାର ରାଉତ

ଯୁଗେ ଯୁଗେ ମହାପୁରୁଷଙ୍କର ଆବିର୍ଭାବ ହୁଏ। ସାମାଜିକ ଜୀବନ ଯେତେବେଳେ କଳୁଷିତ, ମନୁଷ୍ୟ ପଥଭ୍ରଷ୍ଟ, ସମାଜରେ ଆସୁରିକ ଶକ୍ତି ବୃଦ୍ଧିପାଏ। ମାଟିରୁ ଆକାଶ, ମହାକାଶରୁ ମହାଶୂନ୍ୟ ପର୍ଯ୍ୟନ୍ତ ସ୍ୱପ୍ନକୁ ପରିବ୍ୟାପ୍ତ କରି ମନୁଷ୍ୟ ମନରେ ଆତ୍ମବିଶ୍ୱାସ, ପ୍ରେରଣା, ସାହାସ ଓ ଶକ୍ତିର ଉତ୍ସ ସୃଷ୍ଟି କରୁଥିବା ଭାରତୀୟ କ୍ଷେପଣାସ୍ତ୍ରର ଜନକ, ଲୋକପ୍ରିୟ ରାଷ୍ଟ୍ରପତି ଡକ୍ଟର ଅବୁଲ ପାକିର ଜୈନୁଲ ଆବେଦିନ ଅବଦୁଲ କଲାମ ୧୯୩୧ ମସିହା ଅକ୍ଟୋବର ମାସ ୧୫ ତାରିଖରେ ମାଡ୍ରାସ (ଚେନ୍ନାଇ) ଅନ୍ତର୍ଗତ ରାମେଶ୍ୱର ଦ୍ୱୀପାଞ୍ଚଳର ଏକ ମଧ୍ୟବିତ୍ତ ପରିବାରରେ ଜନ୍ମଗ୍ରହଣ କରିଥିଲେ। ମାତାଙ୍କ ନାମ ଆସି ଆମା ଓ ପିତାଙ୍କ ନାମ ଜୈନୁଲ ବଦ୍ଦିନ୍ ମରକାୟାର। ତାଙ୍କର ଏକ ବଡଭାଇ ଥିଲେ ଏ.ପି.ଜେ ମୁଥାୟାର୍। ସେ ଶାନ୍ତ, ସରଳ, ଉଦାର ସ୍ୱଭାବର ପିଲାଥିଲେ। ସେ ମା'ଙ୍କ ହାତ ରନ୍ଧା ଖାଦ୍ୟ ମା'ଙ୍କ ସହିତ ରୋଷେଇ ଘର ଚଟାଣରେ କଦଳୀ ପତ୍ରରେ ଖାଉଥିଲେ। ପିତାମାତାଙ୍କର କାଲାମ୍ ଥିଲେ ଗେହ୍ଲା ପୁଅ।

କଲାମ ରାମେଶ୍ୱର ଏଲିମେଣ୍ଟାରୀ ବିଦ୍ୟାଳୟରେ ପଞ୍ଚମ ଶ୍ରେଣୀରେ ପଢ଼ିବା ସମୟରେ ଆଗଧାଡିରେ ରାମାନନ୍ଦ ଶାସ୍ତ୍ରୀଙ୍କ ପାଖକୁ ଲାଗି ବସିଥାନ୍ତି। ରାମେଶ୍ୱର ମନ୍ଦରର ମୁଖ୍ୟ ପୂଜକ ଥିବା ଲକ୍ଷ୍ମଣ ଶାସ୍ତ୍ରୀଙ୍କ ପୁଅ ରାମାନନ୍ଦ ଶାସ୍ତ୍ରୀ। ଶ୍ରେଣୀ ଶିକ୍ଷକ ଏହାକୁ ଗ୍ରହଣ କରିପାରିନଥିଲେ। କଲାମଙ୍କୁ ଉଠାଇ ଶେଷ ବେଞ୍ଚରେ ବସିବାକୁ କହିଲେ। ଏହି ଘଟଣାରେ ଉଭୟ ଦୁଃଖିତ ହୋଇପଡିଲେ। ଲକ୍ଷ୍ମଣ ଶାସ୍ତ୍ରୀ ଏହା ଜାଣିବା ପରେ ଶିକ୍ଷକଙ୍କୁ କ୍ଷମା ମାଗିବାକୁ କହିଥିଲେ। ଦିନେ ବିଜ୍ଞାନ ଶିକ୍ଷକ ଶିବସୁବ୍ରମଣି ଆୟାର (ବ୍ରାହ୍ମଣ) କଲାମଙ୍କୁ ଖାଇବାକୁ ଘରକୁ ଡାକିଥିଲେ। ଶିକ୍ଷକଙ୍କ ପତ୍ନୀ କଲାମଙ୍କୁ ଦେଖି ମୁହଁ ଛିଞ୍ଚାଡି ଭୋଜନ ଦେବାକପୁ ମନା କରିଦେଲେ । ଆୟାର ତାଙ୍କ ପତ୍ନୀ ଉପରେ ରାଗିଲେ ନାହିଁ ବରଂ ନିଜେ ବାଢ଼ିଲେ କଲାମଙ୍କ ପାଇଁ ଓ କଲାମଙ୍କ ପାଖରେ ଖାଇବାକୁ ବସିପଡିଲେ। କିଛି ଦିନପରେକଲାମଙ୍କୁ ପୁଣି ଘରକୁ ଖାଇବାକୁ ଡାକିଲେ। କଲାମ ଆଶ୍ଚର୍ଯ୍ୟ ହୋଇ ଶିକ୍ଷକଙ୍କ ଘରେ ପହଞ୍ଚିଲେ। ଶିକ୍ଷକଙ୍କ ପତ୍ନୀ କଲାମଙ୍କୁ ରୋଷେଇ ଘର ଭିତରକୁ ନେଇ ବସାଇଲେ ଓ ନିଜ ହାତରେ ଖାଇବାକୁ ବାଢ଼ି ଦେଇଥିଲେ। କଲାମ ରାମେଶ୍ୱରମ ଏଲିମେଣ୍ଟାରୀ ବିଦ୍ୟାଳୟରୁ ପ୍ରାଥମିକ ଶିକ୍ଷା ଓ ରାମନାଥପୁରମ୍ ସ୍କାଟିକ୍ ହାଇସ୍କୁଲରୁ ଶିକ୍ଷା ସମାପ୍ତି କରି ତିରୁଚିରାପଲ୍ଲୀ ସେଣ୍ଟ ଯୋସେଫ୍ କଲେଜରେ ଅଧ୍ୟୟନ କଲେ। କୃତିତ୍ୱର ସହିତ ବି.ଏସ୍.ସି, ପାସ୍ କଲେ। କଲାମଙ୍କ ପିତା ଜୈନୁଲା ବଦ୍ଦିନ୍ ଜଣେ ନାବିକ ଥିଲେ। ପରିବାର ଚଳାଇବା ପାଇଁ ପିତାଙ୍କ ରୋଜଗାର ଯଥେଷ୍ଟ ନଥିଲା। ତେଣୁ ସେ ସ୍କୁଲ ପାଠପଢ଼ା ସମୟରେ ଖବର କାଗଜ ବିତରଣ କରୁଥିଲେ। ସ୍କୁଲରେ କଲାମ ଆଗଧାଡିର ଛାତ୍ର ନଥିଲେ ମଧ୍ୟ ଜଣେ ମେଧାବୀ ଭାବେ ପରିଚିତ। କବି ଜିବ୍ରାନଙ୍କ ଦ୍ୱାରା କଲାମ ପ୍ରଭାବିତ ହୋଇଥିଲେ। ସ୍ନାତକ ଡିଗ୍ରୀ ପରେ ୧୯୫୫ରେ କଲାମ ମାଡ୍ରାସ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି (ଏମ୍.ଆଇ.ଟି)ରୁ ଜଣେ ବୈମାନିକ ଇଞ୍ଜିନିୟର ଭାବେ ବାହାରିଥିଲେ। ୧୯୫୮ ମସିହାରେ କଲାମ୍ ହିନ୍ଦୁସ୍ଥାନ ଏରୋନଟିକ୍ସ ଟ୍ରେନିଂ ନେଲା ପରେ ପ୍ରତିରକ୍ଷା ମନ୍ତ୍ରଣାଳୟରେ ଜଣେ ବରିଷ୍ଠ ବୈଜ୍ଞାନିକ ସହାୟକ ଭାବରେ ଯୋଗଦେଲେ। ଏହାପରେ ସେ କାନପୁରରେ ଅବସ୍ଥାପିତ ଏୟାର କ୍ରାଫଟ୍ ଆଣ୍ଡ ଅର୍ମାମେଣ୍ଟ କେନ୍ଦ୍ରରେ କାର୍ଯ୍ୟକରି ପ୍ରଶଂସା ଲାଭ କରିଥିଲେ। ବମ୍ବେରେ ପ୍ରତିଷ୍ଠିତ ମହାକାଶ ଗବେଷଣା କେନ୍ଦ୍ରରେ ରକେଟ୍ ଇଞ୍ଜିନିୟର ଭାବରେ ଯୋଗଦେଇ କର୍ମ ଦକ୍ଷତାର ପ୍ରତିପାଦନ କରିଥିଲେ। ରକେଟ ସମ୍ବନ୍ଧୀୟ ବିଶେଷ ଜ୍ଞାନ ପାଇଁ ଆମେରିକାର ନାସା କେନ୍ଦ୍ରରେ ଯୋଗଦେଇଥିଲେ। ସେଠାରେ ସେ ଛ' ମାସ ରହି ଜ୍ଞାନ ଲାଭ କରିଥିଲେ। ୧୯୬୯ରେ ଇସ୍ରୋର ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଉପଗ୍ରହ ଉତ୍‌କ୍ଷେପଣ ଯାନ (ଏସ୍.ଏଲ୍.ଭି-୩)ର ସେ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ଯୋଗଦେଇଥିଲେ। ଏସ୍.ଏଲ୍.ଭି-୩ ସଫଳତା ଯୋଗୁ ବମ୍ବେ ସ୍ଥିତ ନେହେରୁ ବିଜ୍ଞାନ କେନ୍ଦ୍ର ତରଫରୁ ସମ୍ମାନିତ ହୋଇଥିଲେ। କଲାମ ବାଙ୍ଗାଲୋର୍ ସ୍ଥିତ ବୈମଯାନ ଉନ୍ନୟନ ସଂସ୍ଥାରେ ଯୋଗଦେଇ ହୋଭର କ୍ରାଫଟ୍ ଯାନ ନିର୍ମାଣକାରୀ ଚାରି ଜଣିଆ ଦଳର ନେତୃତ୍ୱ ନେଇଥିଲେ। ପ୍ରତିରକ୍ଷା ମନ୍ତ୍ରୀ ଭିକେ କୃଷ୍ଣମେନନ୍‌ଙ୍କୁ କଲାମ ଲାଞ୍ଜ ବିହୀନ ହୋଭର କ୍ରାଫଟ୍ 'ନନ୍ଦି'ରେ ବସାଇ ଆକାଶରେ ଉଡିଥିଲେ। ୧୯୮୦ ମସିହା ଜୁଲାଇରେ 'ରୋହିଣୀ' ଉପଗ୍ରହକୁ ମହାକାଶରେ ସ୍ଥାପିତ କରି ଭାରତ 'ଆନ୍ତର୍ଜାତୀୟ ମହାକାଶ କ୍ଲବ୍'ରେ ନିଜକୁ ସାମିଲ କରିଥିଲା। ଏହାପରେ କଲାମ ଇସ୍ରୋ ତ୍ୟାଗ କରି ଭାରତକୁ ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରିବା ପାଇଁ ଇଣ୍ଟିଗ୍ରେଟେଡ୍ ଗାଇଡେଡ ମିସାଇଲ ଡେଭଲପ୍‌ମେଣ୍ଟ ପ୍ରୋଗ୍ରାମ ଆରମ୍ଭ କରିଥିଲେ। ତାଙ୍କର ପ୍ରଚେଷ୍ଟା ଓ ଗବେଷଣା ବଳରେ ତ୍ରିଶୂଳ (ଅଳ୍ପ ଉଚ୍ଚରେ ଉଡୁଥିବା ବିମାନକୁ ଲକ୍ଷ୍ୟ ଭେଦ କରିବାକୁ ସକ୍ଷମ କ୍ଷେପଣାସ୍ତ୍ର) ପୃଥ୍ୱୀ (ଭୂପୃଷ୍ଠରୁ ଭୂପୃଷ୍ଠକୁ ୧୫୦ କି.ମି. ପର୍ଯ୍ୟନ୍ତ ଲକ୍ଷ୍ୟ ଭେଦ କରିପାରୁଥିବା କ୍ଷେପଣାସ୍ତ୍ର), ଆକାଶ (୧୫ ସେକେଣ୍ଡରେ ୨୫ କି.ମି. ପର୍ଯ୍ୟନ୍ତ ଭୂପୃଷ୍ଠରୁ ଆକାଶକୁ ଭେଦ କରିପାରୁଥିବା ସୁରସୋନିକ କ୍ଷେପଣାସ୍ତ୍ର, ଯିଏ କି ଏକ ସମୟରେ ୪ଟି ଲକ୍ଷ୍ୟ ସ୍ଥଳକୁ ନିଶାଣ କରିବାକୁ ସକ୍ଷମ), ଅଗ୍ନି (୫୦୦୦ କି.ମି. ପର୍ଯ୍ୟନ୍ତ ଲକ୍ଷ୍ୟ ଭେଦ କରିପାରୁଥିବା ବଲିଷ୍ଟିକ୍ କ୍ଷେପଣାସ୍ତ୍ର) ଓ ବ୍ରହ୍ମୋସ (ରୁଷ ସହିତ ମିଳିତ ଭାବେ ବିକଶିତ କ୍ଷେପଣାସ୍ତ୍ର ଧ୍ୱନିଠାରୁ ଦ୍ରୁତ ଗତିରେ ଯାଉଥିବା ଏହି କ୍ଷେପଣାସ୍ତ୍ର ଭୂପୃଷ୍ଠ, ସମୁଦ୍ର ଓ ଆକାଶରେ ଲକ୍ଷ୍ୟ ଭେଦ କରିବାକୁ ସକ୍ଷମ) କୁ ବିକଶିତ କରିବାରେ କଲାମଙ୍କ ଅବଦାନ ରହିଛି। ତେଣୁ ତାଙ୍କୁ ଭାରତୀୟ କ୍ଷେପଣାସ୍ତ୍ରର ଜନକ ବା ମିସାଇଲ୍ ମ୍ୟାନ୍ କୁହାଯାଏ।

୧୯୮୯ ମସିହାରେ ଆଇଟିଆର୍ ପ୍ରତିଷ୍ଠା ହେବା ପରଠାରୁ ସେ ବାରମ୍ବାର ଚାନ୍ଦିପୁର ଆସୁଥିଲେ। ତେଣୁ କଲାମଙ୍କ ସହ ଓଡିଶାର ନିବିଡ ସମ୍ପର୍କ ରହିଥିଲା। କଲାମ ୧୯୯୮ ମସିହା ମେ ମାସ ୧୧ ଓ ୧୩ ତାରିଖରେ ରାଜସ୍ଥାନର ପୋଖରାନଠାରେ ଆଣବିକ ପରୀକ୍ଷା କରି ସମଗ୍ର ବିଶ୍ୱବାସୀଙ୍କୁ ଚକିତ କରିଥିଲେ। କଲାମ ନିଜର କର୍ମକୁ ମହାନ୍ ମନେ କରୁଥିଲେ। ଏହି ପରି ଜଣେ ବିରଳ ବ୍ୟକ୍ତିତ୍ୱକୁ ୪୦ଟି ବିଶ୍ୱବିଦ୍ୟାଳୟରୁ ସମ୍ମାନ ଜନକ ଡକ୍ଟରେଟ୍ ଉପାଧି ମିଳିଥିଲା। ୧୯୮୧ରେ ପଦ୍ମଭୂଷଣ, ୧୯୯୦ରେ ପଦ୍ମବିଭୂଷଣ ଓ ୧୯୯୭ରେ ଭାରତ ରତ୍ନ ଉପାଧିରେ ଭୂଷିତ ହୋଇଥିଲେ କଲାମ। କଲାମ ବହୁ ମୂଲ୍ୟବାନ ପୁସ୍ତକ ଲେଖିଯାଇଛନ୍ତି। ତାହା ଭିତରୁ ବିପୁଳ ପାଠକୀୟ ଆଦୃତି ପାଇଛି 'ୱିଙ୍ଗସ ଆପ୍ ଫାୟାର୍', 'ଇଣ୍ଡିଆ ୨୦୨୦-ଏ ଭିଜନ ଫର ଦ ନିଉ ମିଲେନିଅମ', 'ମାଇଁ ଜିର୍ନି' ଓ ' ଇଗ୍ନାଇଟେଡ ମାଇଣ୍ଡସ ଅନଲିସିଂ ଦ ପାୱାର ୱିଦିନ ଇଣ୍ଡିଆ'। କଲାମ ଜଣେ ଅଣ ରାଜନୈତିକ ବ୍ୟକ୍ତି ଭାବେ ୨୦୦୨ ମସିହା ଜୁଲାଇ ୨୫ ତାରିଖରେ କ୍ୟାପ୍‌ଟେନ୍



ଲକ୍ଷ୍ମୀ ସେହେଗାଲଙ୍କୁ ହରାଇ ଭାରତର ଦ୍ୱାଦଶ ରାଷ୍ଟ୍ରପତି ଭାବରେ ଶପଥ ନେଇଥିଲେ। ଭାରତର ସର୍ବୋଚ୍ଚ ଆସନରେ ଅଳଙ୍କୃତ ହେବା ପରେ ପ୍ରଥମ ଭାଷଣରେ ଦେଶ ନିମନ୍ତେ ପାଞ୍ଚଟି କଥା କହିଥିଲେ। ପ୍ରତିରକ୍ଷା, ପରମାଣୁ, ମହାକାଶ, ପ୍ରଯୁକ୍ତି ବିଦ୍ୟା ଓ ଦେଶର ସାମଗ୍ରିକ ବିକାଶ। ତାଙ୍କ ପାଖରେ ଛୁଆଁ ଅଛୁଆଁର ଭେଦଭାବ ନଥିଲା। ତାଙ୍କର ସ୍ନେହ ଶ୍ରଦ୍ଧା ପିଲାମାନଙ୍କ ପ୍ରତି ଅତ୍ୟନ୍ତ ଥିଲା। ସେଥିପାଇଁ ପିଲାମାନେ ତାଙ୍କୁ ସାର୍, ଅଙ୍କଲ, ଗ୍ରେଟ କଲାମ ସାର୍ ଓ ମ୍ୟାନ୍ ଅପ୍ ଦି ନେସନ ଭାବରେ ଅଭିହିତ କରୁଥିଲେ। ତେଣୁ ତାଙ୍କର ୭୯ ତମ ଜନ୍ମ ଦିନକୁ ଜାତିସଂଘ ବିଶ୍ୱ ଛାତ୍ର ଦିବସ ଭାବେ ପାଳନ କରିଥିଲା। ସେ ରାଷ୍ଟ୍ରପତି ଭାବରେ ମହାତ୍ମା ଗାନ୍ଧୀଙ୍କ ସମାଧିସ୍ଥଳରେ ଶ୍ରଦ୍ଧାଞ୍ଜଳି ଦେବାକୁ ଯାଇ ଅନ୍ୟ ଦ୍ୱାରା ଜୋତା କାଢ଼ିବା ପରମ୍ପରାକୁ ଭଙ୍ଗକରି କାର୍ ଭିତରେ ଜୋତା ରଖିଥିଲେ। କଲାମ ରାଷ୍ଟପତି ଭାବେ ପାଉଥିବା ସମସ୍ତ ପୁଞ୍ଜିକୁ ଏକ ଟ୍ରଷ୍ଟକୁ ଦାନ କରି ଦେଉଥିଲେ।

ଈଶ୍ୱର ବିଶ୍ୱାସୀ କଲାମ ସାଧୁ, ସନ୍ନ୍ୟାସୀମାନଙ୍କୁ ଗଭୀର ସମ୍ମାନ କରୁଥିଲେ। ସେ ମୁସଲିମ୍ ପରିବାରରେ ଜନ୍ମ ହୋଇଥିଲେ ମଧ୍ୟ ସମସ୍ତ ଧର୍ମକୁ ସମ୍ମାନ କରୁଥିଲେ। ସେ ସମସ୍ତ ଧର୍ମର ଉର୍ଦ୍ଧ୍ୱରେ ଥିଲେ। ମଣିଷ ଗୋଟିଏ ଜାତି ବୋଲି ବୁଝି ଥିଲେ। ରାଷ୍ଟ୍ରପତି ପଦରୁ ଅବସର ନେବାପରେ କଲାମ୍ ଆଇଆଇଏମ୍ ସିଲଂ, ଆଇଆଇଏମ୍ ଅହମ୍ମଦାବାଦ, ଆଇଆଇଏମ୍ ଇନ୍ଦୋରରେ ପିରଦର୍ଶନକାରୀ ପ୍ରଫେସର ଭାବେ କାର୍ଯ୍ୟ କରୁଥିଲେ। ଏହି ଲୋକପ୍ରିୟ ପୂର୍ବତନ ରାଷ୍ଟ୍ରପତି ଭାରତରତ୍ନ ଡଃ ଅବଦୁଲ କଲାମ ୨୦୧୫ ମସିହା ଜୁଲାଇ ୨୭ ତାରିଖ ସୋମବାର ଦିନ ଶିଲଂଠାରେ ଏକ ସଭାରେ ସମ୍ବୋଧିତ କରିବା ସମୟରେ ହୃଦଘାତରେ ୮୪ ବର୍ଷ ବୟସରେ ମହାପ୍ରୟଣ ଲାଭ କଲେ। ତାଙ୍କର ପରଲୋକ ଗମନ ଦେଶବାସୀଙ୍କୁ ଦାରୁଣ ଦୁଃଖ ଦେଇଥିଲା। ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହିତ ୨୦୧୫ ମସିହା ଜୁଲାଇ ୩୧ ତାରିଖ ଶୁକ୍ରବାର ଦିନ ତାଙ୍କର ଶେଷକୃତ୍ୟ ତାଙ୍କ ଜନ୍ମମାଟି ରାମେଶ୍ୱରରେ କରାଯାଇଥିଲା। ଜଣେ ଜ୍ଞାନୀ, ବିବେକୀ, ବିଦ୍ୱାନ, ବିଜ୍ଞାନୀ, ଧାର୍ମିକ ବ୍ୟକ୍ତି ଭାବରେ ବିଶ୍ୱବାସୀଙ୍କର ପ୍ରିୟ ଥିଲେ ଡଃ କଲାମ। ତାଙ୍କର ପ୍ରତିଭା, ଯଶ, କୀର୍ତ୍ତି, ଖ୍ୟାତି, ଦେଶପ୍ରେମ, ସେବା, କର୍ମ ଓ ମାନବୀୟ ଗୁଣ ପାଇଁ ମହାମାନବ ଭାବେ ଅମର ହୋଇ ରହିବେ।


+ପାରାଦ୍ୱୀପଗଡ, କୁଜଙ୍ଗ
ଜଗତ୍‌ସିଂହପୁର
ମୋ-୯୯୩୭୬୯୧୪୭୫


## ବୟସ୍କ ନାଗରିକ : ସମାଜର ମୂଲ୍ୟବାନ ସମ୍ପତ୍ତି



ଇନ୍ଦୁ ଭୂଷଣ ଭୂୟାଁ

ବୟସ୍କ ନାଗରିକମାନେ ସମାଜର ମୂଲ୍ୟବାନ ସମ୍ପତ୍ତି। ସେମାନଙ୍କ ଦୀର୍ଘ ବର୍ଷର ଓ ଜୀବନର ଅଭିଜ୍ଞତା ଆମ ସମସ୍ତଙ୍କୁ ପ୍ରେରଣା ଯୋଗାଇ ଦେଇଥାଏ। ବିଶ୍ୱର ସମସ୍ତ ବୟସ୍କ ବ୍ୟକ୍ତିଙ୍କ ପାଇଁ ଦିନଟିଏ ଉତ୍ସର୍ଗ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଅକ୍ଟୋବର ଏକ ତାରିଖ ପାଳନ କରାଯାଏ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ। ୧୯୯୦ ଡିସେମ୍ବର ୧୪ରେ ଜାତିସଂଘର ସାଧାରଣ ସଭାରେ ଏହି ନିଷ୍ପତ୍ତି ନିଆଯାଇଥିଲା। ୧୯୯୧ ଅକ୍ଟୋବର ଏକରେ ଏହି ଦିବସ ପାଇଁ ପ୍ରଥମ ଥର ଛୁଟି ହୋଇଥିଲା। ବୟସ୍କମାନଙ୍କୁ ପ୍ରଭାବିତ କରୁଥିବା ବିଷୟ ପ୍ରତି ସଚେତନତା ସୃଷ୍ଟି କରିବା ଏହି ଦିବସର ଉଦ୍ଦେଶ୍ୟ। ସମାଜ ଗଠନରେ ବୟସ୍କ ବ୍ୟକ୍ତିଙ୍କ ଅବଦାନକୁ ମନେପକାଇବା ସହ ସେମାନଙ୍କୁ ଉତ୍ସାହିତ କରିବା ମଧ୍ୟ ଏହାର ଅନ୍ୟତମ ମୁଖ୍ୟ ଉଦ୍ଦେଶ୍ୟ। ଆମେରିକା ଓ କାନାଡ଼ାରେ ପାଳିତ ଜାତୀୟ ଜେଜେ, ଜେଜେମା' ଦିବସ, ଚୀନ୍‌ରେ ପାଳିତ ଡବଲ ନିନ୍‌ଥ ଫେଷ୍ଟିଭାଲ ଓ ଜାପାନର ବୟସ୍କ ସମ୍ମାନ ଦିବସ ସହ ଏହି ଦିବସ ସମାନ। ଏ ଅବସରରେ ଜାତିସଂଘ ପକ୍ଷରୁ ଓ ବିଭିନ୍ନ ସଂଗଠନରେ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଥାଏ। ବୟସ୍କ ବ୍ୟକ୍ତିଙ୍କୁ ବିଭିନ୍ନ କ୍ଷେତ୍ରରେ ସାହାଯ୍ୟ ଓ ସହଯୋଗର ହାତ ବଢ଼ାଇବା ଆମ କର୍ତ୍ତବ୍ୟ। ସେମାନଙ୍କୁ ସମାଜର ମାର୍ଗଦର୍ଶକ ଭାବେ ସମ୍ମାନ ଦେବା ଉଚିତ।

ଖୁସିର କଥା କଟକ ଅଲିଶା ବଜାର ବରିଷ୍ଠ ନାଗରିକ ଟ୍ରଷ୍ଟର ବାର୍ଷିକ ଉତ୍ସବ ସ୍ଥାନୀୟ ଅଲିଶା ବଜାର ଯୋଗଶିକ୍ଷା କେନ୍ଦ୍ର ଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି କିଶୋର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ଲିଭର ବିଶେଷଜ୍ଞ ତଥା ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଆଶ୍ରିତ ଅନୁରାଗୀ ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ଯୋଗ ଦେଇ କାର୍ଯ୍ୟକ୍ରମର ଉଦଘାଟନ କରିବା ସହ ବୟସ୍କମାନେ ସମାଜର ମୂଲ୍ୟବାନ ସମ୍ପତ୍ତି ବୋଲି ମତବ୍ୟକ୍ତ କରିବା ସହ ସେମାନଙ୍କ ଆଶୀର୍ବାଦ କାମନା କରିଥିଲେ। ମୁଖ୍ୟବକ୍ତା ଭାବରେ ସାମ୍ବାଦିକ ସୁଶାନ୍ତ କୁମାର ଭୂୟାଁ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ ସଭାପତି ଚକ୍ରଧର ବେହେରା, ସମ୍ପାଦକ ମନମୋହନ ବେହେରା, ବରିଷ୍ଠ ସଭ୍ୟ ଶିବ କୁମାର ଜେନା, ଇଞ୍ଜିନିୟର ସଚ୍ଚିଦାନନ୍ଦ ନନ୍ଦ, ମହେନ୍ଦ୍ର କୁମାର ସାହୁ, ସିଦ୍ଧାର୍ଥ କୁମାର ସାହୁ, ବସନ୍ତ କୁମାର ସିଂହ, ଜାହିର ଖାନ୍, ଶଙ୍କର ଦାସ, ନାରାୟଣ ବେହେରା, ସଚ୍ଚିଦାନନ୍ଦ ଦାସ, ଉମେଶ ଚନ୍ଦ୍ର ସେଠୀ, ଭାସ୍କର ବେହେରା ପ୍ରମୁଖ ପରିଚାଳନା କରିଥିବାବେଳେ ଯୋଗ ବିଦ୍ୟାଳୟର କର୍ମକର୍ତ୍ତା ରଘୁନାଥ ବେହେରା, ଫକୀର ବେହେରା, ପ୍ରକାଶ ଚନ୍ଦ୍ର ବେହେରା, ସଂଘମିତ୍ରା ଜେନା, ଗୀତାଞ୍ଜଳୀ ବେହେରା, ଗାୟତ୍ରୀ ପଣ୍ଡା, ଏମ.ଏ.ଟି. ବେଗ ପ୍ରମୁଖ ସହାୟତା କରିଥିଲେ। ଏହି ଅବସରରେ ଅଲିଶା ବଜାର ମେଢ଼ ଓ ସହରରେ ଚାନ୍ଦିମେଢ଼ର କୁଶଳୀ ଭାସ୍କର୍ଯ୍ୟ ଶିଳ୍ପୀ ତଥା ଆନ୍ତର୍ଜାତିକ ସ୍ତରରେ ସମ୍ମାନୀତ ଓ ପ୍ରଶଂସିତ ହୋଇଥିବା ବର୍ଷୀୟାନ ଭାସ୍କର୍ଯ୍ୟଶିଳ୍ପୀ ଦେବେନ୍ଦ୍ର କୁମାର ସାହୁଙ୍କୁ ତାଙ୍କ ଜୀବନବ୍ୟାପୀ ସାଧନା ନିମିତ୍ତ ସମ୍ବର୍ଦ୍ଧିତ କରାଯାଇଥିଲା। ସୂଚନାଥାଉକି ବର୍ଷର ବିଭିନ୍ନ ସମୟରେ ଟ୍ରଷ୍ଟ ପକ୍ଷରୁ ନିୟମିତ କାର୍ଯ୍ୟକ୍ରମ ଓ ସେବାକାର୍ଯ୍ୟ ଅନୁଷ୍ଠିତ ହୋଇଥାଏ।

ଚଳିତବର୍ଷ ଅନ୍ତର୍ଜାତୀୟ ବୟସ୍କ ଦିବସର ବିଷୟ ରହିଛି - ବୟସବାଦ ବିରୋଧରେ ଠିଆ ହୁଅ। ଯେଉଁ ବୟସ୍କ ବ୍ୟକ୍ତି ଅନ୍ୟ ଉପରେ ନିଜକୁ ବୋଝ ମନେକରନ୍ତି ଏବଂ ନିଜ ଜୀବନକୁ ମୂଲ୍ୟହୀନ ବୋଲି ଅନୁଭବ କରନ୍ତି, ଏହି ଧାରଣା ସେମାନଙ୍କୁ ସାମାଜିକ ବାସନ୍ଦ ଓ ଅବସାଦ ଘେରକୁ ନେଇଯାଏ। ସକାରାତ୍ମକ ଚିନ୍ତାଧାରାଯୁକ୍ତ ବୟସ୍କ ତୁଳନାରେ ଏହି ବିଚାରଧାରା ସମ୍ପନ୍ନ ବୟସ୍କ ୭.୫ ବଷ କମ୍ ବଞ୍ଚନ୍ତି। ଏକ ଗବେଷଣାରୁ ଏହା ଜଣାପଡ଼ିଛି। ବୟସ୍କ ନାଗରିକ ମାନଙ୍କ ଆଶୀର୍ବାଦ ଆମ ସମସ୍ତଙ୍କ ଉପରେ ଝରିପଡୁ ଏହା ହିଁ ପ୍ରାର୍ଥନା ଏବଂ ଏହା ସହିତ ସମାଜର ବରିଷ୍ଠ ନାଗରିକମାନଙ୍କ ପ୍ରତି ଆମର ଯେ ଗୁରୁଦାୟିତ୍ୱ ରହିଛି ଏଥିପ୍ରତି ଯତ୍ନବାନ ହେବା ସହ ଏହାହିଁ ଯଥାର୍ଥ ମାନବୀୟ ମୂଲ୍ୟବୋଧ ବୋଲି ପ୍ରତୀୟମାନ ହୋଇପାରିବ।


+ପ୍ରତିଷ୍ଠାତା, ସମ୍ପାଦକ 'ସିଂହଭୂମ୍',
ପୁରୁଣା ସୋନାରି, ଜାମସେଦପୁର,
ମୋ : ୭୪୮୮୯୯୮୫୩୨

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୧୫ ଅକ୍ଟୋବର ୨୦୨୫, ବୁଧବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ସମୁଦ୍ରର ଶ୍ୱେତପତ୍ର: ପ୍ରବାଳ ଦ୍ୱୀପର ମୃତ୍ୟୁ ଆମ ସଭ୍ୟତାର ଚରମପତ୍ର

ଆମେ ଯେତେବେଳେ ସମୁଦ୍ରକୁ ଚାହୁଁ, ତା'ର ନୀଳ ବିସ୍ତୀର୍ଣ୍ଣତା ଭିତରେ ଏକ ଜୀବନ୍ତ, ରଙ୍ଗୀନ ଦୁନିଆର କଳ୍ପନା କରୁ । ସେହି ଦୁନିଆର ହୃଦୟ ହେଉଛି ପ୍ରବାଳ ଦ୍ୱୀପ ବା କୋରାଲ୍ ରିଫ୍ – ସାମୁଦ୍ରିକ ଜୀବନର ମହାନ ସହର, ଯାହାକୁ 'ସମୁଦ୍ରର ବର୍ଷାବଣ' ବୋଲି କୁହାଯାଏ । କିନ୍ତୁ ଆଜି ସେହି ରଙ୍ଗୀନ ଦୁନିଆ ଫିକା ପଡ଼ିଯାଉଛି, ଧୀରେ ଧୀରେ ଏକ ନିର୍ଜୀବ, ଶ୍ୱେତ ମରୁଭୂମିରେ ପରିଣତ ହେଉଛି । ନିକଟରେ ୨୩ଟି ଦେଶର ୧୬୦ ଜଣ ବୈଜ୍ଞାନିକଙ୍କ ଦ୍ୱାରା ପ୍ରକାଶିତ ଏକ ରିପୋର୍ଟ କୌଣସି ଭବିଷ୍ୟବାଣୀ ନୁହେଁ, ବରଂ ଏକ କଠୋର ବାସ୍ତବତାର ଘୋଷଣାପତ୍ର । ଏହା ସ୍ପଷ୍ଟ ଭାବେ କହୁଛି ଯେ ଆମ ଗ୍ରହ ତା'ର ପ୍ରଥମ ବିପର୍ଯ୍ୟୟପୂର୍ଣ୍ଣ ଜଳବାୟୁ 'ଟିପିଙ୍ଗ୍ ପଏଣ୍ଟ' ବା ଚରମ ସୀମାକୁ ଅତିକ୍ରମ କରିସାରିଛି, ଏବଂ ଏହାର ପ୍ରଥମ ଶିକାର ହୋଇଛି ଉଷ୍ଣ-ଜଳୀୟ ପ୍ରବାଳ ଦ୍ୱୀପ । ଏହା କେବଳ ଏକ ପରିବେଶୀୟ ଦୁର୍ଘଟଣା ନୁହେଁ, ଏହା ହେଉଛି ପ୍ରକୃତିର ଏକ ମୃତ୍ୟୁକାଳୀନ ଚିତ୍କାର, ଯାହା ଆମ ମାନବ ସମାଜର ଭବିଷ୍ୟତ ଉପରେ ଏକ ପ୍ରଶ୍ନବାଚୀ ସୃଷ୍ଟି କରୁଛି ।

ପ୍ରବାଳ ବିରଙ୍ଗୀକରଣ ବା କୋରାଲ୍ ବ୍ଲିଚିଂ ଶବ୍ଦଟି ଶୁଣିବାକୁ ଯେତିକି ସରଳ, ଏହାର ପରିଣାମ ସେତିକି ଭୟାବହ । ପ୍ରବାଳ ହେଉଛି ଏକ ଜୀବନ୍ତ ପ୍ରାଣୀ ଯାହା ନିଜ ଟିସୁ ମଧ୍ୟରେ 'ଜୁକ୍ସାନଥେଲି' ନାମକ ଏକ ସୂକ୍ଷ୍ମ ଶୈବାଳକୁ ଆଶ୍ରୟ ଦେଇଥାଏ । ଏହି ଶୈବାଳ ସହଜୀବିତା ମାଧ୍ୟମରେ ପ୍ରବାଳକୁ ତା'ର ଖାଦ୍ୟ ଏବଂ ସୁନ୍ଦର ରଙ୍ଗ ପ୍ରଦାନ କରେ । କିନ୍ତୁ ଯେତେବେଳେ ସମୁଦ୍ରର ତାପମାତ୍ରା ଅସହ୍ୟ ହୋଇଯାଏ, ପ୍ରବାଳ ଚାପଗ୍ରସ୍ତ ହୋଇ ଏହି ଶୈବାଳକୁ ନିଜ ଶରୀରରୁ ବାହାର କରିଦିଏ । ଫଳରେ, ପ୍ରବାଳ ତା'ର ରଙ୍ଗ ହରାଇ ଏକ ସ୍ୱଚ୍ଛ କଙ୍କାଳରେ ପରିଣତ ହୁଏ, ଯାହାକୁ ଆମେ ବିରଙ୍ଗୀକରଣ କହୁ । ଯଦି ତାପମାତ୍ରା ଶୀଘ୍ର ସ୍ୱାଭାବିକ ନ ହୁଏ, ତେବେ ଏହି ପ୍ରବାଳ ଖାଦ୍ୟ ଅଭାବରୁ ମରିଯାଏ । ଆଜି ଆମେ ଏହି ପ୍ରକ୍ରିୟାକୁ ବିଶ୍ୱବ୍ୟାପୀ ଏକ ମହାମାରୀ ଭଳି ବ୍ୟାପୁଥିବାର ଦେଖୁଛୁ । ଜାନୁଆରୀ ୨୦୨୩ରୁ ଆରମ୍ଭ ହୋଇଥିବା ଚତୁର୍ଥ ବିଶ୍ୱସ୍ତରୀୟ ପ୍ରବାଳ ବିରଙ୍ଗୀକରଣ ଘଟଣା ଇତିହାସର ସବୁଠାରୁ ବ୍ୟାପକ ଏବଂ ବିନାଶକାରୀ ବୋଲି ପ୍ରମାଣିତ ହୋଇଛି । ୮୦ରୁ ଅଧିକ ଦେଶର ୮୦%ରୁ ଅଧିକ ପ୍ରବାଳ ଦ୍ୱୀପ ଏହି ଅତ୍ୟଧିକ ସାମୁଦ୍ରିକ ତାପମାତ୍ରାର ଶିକାର ହୋଇଛନ୍ତି । ବୈଜ୍ଞାନିକଙ୍କ ମତରେ, ୧.୨ ଡିଗ୍ରୀ ସେଲସିୟସ୍ ବିଶ୍ୱ ତାପମାତ୍ରା ବୃଦ୍ଧି ହିଁ ପ୍ରବାଳ ଦ୍ୱୀପ ପାଇଁ ଚରମ ସୀମା ଥିଲା, କିନ୍ତୁ ଆମେ ବର୍ତ୍ତମାନ ୧.୪ ଡିଗ୍ରୀ ସେଲସିୟସ୍‌ରୁ ଅଧିକ ତାପମାତ୍ରା ବୃଦ୍ଧି ସ୍ତରରେ ପହଞ୍ଚି ସାରିଛୁ, ଯାହା ଏହି ସମ୍ବେଦନଶୀଳ ପରିସଂସ୍ଥା ପାଇଁ ଏକ ମୃତ୍ୟୁ ପରୱାନା ସଦୃଶ ।

ଏହି ସଙ୍କଟର ଗଭୀରତାକୁ ବୁଝିବା ପାଇଁ କିଛି ତଥ୍ୟ ଉପରେ ନଜର ପକାଇବା ଜରୁରୀ । ୧୯୯୮ ମସିହାରେ ହୋଇଥିବା ପ୍ରଥମ ବିଶ୍ୱସ୍ତରୀୟ ବିରଙ୍ଗୀକରଣ ଘଟଣାରେ ବିଶ୍ୱର ୮% ପ୍ରବାଳ ସବୁଦିନ ପାଇଁ ନଷ୍ଟ ହୋଇଯାଇଥିଲା । ଏହା ପରଠାରୁ ଏହି ଧ୍ୱଂସର ଗତି କେବଳ ବଢ଼ିଚାଲିଛି । ୨୦୦୯ରୁ ୨୦୧୮ ମଧ୍ୟରେ ଆଉ ୧୪% ପ୍ରବାଳ ବିଦାୟ ନେଇଛନ୍ତି । ବର୍ତ୍ତମାନର ବିରଙ୍ଗୀକରଣ ଏତେ ଭୟଙ୍କର ଯେ ଅଷ୍ଟ୍ରେଲିଆର ଗ୍ରେଟ୍ ବ୍ୟାରିଅର୍ ରିଫ୍ ଠାରୁ ଆରମ୍ଭ କରି ଭାରତ ମହାସାଗରର ଲାକ୍ଷାଦ୍ୱୀପ ଓ ଆଣ୍ଡାମାନ ପର୍ଯ୍ୟନ୍ତ କୌଣସି ଅଞ୍ଚଳ ଏଥିରୁ ବର୍ତ୍ତିପାରି ନାହିଁ । ଏହା କେବଳ କିଛି ସାମୁଦ୍ରିକ ଜୀବଙ୍କ ମୃତ୍ୟୁ ନୁହେଁ । ବିଶ୍ୱର ପ୍ରାୟ ୫୦ କୋଟିରୁ ୧୦୦ କୋଟି ଲୋକ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ପ୍ରବାଳ ଦ୍ୱୀପ ଉପରେ ନିର୍ଭରଶୀଳ । ଏହା ସାମୁଦ୍ରିକ ଜୀବନର ଏକ-ଚତୁର୍ଥାଂଶକୁ ଆଶ୍ରୟ ଦେବା ସହିତ, ଉପକୂଳବର୍ତ୍ତୀ ଅଞ୍ଚଳକୁ ସାମୁଦ୍ରିକ ଝଡ଼ ଓ ସୁନାମିରୁ ରକ୍ଷା କରେ, ମତ୍ସ୍ୟ ଶିଳ୍ପକୁ ଆଧାର ଯୋଗାଏ ଏବଂ ପର୍ଯ୍ୟଟନରୁ ବିପୁଳ ରାଜସ୍ୱ ଆଣିଥାଏ । ପ୍ରବାଳ ଦ୍ୱୀପର ମୃତ୍ୟୁର ଅର୍ଥ ହେଉଛି ଏକ ସମ୍ପୂର୍ଣ୍ଣ ସାମୁଦ୍ରିକ ଖାଦ୍ୟ ଶୃଙ୍ଖଳର ପତନ, ଉପକୂଳବର୍ତ୍ତୀ ସମୁଦାୟର ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯିବା ଏବଂ ପ୍ରକୃତିର ଏକ ଅମୂଲ୍ୟ ଐତିହ୍ୟର ସବୁଦିନ ପାଇଁ ବିଲୋପ ।

ପ୍ରବାଳ ଦ୍ୱୀପର ଏହି ମୃତ୍ୟୁ ଏକାକୀ ନୁହେଁ; ଏହା ହେଉଛି ଏକ ବୃହତ୍ତର ବିପର୍ଯ୍ୟୟର ପ୍ରଥମ ସ୍ପଷ୍ଟ ସଙ୍କେତ । ଏହା ଦର୍ଶାଉଛି ଯେ ଆମ ଗ୍ରହର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପରିସଂସ୍ଥା ମଧ୍ୟ ସେମାନଙ୍କର ଚରମ ସୀମା ଆଡ଼କୁ ଦ୍ରୁତ ଗତିରେ ଅଗ୍ରସର ହେଉଛନ୍ତି । ଗ୍ରୀନଲ୍ୟାଣ୍ଡ ଏବଂ ଆଣ୍ଟାର୍କଟିକାର ବରଫ ଚାଦର, ଯାହା ପ୍ରତି ଘଣ୍ଟାରେ ଲକ୍ଷ ଲକ୍ଷ ଟନ୍ ବରଫ ହରାଉଛି, ତାହା ମଧ୍ୟ ଏକ ଅପ୍ରତ୍ୟାବର୍ତ୍ତନୀୟ ସ୍ଥିତିର ନିକଟବର୍ତ୍ତୀ । ସେହିପରି, ପୃଥିବୀର ଫୁସଫୁସ୍ କୁହାଯାଉଥିବା ଆମାଜନ ବର୍ଷାବଣ ବାରମ୍ବାର ଅଗ୍ନିକାଣ୍ଡ ଏବଂ ଜଙ୍ଗଲ କ୍ଷୟ ଯୋଗୁଁ ନିଜର ସନ୍ତୁଳନ ହରାଇବାକୁ ବସିଲାଣି । କିନ୍ତୁ ପ୍ରବାଳ ଦ୍ୱୀପର ସଙ୍କଟ ଏ ସମସ୍ତଙ୍କଠାରୁ ଅଧିକ ଗୁରୁତର କାରଣ ଏହା ଆଉ ଭବିଷ୍ୟତର ଆଶଙ୍କା ନୁହେଁ, ଏହା ଏକ ବର୍ତ୍ତମାନର ସତ୍ୟ । ଏହା ପ୍ରମାଣ କରୁଛି ଯେ ଆମର ନିଷ୍କ୍ରିୟତା ଏବଂ ଜଳବାୟୁ ପରିବର୍ତ୍ତନକୁ ରୋକିବାରେ ବିଫଳତା ପ୍ରକୃତିକୁ ତା'ର ସହନଶୀଳତାର ସୀମା ପାର କରାଇ ସାରିଛି ।

ଆମେ ଆଉ ଏକ ଏପରି ସ୍ଥିତିରେ ନାହୁଁ ଯେଉଁଠି ଛୋଟ ଛୋଟ ପଦକ୍ଷେପ କିମ୍ବା ଦୀର୍ଘସୂତ୍ରୀ ଯୋଜନା କାମ ଦେବ । ପ୍ରବାଳ ଦ୍ୱୀପର ବିରଙ୍ଗୀକରଣ ହେଉଛି ପୃଥିବୀର ଜ୍ୱରର ପ୍ରଥମ ଲକ୍ଷଣ, ଯାହା ଦର୍ଶାଉଛି ଯେ ସମଗ୍ର ଶରୀର ଏକ ଗଭୀର ସଙ୍କଟରେ ଅଛି । ଏହା କେବଳ ପରିବେଶବିତ୍ କିମ୍ବା ବୈଜ୍ଞାନିକଙ୍କ ପାଇଁ ଚିନ୍ତାର ବିଷୟ ନୁହେଁ, ଏହା ପ୍ରତ୍ୟେକ ସରକାର, ପ୍ରତ୍ୟେକ ଶିଳ୍ପସଂସ୍ଥା ଏବଂ ପ୍ରତ୍ୟେକ ନାଗରିକଙ୍କ ପାଇଁ ଏକ ଜରୁରୀକାଳୀନ ଆହ୍ୱାନ । ଯଦି ଆମେ ଏବେ ମଧ୍ୟ ଜୀବାଶ୍ମ ଇନ୍ଧନର ବ୍ୟବହାର କମାଇବା, ଅଙ୍ଗାରକାମ୍ଳ ଉଦ୍‌ଗିରଣ ରୋକିବା ଏବଂ ବିଶ୍ୱ ତାପମାତ୍ରା ବୃଦ୍ଧିକୁ ୧.୫ ଡିଗ୍ରୀ ସେଲସିୟସ୍ ମଧ୍ୟରେ ସୀମିତ ରଖିବା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ନ କରୁ, ତେବେ ଆମେ କେବଳ ପ୍ରବାଳ ଦ୍ୱୀପକୁ ନୁହେଁ, ବରଂ ଆମ ନିଜର ଭବିଷ୍ୟତକୁ ମଧ୍ୟ ଏକ ନିର୍ଜୀବ, ଶ୍ୱେତ ମରୁଭୂମିରେ ପରିଣତ କରିଦେବା । ସମୁଦ୍ର ଆଜି ତା'ର ରଙ୍ଗ ହରାଇ ଯେଉଁ ଶ୍ୱେତପତ୍ର ଜାରି କରିଛି, ତାହା ପ୍ରକୃତରେ ଆମ ମାନବ ସଭ୍ୟତାର ଭାଗ୍ୟ ନିର୍ଦ୍ଧାରଣ କରୁଥିବା ଏକ ଚରମପତ୍ର । ଏହାକୁ ପଢ଼ିବାର ଏବଂ ଏହାର ଉତ୍ତର ଦେବାର ଏହା ହିଁ ଅନ୍ତିମ ସୁଯୋଗ ।

## ଝିଅକୁ ଶିଖାଅ

### ଆସୀମା ପ୍ରଧାନ

ଝିଅକୁ ଶିଖାଅ ପ୍ରତିପାଦେ ବିପଦ
କେହି ନୁହେଁ କାହାର
ପ୍ରେମିକ ପୁରୁଷ ବନ୍ଧୁ ଅଥବା ସ୍ୱାମୀ
ମିଛ ମାୟା ସଂସାର।

ସୁଖ ଦୁଃଖ ସବୁ ଅନ୍ୟ ହାତେ ଟେକି
ହେବୁ ତଳିତଳାନ୍ତ
ସାରା ଜୀବନ ଲୁହ ଝରାଇବୁ
ସର୍ବସ୍ୱ ହେବ ଅନ୍ତ।

ଜାଣି ଅଜଣା ଶୁଣି ନୀରବିବେ ସର୍ବେ
ସବୁ ସତ୍ୟର ତତ୍ତ୍ୱ
ହାଟରେ ଗଢି ବାଟରେ ବିକ୍ରି ହେବ
ତା ଆତ୍ମିକ ଅସ୍ତିତ୍ୱ।

ବିନା ଶ୍ରୟେ ବର୍ତିବ ବହ୍ନିକନ୍ୟା ସେହି
ଜ୍ଞାତ କରାଅ ତାକୁ
ଦୟା ସହାନୁଭୂତି ଅନ୍ୟର କେବଳ
ଅସ୍ତିତ୍ୱ ଚାପିବାକୁ

ସ୍ଥିତ ପ୍ରଜ୍ଞା ହୋଇ ସ୍ୱାବଲମ୍ବୀ କରାଅ
ଅସ୍ତ୍ର ତାହାର ଶିକ୍ଷା
ମୁଣ୍ଡ ଟେକି ବାଟ ଚାଲିବ ସବୁଦିନ
ହେଉ ତାର ଏ ଦୀକ୍ଷା।

+ବୀରମହାରାଜପୁର,
ସୁବର୍ଣ୍ଣପୁର

# ଅସମାନତା ପ୍ରକୃତି ପ୍ରଦତ୍ତ ନୁହେଁ



**ଅଧ୍ୟାପକ ଗୋପବନ୍ଧୁ**

ସମାନତା ହେଉଛି ମନୁଷ୍ୟର ଜନ୍ମଗତ ଅଧିକାର। ଏ ଅଧିକାର ତାକୁ ପ୍ରକୃତି ପ୍ରଦାନ କରିଛି। ଜନ୍ମ ଆଧାରରେ କାହାକୁ ଉଚ୍ଚ କିମ୍ବା ନୀଚ କୁହାଯାଇ ପାରିବ ନାହିଁ। ଯେଉଁ ପ୍ରକ୍ରିୟା ମଧ୍ୟଦେଇ ସେ ଜନ୍ମ ନିଏ, ସେଥିରେ କୌଣସି ଅସମାନତା ନାହିଁ, କେବଳ ଲିଙ୍ଗଗତ ଓ ରଙ୍ଗଗତ ପାର୍ଥକ୍ୟକୁ ଛାଡ଼ି। ତାର ଜନ୍ମ ପ୍ରକୃତିର ଏକ ବ୍ୟବସ୍ଥିତ ପ୍ରକ୍ରିୟା ମଧ୍ୟରେ ହୁଏ। ଯେଉଁଥିରେ ଉଚ୍ଚ-ନୀଚର ସୋପାନ ନାହିଁ। ମନୁଷ୍ୟର ଜନ୍ମ ମୁକ୍ତ, କିନ୍ତୁ ଜନ୍ମପରେ ସେ ବନ୍ଧନ ଯୁକ୍ତ ହୁଏ। ଜନ୍ମ ହେଲାପରେ ଅନେକ ବନ୍ଧନରେ ସେ ବାନ୍ଧି ହୋଇଯାଏ। ଏ ସମସ୍ତ ବନ୍ଧନ ପ୍ରକୃତିଦତ୍ତ ନୁହେଁ। ଏଗୁଡ଼ିକ ମନୁଷ୍ୟକୃତ। ପିଲାଟି ଭୂମିଷ୍ଠ ହେବାମାତ୍ରେ କେବଳ ମୁକ୍ତପବନ ଓ ସ୍ୱଚ୍ଛ ଆଲୋକ ସ୍ପର୍ଶକରେ ନାହିଁ, ଏହା ସହିତ ଜାତି, ଧର୍ମ, ବଂଶ, ଗୋତ୍ର, ଗୋଷ୍ଠୀ ଇତ୍ୟାଦିର ବନ୍ଧନ ମଧ୍ୟ ତାକୁ ଜାବୁଡ଼ି ଧରେ। ସେ ସାମାଜିକ ଅସମାନତା ଓ ବାଛବିଚାରର ସମ୍ମୁଖୀନ ହୁଏ। ପ୍ରକୃତି ଏକ ସ୍ୱଚ୍ଛ ଓ ମୁକ୍ତ ବ୍ୟବସ୍ଥା ଯାହା ନିୟନ୍ତ୍ରଣାଧୀନ ନୁହେଁ। ଏହା ଏପରି ଏକ ବ୍ୟବସ୍ଥା ଯେଉଁଥିରେ ଅସମାନତା ନାହିଁ। ସମସ୍ତ ଅସମାନତା ମନୁଷ୍ୟ ତିଆରି।

ମନୁଷ୍ୟର ସ୍ୱାର୍ଥପରତାରୁ ଜନ୍ମ ନେଇଛି ଅସମାନତା। ନିଜକୁ ବଡ ଦେଖାଇବାର ମାନସିକତା, ନିଜେ ଶ୍ରେଷ୍ଠ ଓ ଅନ୍ୟମାନେ ନିକୃଷ୍ଟ, ଆମ ବିଶ୍ୱାସ ଉନ୍ନତ ଓ ଅନ୍ୟମାନଙ୍କ ବିଶ୍ୱାସ ଅନୁନ୍ନତ, ଆମେ ଯାହା କହୁ ଓ କରୁ ତାହା ଠିକ୍, ତେଣୁ ଆମେ ଉପରେ ରହିବା ଓ ଅନ୍ୟମାନେ ଆମ ତଳେ ରହିବେ ଇତ୍ୟାଦି ଅମାନବୀୟ ଭାବନାରୁ ଜାତ ହୁଏ ଅସମାନତା। ଏହିପରି ଭାବନାରୁ ଜାତ ହୁଏ ଜାତି, ଧର୍ମ, ଗୋଷ୍ଠୀ, ସମ୍ପ୍ରଦାୟ ଇତ୍ୟାଦିର ଅବଧାରଣା। ନିଜକୁ ଶ୍ରେଷ୍ଠବୋଲି ପ୍ରଦର୍ଶିତ କରିବା ପଛରେ କେତେକ ଚାଲାକ ଲୋକଙ୍କ ପାଇଁ ସାମାଜିକ ସମ୍ମାନ ଓ ଏହାକୁ ନେଇ ଆର୍ଥିକ ଲାଭ ପାଇବାର ଅଭିପ୍ରାୟ ଥାଏ। ଏହି ଲକ୍ଷ୍ୟରେ ଏମାନେ ଏକ ଅସମ ସମାଜ ଗଠନ କରନ୍ତି। ଏହାକୁ ଯୁକ୍ତିସଙ୍ଗତ କରିବା ପାଇଁ ଧର୍ମ ଓ ପରମ୍ପରାର ଆଶ୍ରା ନିଅନ୍ତି। ଅସମାନତା ଉପରେ ଧର୍ମର ଆସ୍ତରଣ ବିଛାନ୍ତି। କିଛି ଅନ୍ଧବିଶ୍ୱାସୀ ଓ ଅନ୍ଧଭକ୍ତ ସୃଷ୍ଟି କରନ୍ତି, ଯେଉଁମାନେ ଶୋଷିତ ଓ ଭର୍ତ୍ସିତ ହେଲେବି ପ୍ରତିକ୍ରିୟା ପ୍ରକାଶ କରନ୍ତି ନାହିଁ। ଏମାନେ ଭାବିନିଅନ୍ତି ଏହାହିଁ ପ୍ରକୃତିର ନିୟମ। ଏ ଅସମାନତା ପ୍ରାକୃତିକ, ଯାହା ଅନିୟନ୍ତ୍ରିତ। ସେହିପରି ଆର୍ଥିକ ଅସମାନତା ମଧ୍ୟ ପ୍ରକୃତି ପ୍ରଦତ୍ତ ନୁହେଁ। ଜନ୍ମହେବା ମାତ୍ରେ ଏ ବିଶ୍ୱ ଉପରେ ସମସ୍ତଙ୍କ ସମାନ ଅଧିକାର ଥାଏ। ବିଶ୍ୱ ପ୍ରକୃତିକୁ ସମାନଭାବେ ଉପଭୋଗ କରିବା ଜଣକର ଜନ୍ମଗତ ଅଧିକାର। ସମାଜରେ ଧନୀ ଓ ଗରିବର ସୃଷ୍ଟି ପ୍ରକୃତି ପ୍ରଦତ୍ତ ନୁହେଁ। ଏହା ମଧ୍ୟ ସ୍ୱାର୍ଥପର ମନୁଷ୍ୟର କୃତ୍ରିମ ସୃଷ୍ଟି। ଧନୀ ଓ ଗରୀବର ପାର୍ଥକ୍ୟ ପଛରେ ରହିଛି ଆର୍ଥିକ ଶୋଷଣ। ଯିଏ ଯେତେ ପ୍ରାକୃତିକ ସମ୍ପଦକୁ ନିଜ ଅକ୍ତିୟାରରେ ରଖିପାରେ କିମ୍ବା ଏହାର ମୂଲ୍ୟ ବାବଦକୁ ରାଷ୍ଟ୍ର ଜାରିକରି ଥିବା ପ୍ରତୀକ ଟଙ୍କାକୁ ଠୁଳ କରିପାରେ ସେ ସେତେ ଧନୀ। ଯାହା ପାଖରେ ଏସବୁ ନଥାଏ ସେ ହୁଏ ନିର୍ଦ୍ଧନୀ। ଧନୀ ଘରେ ଯିଏ ଜନ୍ମ ହେଲା ସେ ଜନ୍ମରୁ ଧନୀ ଓ ଗରୀବ ଘରେ ଜନ୍ମ ନେଲେ ସେ ଜନ୍ମରୁ ଗରୀବ। ଏ ଧନୀ ଓ ଗରିବର ଅବଧାରଣା ମଧ୍ୟ ପ୍ରକୃତି ପ୍ରଦତ୍ତ ନୁହେଁ। ଏହା ମଧ୍ୟ ଚାଲାକ ଲୋକଙ୍କ କୃତ୍ରିମ ସୃଷ୍ଟି, ଶୋଷଣର ପରିପ୍ରକାଶ। ପ୍ରାଚୀନ ମନୁଷ୍ୟ ଯେତେବେଳେ ବଣଜଙ୍ଗଲରେ ବସବାସ କରୁଥିଲା ସେ ସମୟରେ ବ୍ୟକ୍ତିଗତ ମାଲିକାନାରେ କୌଣସି ପ୍ରାକୃତିକ ସମ୍ପଦ ନଥିଲା। ଯାହାକିଛି ରଖୁଥିଲା ଲୁଚାଇ ରଖୁଥିଲା ତାର ନିଜସ୍ୱ ବ୍ୟବହାର ପାଇଁ। କ୍ରମେ ସେ ଗୋଷ୍ଠୀଗତ ଜୀବନ ଆରମ୍ଭ କଲା। ସେ ସମୟରେ ଗୋଷ୍ଠୀଗତ ମାଲିକାନାରେ ଗୋଟିଏ ଅଞ୍ଚଳକୁ ରଖାଯାଇ ଥିଲା। ଏହା ଥିଲା ମାନବ ସମାଜର ଆଦ୍ୟ ସାମ୍ୟବାଦ। କ୍ରମେ ଗୋଷ୍ଠୀ ବା ଦଳରୁ ତିଆରି ହେଲେ ଦଳପତି, ଦଳପତିରୁ ରାଜା-ମହାରାଜା, ତାଙ୍କ ତଳେ ଜମିଦାର-ସୁବେଦାର ପରି ଅନେକ ପଦାଧିକାରୀ ତିଆରି ହେଲେ। ଏହି ଅବସ୍ଥାରେ ପ୍ରାକୃତିକ ସମ୍ପତ୍ତି ବ୍ୟକ୍ତିଗତ ମାଲିକାନାକୁ ଆସିଲା। ଯାହା ଅଧୀନରେ ବେଶୀ ସମ୍ପଦ ରହିଲା ସେ ଧନୀ ହେଲା ଓ ଯାହା ପାଖରେ ଅଳ୍ପ କିମ୍ବା କମ ସମ୍ପଦ ରହିଲା ସେ ହେଲା ଗରୀବ। ରାଜ୍ୟ ବା ରାଷ୍ଟ୍ରର ବିକାଶ କାଳରେ ପ୍ରତୀକ ମୁଦ୍ରା ଆସିଲା, ତାପରେ ଆସିଲା କାଗଜ ଟଙ୍କା। ଯାହା ପାଖରେ ବେଶୀ ଟଙ୍କା ରହିଲା ସେ ଧନୀ ଓ ଯାହା ପାଖରେ କମ୍ ସେ ହେଲା ଗରୀବ। ତେଣୁ ଧନୀ ଓ ଗରୀବର ଅବଧାରଣା ପ୍ରାକୃତିକ ମଧ୍ୟ ନୁହେଁ। ଏହା ମନୁଷ୍ୟର ସୃଷ୍ଟି କୃତ୍ରିମ ବ୍ୟବସ୍ଥା। ଏ ଅସମାନତାକୁ ପ୍ରତିକ୍ରିୟା ଶୂନ୍ୟ କରିବା ପାଇଁ ମଧ୍ୟ ଧାର୍ମିକ ଲେପ ଦିଆଯାଏ। ଏହା ପ୍ରାକୃତିକ ବୋଲି ପ୍ରଚାର ହୁଏ। ଭାଗ୍ୟ, ଆଶିର୍ବାଦ, କର୍ମଫଳ ଇତ୍ୟାଦିକୁ ପ୍ରାକୃତିକ ପ୍ରକ୍ରୀୟାର ମାନ୍ୟତା ଦିଆଯାଏ।

ପ୍ରାଚୀନ ମନୁଷ୍ୟ ନିକଟରେ ଯଦିଓ ଗୋଷ୍ଠୀଗତ ଭାବନା ଥିଲା, କିନ୍ତୁ ସେ ଜାତିଗତ ଧାରଣାର ଊର୍ଦ୍ଧ୍ୱରେ ଥିଲା। ଅନ୍ୟ ରାଷ୍ଟ୍ରମାନଙ୍କରେ ଏ ଧାରଣା ନାହିଁ କେବଳ ଭାରତବର୍ଷକୁ ଛାଡି। ଭାରତବର୍ଷରେ ବର୍ଣ୍ଣବ୍ୟବସ୍ଥାର ଉଦ୍ରେକ ହେବାପରେ ଏହା ତାର କାୟା ବିସ୍ତାର କରିଛି। ସେହିପରି ବଂଶ, ଗୋତ୍ର, ଟୋଟେମ୍, ଜାତକ, ରାଶି ଇତ୍ୟାଦି ମଧ୍ୟ ବର୍ଣ୍ଣବ୍ୟବସ୍ଥାର ପରବର୍ତ୍ତୀ ଆନୁସାଙ୍ଗୀକ ଉତ୍ପାଦନ। ତେଣୁ ଏଗୁଡ଼ିକ ପ୍ରାକୃତିକ ସୃଷ୍ଟି ନୁହେଁ। ଏଗୁଡ଼ିକ ମନୁଷ୍ୟର କୃତ୍ରିମ ଉଦ୍ଭାବନ। ସେହିପରି ଧର୍ମ ମଧ୍ୟ ମନୁଷ୍ୟ ମନର ଅନ୍ୟ ଏକ ଚତୁର ଉଦ୍ଭାବନ। ପ୍ରାଚୀନ ମନୁଷ୍ୟ ଐଶରୀକ ଶକ୍ତିରେ ବିଶ୍ୱାସ କରୁଥିଲା। କିନ୍ତୁ ଏହା ଧାର୍ମିକ ବିବିଧତାର ରୁପରେଖ ନେଇ ନଥିଲା। ଏହାକୁ ମଧ୍ୟ ପ୍ରାକୃତିକ ବୋଲି କହିହେବ ନାହିଁ। କାରଣ ଐଶରୀକ ଭାବନା ବ୍ୟକ୍ତିସାପେକ୍ଷ। କିଏ ଇଶ୍ୱର ତ କିଏ ଆଲ୍ଲା, କିଏ ଭଗବାନ ତ ପୁଣି କିଏ ଅନ୍ୟ କୌଣସି ସତ୍ତାରେ ବିଶ୍ୱାସ କରେ। ପୁଣି ବୌଦ୍ଧିକତାର ବିକାଶ ସହିତ ଏମାନଙ୍କ ମଧ୍ୟରେ ନାସ୍ତିକ ମାନଙ୍କର ମଧ୍ୟ ଆବିର୍ଭାବ ହୋଇଛି। ବର୍ତ୍ତମାନର ଅବସ୍ଥାରେ ଥିବା ବିଭିନ୍ନ ଧର୍ମର ଧାରଣା ତା ନିକଟରେ ନଥିଲା। ତେଣୁ ବର୍ତ୍ତମାନର ଧାର୍ମିକ ସ୍ୱରୂପ ପ୍ରାକୃତିକ ନୁହେଁ। ଏହା ମନୁଷ୍ୟର କୃତ୍ରିମ ସୃଷ୍ଟି। ମନୁଷ୍ୟର କଳ୍ପନାରୁ ସୃଷ୍ଟି ଏକ ଅବଧାରଣା।

ଜୀବ ଜଗତରେ ମନୁଷ୍ୟ ହେଉଛି ଏପରି ସୃଷ୍ଟି ଯାହା ନିକଟରେ ବିଚାରବୁଦ୍ଧି ସମ୍ପନ୍ନତା ଗୁଣ ରହିଛି। ସମାନତାର ଭାବନା ତାର ଏହି ଗୁଣରୁ ନିସୃତ ହୁଏ। ତାର ବ୍ୟକ୍ତିତ୍ୱ କେବେ ସ୍ୱୀକାର କରିପାରେ ନାହିଁ ଯେ ଜାତି ଦୃଷ୍ଟିରୁ ତାର ସାମାଜିକ ସମ୍ମାନ ଅନ୍ୟମାନଙ୍କ ଠାରୁ ନ୍ୟୁନ ହେବ ବୋଲି। ଜନ୍ମକୁ ନେଇ ଅନ୍ୟମାନେ ତାକୁ ଘୃଣା କରିବେ ଓ ନୀଚ ବୋଲି କହିବେ ଏକଥାକୁ ତା ମନ ଗ୍ରହଣ କରିପାରେ ନାହିଁ। ଏହା ବିରୁଦ୍ଧରେ ସେ ସ୍ୱର ଉତ୍ତୋଳନ କରେ ଓ ଜାତିବିହୀନ ସମାଜର କଥା କହେ। ସେହିପରି ପୁଞ୍ଜିବାଦୀ ରାଷ୍ଟ୍ରରେ ସେ ଧନୀ ଓ ଗରୀବର ଶ୍ରେଣୀକୁ ପିଲାଟି ଦିନରୁ ଉପଲବ୍ଧି କରେ। ଅର୍ଥନୈତିକ ଭାବେ ଦୁର୍ବଳ ହେଲେ ବି ସେ ଆର୍ଥିକ ଭାବେ ସବଳ ହେବାର ବାଟ ଖୋଜେ। ଧନୀ ଓ ଗରୀବର ପ୍ରକୃତ କାରଣ ଯେ ଆର୍ଥିକ ଶୋଷଣ ଏ କଥାକୁ ସେ ଯେତେବେଳେ ବୁଝିପାରେ, ସେତେବେଳେ ସେ ଶୋଷଣ ରହିତ ସମାଜ ବ୍ୟବସ୍ଥା କଥା ଚିନ୍ତାକରେ। ସମାନତା ଉପରେ ପ୍ରତିଷ୍ଠିତ ସାମ୍ୟବାଦୀ ସମାଜର ପରିକଳ୍ପନା କରେ। ଏଥିପାଇଁ ସେ ଅନେକବାର ବିପ୍ଳବର ମାର୍ଗକୁ ଆପଣେଇଛି। ଆର୍ଥିକ ସମାନତା ପ୍ରାପ୍ତ ହେବା ଉଦ୍ଦେଶ୍ୟରେ ନୂତନ ସମାଜ ବ୍ୟବସ୍ଥା ତିଆରି ପାଇଁ ପ୍ରଚେଷ୍ଟା କରିଛି। ବିଶ୍ୱ ସମ୍ପଦ ଉପରେ ସମସ୍ତଙ୍କ ସମାନ ଅଧିକାର ରହିଛି ବୋଲି କହିଛି। ବିଶ୍ୱରେ ଅନୁଷ୍ଠିତ କମ୍ୟୁନିଷ୍ଟ ଆନ୍ଦୋଳନ ଏହାର ନମୁନା। ଭାରତର ସାମାଜିକ ନ୍ୟାୟ ଆନ୍ଦୋଳନ ମଧ୍ୟ ଏହାର ଦୃଷ୍ଟାନ୍ତ। ସାମାଜିକ ଅସମାନତା ଓ ଆର୍ଥିକ ଅସମାନତା ବିରୁଦ୍ଧରେ ତାର ସଂଗ୍ରାମ ଜାରି ରହିଛି। ସେ ଜାତି ରହିତ ସମତାଭିତ୍ତିକ ସମାଜର ପରିକଳ୍ପନା କରିଛି ଓ ସାମୂହିକ ମାଲିକାନା ଜରିଆରେ ସାମ୍ୟବାଦୀ ସମାଜର ମଧ୍ୟ ପରିକଳ୍ପନା କରିଛି। ଏହା ସହିତ ସମତାଭିତ୍ତିକ ଉନ୍ନତ ଧାର୍ମିକ ଚେତନା ଜାଗ୍ରତ କରିବା ପାଇଁ ମଧ୍ୟ ସେ ଚେଷ୍ଟାକରି ଆସିଛି। ଧାର୍ମିକ ମୌଳବାଦକୁ ହଟାଇ ସହନଶୀଳତା ଓ ଉଦାରବାଦ ଉପରେ ଏକ ପ୍ରଗତିଶୀଳ ବ୍ୟବସ୍ଥାର ସ୍ଥାପନ ପାଇଁ ଚେଷ୍ଟାକରି ଆସିଛି। ଏ ସମସ୍ତର ମୂଳରେ ପ୍ରେରଣାର ଉତ୍ସ ହେଉଛି ତା ମନରେ ସ୍ଥାପିତ ହୋଇ ରହିଥିବା ସମାନତାର ଭାବନା। ସେ ଅନୁଭବ କରିଛି ସମାନତା ହେଉଛି ତାର ପ୍ରକୃତିଦତ୍ତ ଜନ୍ମଗତ ଅଧିକାର।

+ ବାରିପଦା, ମୟୂରଭଞ୍ଜ,
ମୋ: ୭୦୦୮୯୭୬୧୮୦

# ସଂକୀର୍ତ୍ତନରେ ଉଗ୍ର ଆଧୁନିକତା

**ଡ଼. ମନୋଜ କୁମାର ମହାନ୍ତି**

ସ୍ରଷ୍ଟାଙ୍କର ବିଚିତ୍ର ସୃଷ୍ଟିକୁ ଅନୁଭବ କରିବାପାଇଁ ମଣିଷ କେଉଁ ପ୍ରାଚୀନ କାଳରୁ ତାର ପ୍ରୟାସ ଆରମ୍ଭ କରିଛି ତାର ହିସାବ ନାହିଁ। । ବିଭୁକୃପା ପାଇଁ ମନ୍ଦିର ପୀଠରୁ ମଠ-ଆଶ୍ରମ ସବୁଠୁ ଭିଡ଼। ପଥର, ମାଟି ଓ ଅନ୍ୟାନ୍ୟ ଧାତୁନିର୍ମିତ ମୂର୍ତ୍ତୀରେ ଭଗବାନଙ୍କୁ ଖୋଜିବାରେ ଓ ତାଙ୍କ ପ୍ରେମରେ ହଜିବାରେ ଆନନ୍ଦ ନିଆରା। ଭକ୍ତି ହିଁ ଭଗବାନ ପ୍ରାପ୍ତିର ଶ୍ରେଷ୍ଠ ମାର୍ଗ ବୋଲି ମୁନିରଷିମାନେ ନିଜସ୍ୱ ଅନୁଭୂତି ରଖିଛନ୍ତି। ଭକ୍ତି ଯୋଗରୁ ଭକ୍ତ ଆନ୍ଦୋଳନର ସୃଷ୍ଟି। ଭକ୍ତି ଆନ୍ଦୋଳନର ପ୍ରମୁଖ ଭାବେ ଶ୍ରୀ ଚୈତନ୍ୟ ଦେବ ଭାରତର ପୁରପଲ୍ଲୀରେ ପରିଚିତ। ଭାଗବତ ଗୀତା ଅନୁସାରେ ସୃଷ୍ଟିର ରହସ୍ୟ ଏବଂ ଈଶ୍ୱରପ୍ରାପ୍ତି ନିମନ୍ତେ ପ୍ରତ୍ୟେକ ମନୁଷ୍ୟ ମୁଖ୍ୟତଃ ତିନୋଟି ମାର୍ଗ ଅନୁସରଣ କରିବା ଉଚିତ୍: କର୍ମ ଯୋଗ, ଜ୍ଞାନ ଯୋଗ ଏବଂ ଭକ୍ତି ଯୋଗ । କର୍ମ ଓ ଜ୍ଞାନ ଯୋଗର ଉର୍ଦ୍ଧ୍ୱରେ ଭକ୍ତିଯୋଗ ଅର୍ଥାତ ଭକ୍ତି ହିଁ ଈଶ୍ୱର ପ୍ରାପ୍ତିର ସର୍ବଶ୍ରେଷ୍ଠମାର୍ଗ। ଭକ୍ତିର ଅର୍ଥ ସମର୍ପଣ ଏବଂ ସମର୍ପଣ ହିଁ ଭକ୍ତିର ଉପଯୁକ୍ତ ପଥ। ମହାଭାରତ ଯୁଦ୍ଧ ସମୟରେ ଅର୍ଜୁନଙ୍କୁ ଶ୍ରୀକୃଷ୍ଣ ବାରମ୍ବାର ଗୋଟିଏ କଥା କହିଛନ୍ତି: ମାମେକମ୍ ଶରଣମ୍ ବ୍ରଜ। ହେ ଅର୍ଜୁନ ତୁମେ ଯେତେ ଯାହା କରନା କାହିଁକି ଶେଷରେ ମୋ ନିକଟରେ ଆତ୍ମସମର୍ପଣ କର। ଦୁନିଆରେ ଆତ୍ମସମର୍ପଣଠାରୁ ଶ୍ରେଷ୍ଠଭକ୍ତି ଆଉ କିଛିନାହିଁ। ତେବେ ପ୍ରଶ୍ନଉଠେ ବାସ୍ତବରେ ଆତ୍ମସମର୍ପଣ କ'ଣ ? ସର୍ବଶକ୍ତିମାନ ସ୍ରଷ୍ଟା ନିକଟରେ ନିଜର ଅସ୍ତିତ୍ୱକୁ ହଜେଇ ଦେବା। ଭୋଗର ଦୁନିଆରୁ ନିଜକୁ ନିବୃତ୍ତ କରି ତ୍ୟାଗର ଜଗତରେ ନିଜକୁ ହଜେଇ ଦେବା। ଆତ୍ମଶୁଦ୍ଧି ସହ ଆରାଧ୍ୟଙ୍କ ପ୍ରତି ଗଭୀର ଅନୁରାଗ ବା ଆନୁଗତ୍ୟଯାତ କରିବା। ଦୈବଶକ୍ତି ନିକଟରେ ନିଜ ଅଜ୍ଞାନତାକୁ ପ୍ରକାଶପୂର୍ବକ ଜଣାଣ, ଭଜନ ଓ କୀର୍ତ୍ତନ ମାଧ୍ୟମରେ ମଗ୍ନହେବା। କୀର୍ତ୍ତନର ଅର୍ଥ ଗୁଣଗାନ ଓ ସଙ୍କୀର୍ତ୍ତନର ଅର୍ଥ ସମ୍ୟକରୂପେ ଭଗବାନଙ୍କର ମହାତ୍ମ୍ୟ ବର୍ଣ୍ଣନାତ୍ମକ ସଙ୍ଗୀତ ବା ମହୀମାର ବର୍ଣ୍ଣନ। ସଙ୍ଗୀତ ଓ ନୃତ୍ୟରେ, ଭକ୍ତିରସରେ ନିଜକୁ ଇଶଙ୍କ ପ୍ରେମରେ ଲୀନ ହୋବାର ଭାବପ୍ରବଣତା ହିଁ ସଙ୍କୀର୍ତ୍ତନ। ସ୍ଥିରଚିତ୍ତରେ, ଶୁଦ୍ଧ ଶରୀରରେ ଏବଂ ସାତ୍ତ୍ୱିକ ମନୋବୃତ୍ତିର ଈଶ୍ୱର ପ୍ରଣିଧାନକୁ ସଙ୍କୀର୍ତ୍ତନ ବୋଲାଯାଏ।

ଐତିହାସିକ ଦୃଷ୍ଟିକୋଣରୁ ଜଣାଯାଏ ପଞ୍ଚଦଶ ଶତାବ୍ଦୀରେ ଆରମ୍ଭ ହୋଇଥିଲା ସଙ୍କୀର୍ତ୍ତନ। ଏହାର ପୃଷ୍ଠପୋଷକ ଥିଲେ ମଣିପୁର ରାଜ୍ୟର ରାଜା କିୟାମ୍ବ। ସେ ଜଣେ ବିଷ୍ଣୁଙ୍କ ଭକ୍ତ ଥିଲେ ଏବଂ ବିଷ୍ଣୁ ମନ୍ଦିର ନିର୍ମାଣ କରି ଇଶ୍ୱରଙ୍କ ପ୍ରତି ଭକ୍ତିଭାବ ଜାଗ୍ରତ ଉଦ୍ଦେଶ୍ୟରେ ଜଣାଣକୁ ସଙ୍ଗୀତ ଓ ନୃତ୍ୟ ସହିତ ପରିବେଷଣ ପୂର୍ବକ ସଙ୍କୀର୍ତ୍ତନରେ ରୂପାନ୍ତରିତ କରିବାକୁ ପ୍ରଜାମାନଙ୍କୁ କହୁଥିଲେ ଓ ନିଜେ ମଧ୍ୟ ସେଥିରେ ସାମିଲ୍ ହେଉଥିଲେ। ପରବର୍ତ୍ତୀ ସମୟରେ ଷୋଡ଼ଶ ଶତାବ୍ଦୀରେ ପଶ୍ଚିମବଙ୍ଗରେ ଶ୍ରୀଚୈତନ୍ୟ ଦେବଙ୍କ ଦ୍ୱାରା ଭକ୍ତିବେଦାନ୍ତର ଆନ୍ଦୋଳନ ଆରମ୍ଭ ହୋଇ ଓଡ଼ିଶା ତଥା ଭାରତର ଅନ୍ୟାନ୍ୟ ପ୍ରାନ୍ତକୁ ବ୍ୟାପିଥିଲା। ସତ୍ୟଯୁଗରେ ଶୋଳସହସ୍ର ଗୋପୀଗୋପାଙ୍ଗନା ମାନେ ଶ୍ରୀକୃଷ୍ଣ ପ୍ରେମରେ ଏତେମାତ୍ରାରେ ଲୀନ ହୋଇଥିଲେ ଯେ ଶ୍ରୀକୃଷ୍ଣ ବଂଶୀବାଦନ ଶୁଣି କୃଷ୍ଣଙ୍କ ନିକଟରେ ରୁଣ୍ଡ ହେଉଥିଲେ। କୃଷ୍ଣଙ୍କ ବିନା ଗୋପୀମାନେ ନିଜକୁ ଅଧୁରା ମନେକରୁଥିଲେ। ଯେଉଁଦିନ ଗୋପପୁର ଛାଡି କୃଷ୍ଣ ଦ୍ୱାରିକା ପ୍ରତ୍ୟାବର୍ତ୍ତନ କଲେ ବାସ୍ତବରେ ଗୋପପୁରବାସୀ ତାଙ୍କ ପ୍ରିୟ କାହ୍ନାଙ୍କୁ ଲୋତକପୂର୍ଣ୍ଣ ନୟନରେ ବିଦାୟ ଦେଇଥିଲେ। ପୁନଶ୍ଚ କୃଷ୍ଣଙ୍କ ରାଜାଭିଶେକରେ ଉପସ୍ଥିତ ଗୋପୀମାନଙ୍କ ନିଛକ ପ୍ରେମର ଆତ୍ମୀୟତାକୁ ଅନୁଭବ କରି ସେଦିନ କୃଷ୍ଣ କହିଥିଲେ ଆମମାନଙ୍କ ମିଳନ ଯୁଗଯୁଗର। ସତ୍ୟ, ଦ୍ୱାପର, ତ୍ରେତୟା ଓ କଳିଯୁଗ ପର୍ଯ୍ୟନ୍ତ ଆମେ ସମସ୍ତେ ପରସ୍ପରକୁ ଭିନ୍ନଭିନ୍ନ ରୂପରେ ଭେଟିବା। କଳିଯୁଗରେ ସଂକୀର୍ତ୍ତନ ମାଧ୍ୟମରେ ଭକ୍ତ ଓ ଭଗବାନଙ୍କର ମିଳନ ହୁଏବୋଲି ଅଭିହିତ। 'ଜପ ହରେକୃଷ୍ଣ ହରେରାମ, ଭଜ ନିତାଇ ଗୌର ରାଧେଶ୍ୟାମ'। ବେଦାନ୍ତ ଭକ୍ତି ଆନ୍ଦୋଳନର ପୁରୋଧା ଭାବେ ଶ୍ରୀଚୈତନ୍ୟଙ୍କ କୃଷ୍ଣପ୍ରେମର ପଟାନ୍ତର ନାହିଁ। କୃଷ୍ଣଭକ୍ତି ପାଇଁ ସଂକୀର୍ତ୍ତନ ଏକ ମୁଖ୍ୟଧାରା କହିଲେ ଅତ୍ୟୁକ୍ତି ହେବନାହିଁ। କୃଷ୍ଣଭକ୍ତିର ମାହାତ୍ମ୍ୟକୁ ବିଶ୍ୱବ୍ୟାପୀ ପ୍ରଚାରପ୍ରସାର ନିମନ୍ତେ ଊନବିଂଶ ଶତାବ୍ଦୀର ଶେଷଆଡ଼କୁ ସ୍ୱାମୀ ପ୍ରଭୁପାଦ ଇସ୍କନ ଭକ୍ତିସଂସ୍ଥା ସ୍ଥାପନ କରିଥିଲେ। କଥାରେ ଅଛି 'ହରେ ନାମେ କି ରସ ଅଛି ପାନକଲା ଲୋକ ସିନା ଜାଣିଛି'। ସଂକୀର୍ତ୍ତନ ଏକ ଭକ୍ତିମୟ କୃଷ୍ଣଚେତନା ଯାହା ଗ୍ରାମାଞ୍ଚଳରୁ ସହରାଞ୍ଚଳ ପର୍ଯ୍ୟନ୍ତ ବ୍ୟାପିଛି। ମୃଦଙ୍ଗ, ଝାଞ୍ଜ, ଘଣ୍ଟାଘଣ୍ଟ ଓ କରତାଳିର ତାଳେତାଳେ ସଂକୀର୍ତ୍ତନ ମଣିଷକୁ ଭାବପ୍ରବଣ କରେ ଭକ୍ତିରସରେ ନିମଜ୍ଜିତ ହେବାକୁ। ସମୟକ୍ରମେ ସଂକୀର୍ତ୍ତନର ଚାହିଦା ବୃଦ୍ଧି ହେବାରେ ଲାଗିଲା। ସଂକୀର୍ତ୍ତନକୁ ବିଦ୍ଧିବିଦ୍ଧଭାବେ ପରିବେଷଣ ପାଇଁ କିଛି ବ୍ୟକ୍ତି ସଂଘଠୀତ ହୋଇ ସଙ୍ଗୀତ ଓ ନୃତ୍ୟସହ ଦୈନିକ କୃଷ୍ଣ ଉପାସନାରେ ନିଜକୁ ଜଡ଼ିତ କରିଚାଲିଲେ। ଦେବାଳୟ ଓ ଘର ପ୍ରତିଷ୍ଠା, ଶିଶୁ ଜନ୍ମୋତ୍ସବ, ମୃତ୍ୟୁ ବାର୍ଷିକୀ, ସହ ବିଭିନ୍ନ ଧାର୍ମିକ ପାରମ୍ପରିକ୍ ପର୍ବପର୍ବାଣୀରେ ସଙ୍କୀର୍ତ୍ତନ ପରିବେଷଣ ଏକ ଆଧାତ୍ମିକ ଜାଗରଣର ପରିଭାଷା। ଚବିଶି ପ୍ରହରି, ଅଷ୍ଟପ୍ରହରୀ ଓ ନିଶିପ୍ରହରୀ ଆଦି ସଂକୀର୍ତ୍ତନ ଉଭୟ ବ୍ୟକ୍ତିଗତ ଆନୁଷ୍ଠାନିକ ଭାବେ ପରିବେଷଣ କରାଯାଉଛି। କୀର୍ତ୍ତନ ମଣ୍ଡପ, କିଛି ଆଲୋକ ସାଜସଜ୍ଜା, ଡାକବାଜି ଯନ୍ତ୍ର ସହ କିର୍ତନିଆଙ୍କ କୀର୍ତ୍ତନ ପରିବେଷଣ। କୀର୍ତ୍ତନ ସମାପନ ପରେ ନଗର ଭ୍ରମଣ। ସଙ୍କୀର୍ତ୍ତନକୁ ବୃତ୍ତି ଭାବରେ ଗ୍ରହଣ କରି କିଛି ବ୍ୟକ୍ତି କୀର୍ତ୍ତନ ଦଳ ଗଢ଼ି ଜୀବିକା ଅର୍ଜନ କରନ୍ତି। କିନ୍ତୁ ବିଗତ କିଛିବର୍ଷ ହେବ ସଂକୀର୍ତ୍ତନର ରୂପରେଖ ବଦଳିବାରେ ଲାଗିଛି। ଏହା ବୃତ୍ତିରୁ ବ୍ୟବସାୟ ଆଡ଼କୁ ଅଗ୍ରସର ହେବାରେ ଲାଗିଛି। ବିଶେଷ କରି ପଶ୍ଚିମ ଓଡିଶାରେ ସଙ୍କୀର୍ତ୍ତନ ଆଉ ସଙ୍କୀର୍ତ୍ତନ ହୋଇ ରହିନାହିଁ। ଏହା ଉଗ୍ର ଆଧୁନିକତାର ମନୋବୃତ୍ତି ସହ ନିଜର ପରିଚୟ ସୃଷ୍ଟି କରିବାରେ ବ୍ୟସ୍ତ। କୀର୍ତ୍ତନ ମଣ୍ଡପକୁ ଅତ୍ୟାଧୁନିକ ଢ଼ଙ୍ଗରେ ସାଜସଜ୍ଜା ସହ କୀର୍ତ୍ତନ ପରିବେଷଣ କରୁଥିବା ଗୋଷ୍ଠୀଙ୍କୁ ଦେଖିଲେ ଲାଗେ ଏମାନେ କେବଳ ମନୋରଞ୍ଜନ ଏବଂ ଅର୍ଥ ଉପାର୍ଜନକୁ ହିଁ ଆଖିରେ ରଖି ସଙ୍କୀର୍ତ୍ତନ ପରିବେଷଣ କରୁଛନ୍ତି। ସଙ୍କୀର୍ତ୍ତନ ନାମରେ ତାମସା ଚାଲିଛି। ସତରେ କଣ ସଂସ୍କୃତି ଅପସଂସ୍କୃତି ଆଡ଼କୁ ପାଦ ଖସେଇ ସାରିଛି କି? ଭକ୍ତି ଥିଲେ ଭକ୍ତିର ରସ ଉତ୍ପନ ହୁଏ। କୀର୍ତ୍ତନ ଗୋଷ୍ଠୀ ଏବେ କାର୍ଟୁନ୍ ଗୋଷ୍ଠୀ ପାଲଟି ଗଲେଣି।ଦଳେ ଝିଅ ଓ ଆଉ ଦଳେ ପୁଅମାନଙ୍କ ମଧ୍ୟରେ କେବେ 'ଆଇ ଆମ ଏ ଦିସ୍କୋ ଦ୍ୟାନ୍ସର' ତ କେବେ 'ତୁ ଚିଜ ବଡ଼ି ହେ ମସ୍ତ ମସ୍ତ, ପୁଣି ଦକ୍ଷିଣ ଭାରତୀୟ ସୁପର ହିଟ୍ ଚଳଚ୍ଚିତ୍ରର ଗୀତ 'ତେରୀ ଝଲକ ଅଶ୍ରିଫ'' ସ୍ୱରରେ ହରେକୃଷ୍ଣ ହରେ ରାମ ଗାନ ସହ ପୁଅ ଝିଅଙ୍କୁ ମଧ୍ୟରେ ସେଇ ଏକପ୍ରକାରର ନୃତ୍ୟକୁ ପରିବେଷଣ ଅସଭ୍ୟ ମାନସିକତାର ପ୍ରୋତ୍ସାହନ ନୁହେଁ ତ ଆଉ କଣ ? ଆଜିକାଲି ଯାତ୍ରା ଅନୁଷ୍ଠାନର ରେକଡ୍ ଦ୍ୟାନ୍ସ ଓ ଆଧୁନିକ ସଙ୍କୀର୍ତ୍ତନ ମଧ୍ୟରେ କିଛି ଫରକ ବାରିହେଉନହି। ବାହା ବାହାରେ ଅତ୍ୟାଧୁନିକତା। ସଙ୍କୀର୍ତ୍ତନ ଏକ ଧର୍ମୀୟ ବିଶ୍ୱାସ, ଏକ ଜାଗରଣ, ଏକ ଭକ୍ତିଭାବପୂର୍ଣ୍ଣ ନୈବେଦ୍ୟ ଯାହା ମାନସିକ ଭୋଗବିଳାସ ଠାରୁ ବହୁଉର୍ଦ୍ଧ୍ୱରେ। ଆତ୍ମିକ ଚେତନାର ବିକାଶରେ ନିଜକୁ ସାମିଲ୍ କରିବାର ଏକ ବୃହତ୍ ପ୍ରୟାସ। ଧନ୍ୟ ଉପସ୍ଥାପକ, ଆୟୋଜକ ଏବଂ ଦର୍ଶକରୂପକ ସାଧାରଣ ଜନତା। ଆମେ ଆମ ସଭ୍ୟତା, ସଂସ୍କୃତି ଓ ପରମ୍ପରାକୁ ସତରେ ସୁରକ୍ଷା ଦେଉଛେ ନା ତାକୁ ନଷ୍ଟଭ୍ରଷ୍ଟ କରୁଛେ ତାହା ହିଁ ପ୍ରସଙ୍ଗ।

ଦର୍ଶନ ବିଭାଗୀୟ ମୁଖ୍ୟ
ବି.ଏନ.ଏମ.ଏ ମହାବିଦ୍ୟାଳୟ,
ଭଦ୍ରକ
ମୋ: ୮୮୯୫୩୪୧୦୩୩




## ଗୋଧୂଳି

### ବେଣୁଧର ସୂତାର

ଲୋହିତ ଗୋଧୂଳି ରଙ୍ଗେ
ସବୁଜ ଧରଣୀ ଅଙ୍ଗେ
ପ୍ରଦୋଷର ଚାରୁ ଚିତ୍ର ଲେଖା
ବିଲ ବନ ତୋଟା ଭୂଇଁ
ମାଟିରୁ ଆକାଶ ଛୁଇଁ
ଅସ୍ତଗାମୀ ରବି ରଶ୍ମି ରେଖା ।।
ଶାଶ୍ୱତ ର ବିରଚନ
ଗୋଧୂଳିର ସମ୍ମୋହନ
ଅନୁପମ ସୁଷମା ସମ୍ଭାର
ଫୁଲେ ଫୁଲେ ମଧୁରାସ
ବହଳ ମଳୟ ବାସ
ପ୍ରକୃତିର ଲଳିତ ବିସ୍ତାର ।।
କୃଷ୍ଣଚୂଡ଼ା ମୃଦୁହାସେ
ରଜନୀଗନ୍ଧାର ବାସେ
ଅସ୍ତଗାମୀ ଅରୁଣିମା ଘେନି
ଅସ୍ତରାଗ ଲାଲିମାରେ
ସନ୍ଧ୍ୟା କୁ ସ୍ୱାଗତ କରେ
କଳଗୀତି ସୁରେ ଏ ଅବନୀ ।।
ଛବିଳ ଦିଗ୍ ବଳୟ
ସୁଷମା ଅତୁଳନୀୟ
ଧରିତ୍ରୀର ଶ୍ୟାମଳ ଅଙ୍ଗନେ
ଅସ୍ତାଚଳ ଭାଲେ ରବି
ସୁନ୍ଦର ରୁଚିର ଛବି
ମାଙ୍ଗଳିକ ଗୋଧୂଳି ଲଗନେ ।।
ଶ୍ୟାମଳ ପ୍ରକୃତି ହସ
ଉପମାର ରମ୍ୟ ରସ
ସୁମଧୁର ବିହଙ୍ଗ ନିଃସ୍ୱନେ
ଗୋଧୂଳି ସୁଷମା ଚୁମି
ମହକଇ ମର୍ତ୍ତ୍ୟ ଭୂମି
ମାୟାପୁରୀ କୁହୁକ ସପନେ ।।
ଅଳକା ପୁରୀର ଶୋଭା
ଏ ସୃଷ୍ଟି ଅଙ୍ଗନେ ଅବା
ସାବଲୀଳ ଲଳିତ ଭଙ୍ଗିମା
ଲାସ୍ୟମୟୀ ଏ ପ୍ରକୃତି
ଗାଉଛି ମଙ୍ଗଳ ଗୀତି
ଲାବଣ୍ୟରେ ବ୍ୟାପ୍ତ ଭୂମି ଭୂମା ।।
ଶ୍ୟାମଳିନୀ ଧରା କୋଳେ
ଅମିୟ ପରଶ ବୋଳେ
ହେମ ମୟ ବର୍ଣ୍ଣିଳ ବିଭୂତି
ପବିତ୍ର ଦୀପାଳି ଜାଳି
ଭକ୍ତି ପୂତେ ଅର୍ଘ୍ୟାଞ୍ଜଳି
ଗ୍ରାମ ବଧୂ ପୂଜେ ବୃନ୍ଦାବତୀ ।।
ଗୋଧୂଳି ମହକ ନେଇ
ରୂପା ଜହ୍ନ ଆସେ ଉଇଁ
ଦୂର ନୀଳ ଚକ୍ରବାଳ କୋଳେ
ଅସ୍ତହେଲେ ବିବସ୍ୱାନ
ତାରା ଫୁଲେ ହସେ ଜହ୍ନ
ବିଭାବରୀ ଆସେ ଧରାତଳେ ।।
ଏ ଭବ ସପନ ପୁରୀ
ଅନୁରାଗ ରଙ୍ଗ ଭରି
ଗାଉଥାଏ ସ୍ୱାଗତ ମହ୍ଲାର
ଗୋଧୂଳି ଲଗ୍ନ ପରି
ବୟସ ଯାଉଛି ସରି
ଲେଖିବାକୁ ଶେଷ ଇସ୍ତାହାର ।।

+କେଶଦୁରାପାଳ କେନ୍ଦୁଝର
ମୋ: ୯୧୭୮୫୬୮୨୪୬

## ସଧବା ନାରୀର ଶ୍ରେଷ୍ଠ ଉପହାର

### ଅଧ୍ୟାପକ ହେମନ୍ତ କୁମାର ଗନ୍ତାୟତ



ଶ ବ୍ୟଞ୍ଜନାକ୍ଷର ଙ୍ଖା ଯୁକ୍ତ ଅକ୍ଷର
ମିଳନେ ଶଙ୍ଖା ଉତ୍ପତ୍ତି
ସଧବା ନାରୀର ଶ୍ରେଷ୍ଠ ଉପହାର
ଜାଣଇ ସେହି ଶ୍ରୀମତୀ ॥

ହୀରା ନୀଳା ମୋତି ମାଣିକ ପ୍ରଭୃତି
ଅମୂଲ୍ୟ ରତନ ଯେତେ
ଶଙ୍ଖା ସହ କେହି ସମ ହେବେ ନାହିଁ
ସୌଭାଗ୍ୟ ନାରୀର ମତେ ॥

ଶଙ୍ଖାରି ଗଢ଼ଇ ଶଙ୍ଖ କାଟି ଭାଇ
ଅତି ଯତନରେ ସେହି
କମକୁଟ କରି ରଙ୍ଗ ଦିଏ ଭରି
ବାଢୁଅ କନ୍ୟାର ପାଇଁ ॥

ସିଁଥିରେ ସିନ୍ଦୂର ସନ୍ତକ ପତ୍ନୀର
ହାତରେ ଦିପଟ ଶଙ୍ଖା
ଗଳାକୁ ସୁନ୍ଦର କଳାମାଳି ତା'ର
ପାଦକୁ ମୁଦି ଝୁମୁକା ॥

ଆସୁ ଯେତେ ବାଧା ପତିବ୍ରତା ସଦା
ସବୁକୁ ସହନ କରି
ମରଲୋକେ ସେହି ସ୍ୱାମୀକୁ ସୁମରି
କଷ୍ଟୁ ହୋଇଥାଏ ପାରି ।।

ତୁଳସୀରେ ସେହି ଜଳ ଦେଇ ଦେଇ
ମାଗୁଣି କରଇ ଦେବୀ
ପତିଙ୍କୁ ମୋହର ଦୀର୍ଘାୟୁ ମା' କର
ଶଙ୍ଖା ପିନ୍ଧି ସ୍ୱର୍ଗ ଯିବି ।।

+ଆସିକା, ଗଞ୍ଜାମ




ଆଜିର ବ୍ୟସ୍ତବହୁଳ ଜୀବନରେ ଲୋକେ ଏକୁଟିଆ ରହୁଛନ୍ତି ଶୁଣିଲେ ଆପଣ ଆଶ୍ଚର୍ଯ୍ୟ ହେଉଥିବେ ନିଶ୍ଚିତ । କିନ୍ତୁ ହଁ ଆଜ୍ଞା !ଏକଥାଟା ସତ । ଜୀବନ ଏବେ ଭାରି ବ୍ୟସ୍ତ ସିନା କିନ୍ତୁ ଏ ବ୍ୟସ୍ତବହୁଳ ଜୀବନରେ ବି ଏକଲାପଣ ଅନେକଙ୍କୁ ମାଡ଼ିବସୁଛି । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଦ୍ୱାରା ପ୍ରକାଶ ପାଇଥିବା ରିପୋର୍ଟରେ ଏକଲାପଣକୁ ନେଇ ସାମ୍ନାକୁ ଆସିଛି ସାଂଘାତିକ ତଥ୍ୟ । ପୃଥିବୀର ଜନସଂଖ୍ୟା ୮୦୦ କୋଟିରେ ପହଞ୍ଚିଲାଣି ସତ ତଥାପି ଆପଣ ବିଶ୍ୱାସ କରୁଛନ୍ତି କି, ପ୍ରତି ୬ ଜଣରେ ଜଣେ ଏକୁଟିଆପଣ ପାଇଁ ମୃତ୍ୟୁ ମୁଖରେ ପଡୁଛନ୍ତି ବୋଲି । କିନ୍ତୁ ଆପଣଙ୍କୁ ବିଶ୍ୱାସ କରିବାକୁ ପଡିବ ଯେ ପ୍ରତି ୬ ଜଣରେ ଜଣେ ଭୋଗୁଛନ୍ତି ଏହି ଏକଲାପଣର ସମସ୍ୟା ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏଭଳି ଚିନ୍ତାଜନକ ତଥ୍ୟ ଦେଇଥିବା ବେଳେ ବିଶ୍ୱର ଏତେ ଜନସଂଖ୍ୟାରେ ବି କିଛି ମଣିଷ ଆଜି ଏକୁଟିଆ ରହୁଥିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ରିପୋର୍ଟ ଅନୁଯାୟୀ ପ୍ରତି ଏକ ଘଣ୍ଟାରେ ୧୦୦ ଜଣଙ୍କ ଜୀବନ ନେଉଛି ଏହି ଲୋନ୍ ?ଲିନେସ୍ ବା ଏକୁଟିଆପଣ । ଏହି ସମସ୍ୟା ସବୁ ବୟସର ଲୋକଙ୍କୁ ପ୍ରଭାବିତ କରିଥାଏ । ବିଶେଷ କରି ଯୁବବର୍ଗ ଏବଂ ନିମ୍ନ ମଧ୍ୟମ ଆୟ ଦେଶରେ ଏଭଳି ସମସ୍ୟା ଅଧିକ ଦେଖିବାକୁ ମିଳେ । ୩ ଜଣ ବୟସ୍କଙ୍କ ମଧ୍ୟରୁ ଜଣଙ୍କୁ ଏବଂ ୪ ଜଣ କିଶୋରଙ୍କ ମଧ୍ୟରୁ ଜଣଙ୍କୁ ପ୍ରଭାବିତ କରୁଛି ଏକୁଟିଆପଣ । ୧୩ରୁ ୨୯ ବର୍ଷ ବୟସର ପ୍ରାୟ ୧୭ ପ୍ରତିଶତରୁ ୨୧ ପ୍ରତିଶତ ଲୋକ ଏକୁଟିଆ ଅନୁଭବ କରୁଥିବା ରିପୋର୍ଟରେ ଉଲ୍ଲେଖ ରହିଛି । କିଶୋରଙ୍କ ମଧ୍ୟରେ ଏହି ହାର ସର୍ବାଧିକ ରହିଛି । କମ୍ ଆୟ କରୁଥିବା ଦେଶରେ ପ୍ରାୟ ୨୪ ପ୍ରତିଶତ ଲୋକ ଏକୁଟିଆ ଅନୁଭବ କରୁଛନ୍ତି ।

### ତେବେ ଏହି ଏକଲାପଣରୁ କେମିତି ପାଇବେ ମୁକ୍ତି ? ଜାଣନ୍ତୁ କିଛି ଉପାୟ...

-ଏକାଠି ରହିବାକୁ ଚେଷ୍ଟା କରନ୍ତୁ
-ସାଙ୍ଗ ହୋଇ ସିନେମା ଦେଖନ୍ତୁ, ଭୋଜନ କରନ୍ତୁ, ବହି ପଢି ବହି ଉପରେ ଆଲୋଚନା କରନ୍ତୁ
-ପୋଷା ପ୍ରାଣୀଙ୍କ ଯତ୍ନ ନିଅନ୍ତୁ କିମ୍ବା ଗଛର ଯତ୍ନ ନେବା ପରି କିଛି କାମ କରନ୍ତୁ, ଯାହା ଏକାକୀପଣରୁ ମୁକ୍ତି ଦେବ
-କୌଣସି କାମରେ ନିଜକୁ ସବୁବେଳେ ନିୟୋଜିତ କରି ରଖନ୍ତୁ
-ଫୋନ କଲ୍, ମେସେଜ୍ କିମ୍ବା ସୋସିଆଲ ମିଡିଆ ମାଧ୍ୟମରେ ନିୟମିତ ଭାବରେ ବନ୍ଧୁ ଏବଂ ପରିବାର ସହିତ ଯୋଗାଯୋଗରେ ରହିବାକୁ ଚେଷ୍ଟା କରନ୍ତୁ
-ଖଟିରେ ବେଶି ସମୟ ବିତାନ୍ତୁ
-ନିଜ ସ୍ୱଭାବର ଲୋକଙ୍କ ସହ କଥାବାର୍ତ୍ତା ହୁଅନ୍ତୁ, ସମାନ ଆଗ୍ରହ ଥିବା ଲୋକଙ୍କୁ ଭେଟନ୍ତୁ
-କ୍ଲବ୍ ଯାଆନ୍ତୁ,ଯଦି ସଙ୍ଗୀତ କିମ୍ବା ଅନ୍ୟ ବାଦ୍ୟଯନ୍ତ୍ରରେ ଆଗ୍ରହ ତେବେ ଶିଖିବାକୁ ଯାଆନ୍ତୁ
-ନିଜକୁ ସୁସ୍ଥ ରଖିବାକୁ ଫିଟନେସ୍ କେନ୍ଦ୍ର ବା ଜିମ୍ ଯାଆନ୍ତୁ
-ସ୍ୱେଚ୍ଛାକୃତ ଭାବେ କୌଣସି ସେବା କାମରେ ଯଦି ଆଗ୍ରହ ଥାଏ, ସେହି ସଙ୍ଗଠନ ସହ ସମୟ ବିତାନ୍ତୁ, ଅଧିକ ଜଡିତ ରୁହନ୍ତୁ
-ଅପରିଚିତ ଲୋକଙ୍କ ସହିତ କଥାବାର୍ତ୍ତା କରନ୍ତୁ, ଭାବର ଆଦାନପ୍ରଦାନ ମଧ୍ୟ ସାମାଜିକ ସମ୍ପର୍କକୁ ସୁଦୃଢ଼ କରେ ଏବଂ ନିଜ ଭିତରର ଏକାକୀପଣକୁ ଦୂର କରେ
-ଆପଣଙ୍କୁ ଯାହା କରିବାକୁ ଇଚ୍ଛା ହେଉଛି ସେୟା କରନ୍ତୁ, ଯେମିତି କି ଆପଣ ଯଦି ରୋଷେଇ ପ୍ରିୟ ତେବେ ରୋଷେଇ କରନ୍ତୁ
-ନିଜ ରୁଚିକୁ ଅଗ୍ରାଧିକାର ଦିଅନ୍ତୁ,ପଢିବା କିମ୍ବା ସୃଜନଶୀଳ କାର୍ଯ୍ୟରେ ଜଡିତ ରୁହନ୍ତୁ
-ନିୟମିତ ବ୍ୟାୟାମ ଆପଣଙ୍କ ମନୋଭାବକୁ ଉନ୍ନତ କରିପାରିବ ଏବଂ ଏକାକୀପଣର ଭାବନାକୁ ହ୍ରାସ କରିପାରିବ
-ନିଜ ପ୍ରତି ଦୟାଳୁ ମନୋଭାବ ଏବଂ ନିଜ ସହ ବୁଝାମଣା କରନ୍ତୁ, ଯାହା ଏକଲାପଣ ଦୂର କରିବାର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ
-ଆପଣଙ୍କ ବିଶ୍ୱାସଯୋଗ୍ୟ ବ୍ୟକ୍ତିଙ୍କ ସହ କଥା ହୁଅନ୍ତୁ
-ପରିବାର ସହ ସମୟ ବିତାନ୍ତୁ
-ପର୍ବପର୍ବାଣୀରେ ଘରେ ସମୟ ବିତାନ୍ତୁ, ଭୋଜି କରନ୍ତୁ, ସାଙ୍ଗରେ ସମସ୍ତେ ଖାଆନ୍ତୁ
-ଜଣେ ବିଶ୍ୱସ୍ତ ବନ୍ଧୁ, ପରିବାର ସଦସ୍ୟ କିମ୍ବା ଜଣେ ଚିକିତ୍ସକଙ୍କ ସହିତ ଆପଣଙ୍କର ଭାବନା ବାଣ୍ଟନ୍ତୁ
-ସବୁ ପରେ ନିଜେ କେମିତି ଖୁସି ରହିବେ ସେଥିପାଇଁ ନିଜେ ସଚେତନ ରୁହନ୍ତୁ

# ଓଭରଥିଙ୍କିଂରେ ଆଗୁଆ ଭାରତୀୟ !

'ସେ ମତେ ଏମିତି କେମିତି କହିଦେଲେ । ମୁଁ ସେଇଠି ଏ କଥାଟା କହିଥିଲେ ଭଲ ହୋଇଥା'ନ୍ତା । ଭୁଲ୍ କରିଦେଲି ଚୁପ୍ ରହିଗଲି । ଆଗକୁ କ'ଣ ହେବ । ଅମକ ଘରର ଲୋକେ ମୋ ବିଷୟରେ କ'ଣ ଭାବୁଥିବେ । ମୋ ସାଙ୍ଗରେ ହିଁ କାହିଁକି ଏମିତି ହେଉଛି ... ଯଦି ମୁଁ ତାଙ୍କୁ ଏ କଥାଟି କହିବି ତା'ହେଲେ ସେ ମତେ ଖରାପ ଭାବିବେନି ତ ? ସମାଜ କ'ଣ କହିବ ? ପରିବାର କ'ଣ କହିବେ ? ସାହିପଡ଼ିଶା , ସମ୍ପର୍କୀୟ ଇତ୍ୟାଦି ଇତ୍ୟାଦି ... '




ଗୁଡ଼ାଏ ଅନାବନା ଭାବନାକୁ ମସ୍ତିଷ୍କରେ ଘାଣ୍ଟି ଚକଡ଼ି ବାରମ୍ବାର ଭାବିବାର ମାରାତ୍ମକ ଶବ୍ଦକୁ କୁହାଯାଏ ଓଭରଥିଙ୍କିଂ । ପ୍ରାୟତଃ ଅଧିକାଂଶ ଲୋକ ଯେକୌଣସି କଥାକୁ ନେଇ ବହୁତ ଚିନ୍ତା କରନ୍ତି । ଦୂରଦୃଷ୍ଟି ରଖିବା ଭଲ କିନ୍ତୁ ବାରମ୍ବାର ଗୋଟିଏ କଥାକୁ ଭାବି କଥାର ଅନର୍ଥ କଲେ ଦୁଃଚିନ୍ତା ମନରେ ଘର କରିବ ନିଶ୍ଚୟ । ଖାଲି ଦୁଃଚିନ୍ତା କାହିଁକି ଏହାଦ୍ୱାରା ମାନସିକ ଏବଂ ଶାରୀରିକ ସ୍ୱାସ୍ଥ୍ୟ ଉଭୟକୁ କ୍ଷତି ପହଞ୍ଚିଥାଏ । ନିକଟରେ ଏକ ଷ୍ଟଡିରୁ ଜଣାପଡ଼ିଛି କି ଭାରତୀୟମାନଙ୍କୁ ଆବଶ୍ୟକତାଠାରୁ ଅଧିକ ଚିନ୍ତା କରିବାର ଅଭ୍ୟାସ ଅଛି । ସେଣ୍ଟର ଫ୍ରେଶ ଏବଂ ୟୁଗୋଭଙ୍କ ମିଳିତ ରିପୋର୍ଟ ଦ୍ୱାରା କରାଯାଇଥିବା ଅଧ୍ୟୟନରୁ ଜଣାପଡ଼ିଛି କି ଭାରତରେ ପ୍ରାୟ ୮୧ ପ୍ରତିଶତ ଲୋକ ବିନା କାରଣରେ ଚିନ୍ତା କରିବାରେ ଅଧିକ ସମୟ ନଷ୍ଟ କରନ୍ତି । ଏପରିକି କିଛି ଲୋକ ତ ଛୋଟରୁ ଛୋଟ କଥା ବିଷୟରେ ମଧ୍ୟ ବହୁତ ଅଧିକ ଚିନ୍ତା କରନ୍ତି । ସର୍ଭେରେ ଜଣାପଡ଼ିଛି କି ୮୧ ପ୍ରତିଶତ ଭାରତୀୟ ପ୍ରତିଦିନ ତିନି ଘଣ୍ଟାରୁ ଅଧିକ ସମୟ ଆବଶ୍ୟକତାଠାରୁ ଅଧିକ ଚିନ୍ତା କରିବାରେ ନଷ୍ଟ କରନ୍ତି । ଏହା ବ୍ୟତୀତ ତିନି ଜଣଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ଓଭରଥିଙ୍କିଂ କିମ୍ବା ଆବଶ୍ୟକତାଠାରୁ ଅଧିକ ଚିନ୍ତା କରିବାର ଅଭ୍ୟାସରୁ ବାହାରିବା ପାଇଁ ଗୁଗଲ କିମ୍ବା ଚାଟଜିପିଟିର ସାହାଯ୍ୟ ନେଉଛନ୍ତି । କାହାକୁ ଗିଫ୍ଟ ଦେବା, କ୍ୟାରିୟରର ଚୟନ କରିବାଠାରୁ ଆରମ୍ଭ କରି କୌଣସି ମେସେଜକୁ ବୁଝିବା ପାଇଁ ଲୋକେ ଚାଟଜିପିଟି ଭଳି ଇଓର ପରାମର୍ଶ ନେଉଛନ୍ତି । ସର୍ଭେରୁ ଜଣାପଡ଼ିଛି କି ଭାରତରେ ଆବଶ୍ୟକତାଠାରୁ ଅଧିକ ଚିନ୍ତା କରିବା ଦୈନନ୍ଦିନ ଜୀବନର ଏକ ଅଂଶ ହୋଇଗଲାଣି । ଏହି ସମସ୍ୟା କେବଳ ବଡ଼ ସହରରେ ନୁହେଁ ବରଂ ଛୋଟ ସହରର ଲୋକମାନଙ୍କ ମଧ୍ୟରେ ମଧ୍ୟ ଦେଖାଯାଉଛି । ଅଧିକାଂଶ ଲୋକ ସୋସିଆଲ ମିଡିଆରେ ପୋଷ୍ଟ ଦେଖିବା, ଅଫିସରେ ମାଲିକଙ୍କ ଓକେ ମେସେଜର ଅର୍ଥ ଖୋଜିବା, ରେଷ୍ଟୁରାଣ୍ଟରେ କ'ଣ ଅର୍ଡର କରାଯିବ ଏବଂ ସେଲ୍ଫି କିମ୍ବା କୌଣସି ଫଟୋକୁ ନିଜ ଷ୍ଟୋରୀରେ ଲଗାଇବା କି ନାହିଁ ଏହି କଥାଗୁଡ଼ିକ ବିଷୟରେ ଚିନ୍ତା କରିବାରେ ହିଁ ବିନା କାରଣରେ ନିଜର ସମୟ ନଷ୍ଟ କରୁଛନ୍ତି । କିଛି ଲୋକ ତ ପୋଷ୍ଟ ପକାଇବା ପୂର୍ବରୁ ବହୁତ ଥର ଚିନ୍ତା କରନ୍ତି । ଏହି ଅଧ୍ୟୟନ ୟୁ ଗୋଆ ନାମକ ଆନ୍ତର୍ଜାତୀୟ ରିସର୍ଚ୍ଚ ଏଜେନ୍ସି କରିଛି । ଏହା ସହିତ ଜଡ଼ିତ ସୂଚନା ସେଣ୍ଟର ଫ୍ରେଶ ଇଣ୍ଡିଆ ଓଭରଥିଙ୍କିଂର ରିପୋର୍ଟରେ ସାମ୍ନାକୁ ଆସିଛି । ତେବେ ଓଭରଥିଙ୍କିଂକୁ ଦୂରେଇବା ପାଇଁ



ପ୍ରଥମେ ନିଜ ଉପରେ ଭରସା କରନ୍ତୁ ଏବଂ ଆତ୍ମପ୍ରେମ କରନ୍ତୁ । ଯାହା ଅନୁଭବ କରୁଛନ୍ତି ତାହା ବାରମ୍ବାର ଭାବିବା ବଦଳରେ କହିବା ଶିଖନ୍ତୁ । ଏଥିରେ ମନ ବି ହାଲୁକା ଲାଗିବ ଏବଂ କିଏ ଜାଣେ ଆପଣ ଯେଉଁ କଥାକୁ ବାରମ୍ବାର ଭାବୁଥିବେ ସେହି କଥାର କିଛି ମୂଲ୍ୟ ହିଁ ନଥିବ । ନକାରାତ୍ମକ ବଦଳରେ ସକାରାତ୍ମକ କଥା ଆଡ଼କୁ ଧ୍ୟାନ ଦିଅନ୍ତୁ ଏବଂ ଆଗକୁ ବଢ଼ନ୍ତୁ । ଯାହା ପସନ୍ଦ କରୁଛନ୍ତି ତାହା ପିନ୍ଧନ୍ତୁ ଏବଂ ଯାହା ଭଲ ଲାଗୁଛି ତାହା ପୋଷ୍ଟ କରନ୍ତୁ ।




ଯେତେପ୍ରକାର ମାନସିକ ରୋଗ ରହିଛି ସେଥିମଧ୍ୟରୁ ସ୍କିଜୋଫ୍ରେନିଆ ହେଉଛି ଏକ ଗମ୍ଭୀର ମାନସିକ ସମସ୍ୟା । ଏହା ମଣିଷର ଭାବନା ଆବେଗ , ବ୍ୟବହାର ଏବଂ କାର୍ଯ୍ୟଦକ୍ଷତାକୁ ବିଶେଷଭାବରେ ପ୍ରଭାବିତ କରିଥାଏ । ପ୍ରାରମ୍ଭିକ ଅବସ୍ଥାରେ ରୋଗୀ ଏକୁଟିଆ ରହିବାକୁ ପସନ୍ଦ କରେ । ନିଜର ଦୈନନ୍ଦିନ କାର୍ଯ୍ୟକୁ ଠିକ୍‌ଭାବରେ କରିପାରେ ନାହିଁ । ନିଦ କମିଯାଏ । ରୋଗୀ ମନରେ ସବୁବେଳେ ଡର ଓ ଭୟର ଭାବନା ଦେଖାଯାଇଥାଏ । କାରଣ ନ ଥାଇ କଥା ଶୁଭୁଛି, ଶୂନ୍ୟବାଣୀ ହେଉଛି ବୋଲି ମଧ୍ୟ କହିଥାଏ । ନ ଥିବା ବସ୍ତୁ, ବ୍ୟକ୍ତିଙ୍କୁ ଦେଖିପାରୁଛି ବୋଲି କହିଥାଏ । ରୋଗୀ ବେଳେବେଳେ ଏସବୁ ଅନୁଭବ ପ୍ରତି ପ୍ରତିକ୍ରିୟା ପ୍ରକାଶ କରେ । ଏହି ପ୍ରତିକ୍ରିୟାରେ ରୋଗୀ ନିଜେ ମନେମନେ କଥାହୁଏ, ଶୂନ୍ୟରେ ଜବାବ ଦିଏ, ମନକୁ ମନ ହସେ ଓ କାନ୍ଦେ । ଭ୍ରାନ୍ତବିଶ୍ୱାସ ଏକ ଅସତ୍ୟ ବା ଭୁଲ ଧାରଣା,

ଯାହାକୁ ରୋଗୀମାନେ ନିଜ ମନରେ ଗଣ୍ଠି ବାନ୍ଧି ଧରିବସନ୍ତି ଏବଂ ଏହା ଅନ୍ୟମାନଙ୍କ ଦ୍ୱାରା ଗ୍ରହଣୀୟ ହୋଇ ନ ଥାଏ । ମସ୍ତିଷ୍କରେ ମୁଖ୍ୟତଃ 'ଡୋପାମିନ' ନାମକ ଏକ ରାସାୟନିକ ତତ୍ତ୍ୱର ମାତ୍ରା ବୃଦ୍ଧି ଯୋଗୁ ଏହି ରୋଗ ହୋଇଥାଏ । ଏହା ଜିନ୍‌ଗତ କାରଣ କିମ୍ବା ପାରିପାର୍ଶ୍ୱିକ ମାନସିକ ଚାପ କାରଣରୁ ହୋଇପାରେ । ଏହି ରୋଗ ଅନେକାଂଶରେ ବଂଶାନୁଗତ ହୋଇଥାଏ । ଏକ ସର୍ଭେରୁ ଜଣାପଡ଼ିଛି ଯଦି ପରିବାରରେ ମାତାପିତାଙ୍କ ମଧ୍ୟରୁ ଜଣେ କାହାକୁ ସ୍କିଜୋଫ୍ରେନିଆ ହୋଇଥାଏ, ତେବେ ତାଙ୍କ ପିଲାଙ୍କୁ ଏହି ରୋଗ ହେବାର ପ୍ରାୟତଃ ୪୦ରୁ ୫୦ ପ୍ରତିଶତ ଆଶଙ୍କା ଥାଏ ।

# ମଧୁମେହ ରୋଗୀ ଏସବୁ ଦିଗପ୍ରତି ସାମାନ୍ୟ ଧ୍ୟାନ ଦେଲେ ଶର୍କରାସ୍ତର ନିୟନ୍ତ୍ରଣରେ ରହିବ !

ଦିନକୁଦିନ ଦେଶରେ ମଧୁମେହ ରୋଗୀଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଛି । ଏପରି ପରିସ୍ଥିତିରେ ଖାଦ୍ୟରେ ରୁଟି ଓ ଭାତକୁ କେତେ ପରିମାଣରେ କିପରି ଭାବେ ସାମିଲ କରାଯିବ ସେ ନେଇ ଲୋକେ ଦ୍ୱନ୍ଦ୍ୱରେ ପଡ଼ି ଯାଇଥାଆନ୍ତି ।



ପ୍ରତିଦିନ ଖାଇବା ଅଭ୍ୟାସ ଆମର ଅନ୍ତନଳୀ ସ୍ୱାସ୍ଥ୍ୟକୁ କିପରି ପ୍ରଭାବିତ କରୁଛି ଆସନ୍ତୁ ସେ ବିଷୟରେ ଜାଣିବା ।
ଭାରତୀୟ ଖାଦ୍ୟଗୁଡ଼ିକରେ ପ୍ରାୟତଃ କାର୍ବୋହାଇଡ୍ରେଟ୍ ଅଧିକ ରହିଥାଏ । ଧଳା ଭାତ, ରିଫାଇନ୍ ମଇଦା ରୁଟି, ଭଜା ପନିପରିବା ଏବଂ ମିଠା ଚା'ରେ କାର୍ବୋହାଇଡ୍ରେଟ୍ ଅଧିକ ରହିଥାଏ । ଏହି ସାଧାରଣ ଦେଖାଯାଉଥିବା ଖାଦ୍ୟରେ ଫାଇବର ଏବଂ ପ୍ରୋଟିନ୍ ଅଭାବ ରହିଥାଏ ଯାହା ରକ୍ତରେ ଶର୍କରା ବୃଦ୍ଧି କରିପାରେ । ମଧୁମେହ ରୋଗୀଙ୍କୁ ରୁଟି ଏବଂ ପନିବାରିବା ଖାଇବା ବାରଣ ନୁହେଁ । କିନ୍ତୁ ପାର୍ଥକ୍ୟ ଆପଣ କିପରି ଖାଉଛନ୍ତି ତାହା ଉପରେ ନିର୍ଭର କରିଥାଏ । ଯଦି ଆପଣଙ୍କ ଖାଦ୍ୟ ସନ୍ତୁଳିତ ଅର୍ଥାତ୍, ଦୁଇଟି ରୁଟି ସହିତ ଡାଲି, ପର୍ଯ୍ୟାପ୍ତ ପନିପରିବା ଏବଂ ଟିକେ ଦହି କିମ୍ବା ପନିର ରହିଛି ତେବେ ଏହା ଏକ ସୁସ୍ଥ ମିଶ୍ରଣ ଖାଦ୍ୟ ଥାଳି । ସେହିପରି ଯଦି ପରିଷ୍କୃତ ଗହମ ବଦଳରେ ବାଜରା, ମଲ୍ଟିଗ୍ରେନ୍ ଅଟା ବ୍ୟବହାର କରିବା ତେବେ ଏହା ଶରୀରରେ ଶର୍କରା ସ୍ତରକୁ ନିୟନ୍ତ୍ରଣରେ ରଖିବାରେ ସାହାଯ୍ୟ କରିଥାଏ । ଡାକ୍ତରଙ୍କ ମତରେ ଆମର ପାକସ୍ଥଳୀ (ଯାହାକୁ ଦ୍ୱିତୀୟ ମସ୍ତିଷ୍କ ଭାବରେ ମଧ୍ୟ ଜଣାଯାଏ) ଶର୍କରା ନିୟନ୍ତ୍ରଣରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଏଥିରେ ଥିବା ଜୀବାଣୁ




କାର୍ବୋହାଇଡ୍ରେଟ୍ ଭାଙ୍ଗିବା, ପ୍ରଦାହ କମାଇବା ଏବଂ ମେଟାବୋଲିଜିମ୍ ଉନ୍ନତ କରିବାରେ ସାହାଯ୍ୟ କରେ । ଶର୍କରା ନିୟନ୍ତ୍ରଣ କରିବା ପାଇଁ ମଧୁମେହ ରୋଗୀମାନେ ଉଷୁମ ପାଣି ଏବଂ ଭିଜା ବାଦାମ ସହିତ ନିଜର ସକାଳ ଆରମ୍ଭ କରିପାରିବେ । ଏହା ସହିତ ମଧୁମେହ ରୋଗୀମାନେ ଖାଦ୍ୟ ଖାଇବାପରେ ୧ ମିନିଟ୍ ଚାଲିବା ଉଚିତ୍ ଯାହା ଦ୍ୱାରା ସେମାନଙ୍କର ଶର୍କରା ସ୍ତର ନିୟନ୍ତ୍ରଣରେ ରହିବ । ଏହା ବ୍ୟତୀତ, ମଧୁମେହ ରୋଗୀମାନେ ଚାପ କମାଇବାକୁ ଚେଷ୍ଟା କରିବା ଉଚିତ, କାରଣ ଚାପ ସିଧାସଳଖ ରକ୍ତ ଶର୍କରାକୁ ପ୍ରଭାବିତ କରିପାରେ ।

# ସେଲ୍ ରାଉରକେଲା ଇସ୍ପାତ କାରଖାନାର ହଟ୍ ଷ୍ଟ୍ରିପ୍ ମିଲ୍-୨ ଦ୍ୱାରା ନୂତନ ଏକଦିବସୀୟ ଉତ୍ପାଦନ ରେକର୍ଡ



ରାଉରକେଲା, ୧୪/୧୦ (ନି.ପ୍ର): ସେଲ୍ ରାଉରକେଲା ଇସ୍ପାତ କାରଖାନା (ଆରଏସପି) ର ଅତ୍ୟାଧୁନିକ ହଟ୍ ଷ୍ଟ୍ରିପ୍ ମିଲ୍-୨ (ଏଚଏସଏମ-୨) ଅକ୍ଟୋବର ୧୦ ତାରିଖରେ କଏଲ୍ ଓଜନ ଏବଂ ସ୍ଲାବ୍ ଓଜନ ଦୃଷ୍ଟିରୁ ଏହାର ସର୍ବକାଳୀନ ଶ୍ରେଷ୍ଠ ଏକଦିବସୀୟ ଉତ୍ପାଦନ ରେକର୍ଡ ହାସଲ କରିଛି।

ଉକ୍ତ ୟୁନିଟ୍ ଆଲୋଚ୍ୟ ଦିନରେ ରେକର୍ଡ ୯୭୩୩ ଟନ ସ୍ଲାବ ରୋଲିଙ୍ଗ ପୂର୍ବକ ମୋଟ ୯୫୨୪ ଟନ ଓଜନର ୪୦୩ ଟି କଏଲ୍ ରୋଲିଂ ପୂର୍ବକ ୨୦୨୫ ସେପ୍ଟେମ୍ବର ୧୦ ତାରିଖରେ ହାସଲ କରିଥିବା ପୂର୍ବ ଶ୍ରେଷ୍ଠ ୯୬୭୧ ଟନ ସ୍ଲାବ ରୋଲିଙ୍ଗ ଓ ୯୪୫୦ ଟନ୍ କଏଲ ଉତ୍ପାଦନ ରେକର୍ଡକୁ ଅତିକ୍ରମ କରିଛି।

ଅକ୍ଟୋବର ୧୩ ତାରିଖ ପୂର୍ବାହ୍ନରେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ତରୁଣ ମିଶ୍ର, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବିଶ୍ୱରଞ୍ଜନ ପଲାଇ, ଏବଂ ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଅନିଲ କୁମାର ବିଭାଗ ପରିଦର୍ଶନ କରି ଏଚଏସଏମ-୨ ସାମୁଦାୟିକଙ୍କୁ ସେମାନଙ୍କର ନିରନ୍ତର ପ୍ରୟାସ ପାଇଁ ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ କାରଖାନାର ଅନେକ ସିଜିଏମ ଏବଂ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ହଟ ଷ୍ଟ୍ରିପ ମିଲ-୨ ଓ ଆନୁଷଙ୍ଗିକ ବିଭାଗର ସିଜିଏମ ଶ୍ରୀ ସୁବ୍ରତ କୁମାର ଶୀର୍ଷ ପ୍ରବନ୍ଧନ ଏବଂ ସହଯୋଗୀ ବିଭାଗଗୁଡ଼ିକୁ ସେମାନଙ୍କର ସମର୍ଥନ ପାଇଁ ଧନ୍ୟବାଦ ଜଣାଇଥିଲେ।

ପିପିସି, ଇଏମଡ଼ି, ସି ଆଣ୍ଡ ଆଇଟି, ରିଫ୍ରାକ୍ଟୋରିଜ, ସେଣ୍ଟ୍ରାଲାଇଜ୍ଡ ଇଲେକ୍ଟ୍ରିକାଲ୍, ସେଣ୍ଟ୍ରାଲାଇଜ୍ଡ ମେକାନିକାଲ୍, ଡିଜାଇନ୍, ଟ୍ରାଫିକ୍ ଏବଂ କଞ୍ଚାମାଲ, ବିଦ୍ୟୁତ୍ ବିତରଣ, ଆରସିଏଲ, ରୋଲ୍ ସପ, ସାମଗ୍ରୀ ପରିଚାଳନା, ଏସଏମଏସ ଏବଂ ଇନଷ୍ଟ୍ରୁମେଣ୍ଟେସନ ଆଣ୍ଡ ଅଟୋମେସନ ଭଳି ବିଭାଗଗୁଡ଼ିକର ସହଯୋଗ ସହିତ ଏଚଏସଏମ-୨ ବିଭାଗର ନିରବଚ୍ଛିନ୍ନ ଏବଂ ଉତ୍ସର୍ଗୀକୃତ ପ୍ରୟାସ ଯୋଗୁଁ ଏହି ସଫଳତା ସମ୍ଭବ ହୋଇପାରିଛି।

## ରାସ୍ତା କାମ ଚାଲିଛି: ଅଭିଯୋଗ ପରେବି ହେଉନି ଭଲକାମ

କେନ୍ଦୁଝର, ୧୪/୧୦ (ନି.ପ୍ର): ଘଟଗାଁ ବ୍ଲକର, ସାନ୍ତରାପୁର ଗ୍ରାମ ଠାରୁ ଭାୟା ଛତିଆ ଦେଇ ରଘୁବେଡା ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡକ ଯୋଜନା ମାଧ୍ୟମରେ ଚାଲିଛି ରାସ୍ତା କାମ। ବହୁ ଜାଗାରେ ଏବେ କଂକ୍ରିଟ ୱାଲ ଠାରୁ ଆରମ୍ଭ କରି କିଛି ଜାଗାରେ ଆରମ୍ଭ ହୋଇଛି କଂକ୍ରିଟ ରାସ୍ତା। ଛତିଆ ରଘୁବେଡା କୁ ସଂଯୋଗ କରୁଥିବା ମଧ୍ୟଭାଗରେ ରହିଛି ଏକ ଶିବ ମନ୍ଦିର। ଏହି ଶିବ ମନ୍ଦିର ନିକଟରେ ଠିକା ସଂସ୍ଥା ଦ୍ୱାରା ନିର୍ମାଣ ହୋଇଛି ଏକ କଂକ୍ରିଟ ରାସ୍ତା। ରାସ୍ତା କାମ ଅତି ନିମ୍ନ ମାନର ହୋଇଥିବାର ଦେଖାଯାଇଛି । ନୂଆ ରାସ୍ତାରେ ବହୁ ଜାଗାରେ ଶିରା ସୃଷ୍ଟି ହୋଇଅଛି ତା ସହ କଂକ୍ରିଟ ଉପରେ କଂକ୍ରିଟ ମଧ୍ୟ ପଡିଛି ସିମେଂଟ,ବାଲି ଚିପସ୍ ର ଭାଗ ମାପ ମଧ୍ୟ ଠିକ୍ ନ ଦେଇ କାମ ହୋଇଥିବାରୁ ଗ୍ରାମବାସୀ ମଧ ଅଭିଯୋଗ କରିଛନ୍ତି ।

# ମା' କୁଶଙ୍ଗାଇ ଦେବୀଙ୍କ ପୀଠରେ ରୁପାର ପରଭା ଛାଉଣି ଲାଗିବ: ଗ୍ରାମବାସୀ ଓ ମନ୍ଦିର କମିଟି ପ୍ରସ୍ତୁତି ବୈଠକ

ବଲାଙ୍ଗୀର, ୧୪/୧୦ (ନି.ପ୍ର): ଲୋଇସିଂହା ନିର୍ବାଚନ ମଣ୍ଡଳି କୁଶଙ୍ଗ ଗ୍ରାମରେ ମାଁ କୁଶଙ୍ଗାଇ ଦେବୀ ଏବଂ ମନ୍ଦିର ଓ ଗ୍ରାମ କମିଟି ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏ ବର୍ଷ ଦଶହରା ଏବଂ ୧୬ପୂଜା ବଏଲ ଯାତ୍ରା ରାଜ୍ୟ ବାହାରୁ ଏବଂ ବିଭିନ୍ନ ଜିଲ୍ଲାରୁ ଭକ୍ତମାନଙ୍କର ସୁଅ ଛୁଟିଥିଲା। ଏହି ଐତିହ୍ୟ ପୀଠ ମା' କୁସଙ୍ଗାଇ ଦର୍ଶନ ପାଇଁ ପ୍ରବଳ ଭିଡ଼ ହୋଇଥିଲା। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ସୁରୁଖୁରୁରେ ଉଦ୍‌ଯାପିତ ହୋଇଥିଲା। ଏହି ଅବସରରେ ମନ୍ଦିର କୁଶଙ୍ଗର ଗ୍ରାମବାସୀ କମିଟି, କୁଶଙ୍ଗ ମନ୍ଦିର କମିଟି ମା'ଙ୍କର ପୀଠରେ ନୂତନ ଭାବେ ରୂପା ଝାଉଣିର ପରଭା ନିର୍ମାଣ ପାଇଁ ଗ୍ରାମ କମିଟି ନିଷ୍ପତି ନିଆଯାଇଛି। ଚଳିତ ଚୈତ୍ର ପୂର୍ଣ୍ଣିମାରେ ପରଭା ଦର୍ଶନ ଆକର୍ଷଣ କରିବା ବୋଲି ସ୍ଥିର କରାଗଲା। ଅଂଚଳବାସୀ ମଧ ମା' ସହିତ ରୂପା ପରଭା ମଧ ଦର୍ଶନ କରିପାରିବେବୋଲି ସମସ୍ତଙ୍କ ଆଶା। ଏଥିରେ କୁଶଙ୍ଗ ଗୌନ୍ତିଆ ବୃନ୍ଦାବନ ପଟେଲ, ସରପଂଚ ଓ ଗ୍ରାମ କମିଟି, କୁଶଙ୍ଗର ମନ୍ଦିର କମଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଡା. ରୁଦ୍ର ନାରାୟଣ ପଟେଲଙ୍କ ନେତୃତ୍ୱରେ ବଲାଙ୍ଗୀର ଦେବାଳୟ ସୁରକ୍ଷା କମିଟିର ବିଭିନ୍ନ ସମୟରେ ଐତିହାସିକ ପୀଠ ସରକାରଙ୍କୁ ବିଭିନ୍ନ ସମୟରେ ଅନୁଦାନ ଦାବି କରି ଆସୁଥିବାବେଳେ କୁଶଙ୍ଗାଇ ଦେବୀ ପୀଠକୁ ଉନ୍ନତିକରଣ ପାଇଁ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହି ଅବସରରେ ମନ୍ଦିର କମିଟି ସମ୍ବର୍ଦ୍ଧିତ କରିଥିଲେ। ସଭାପତି ଜୟକୃଷ୍ଣ ମିଶ୍ର ଓ ପ୍ରଶାନ୍ତ ମହାକୁର ଏବଂ ଗ୍ରାମର ଭକ୍ତମାନଙ୍କ ସହମତି କ୍ରମେ ସାହାଯ୍ୟର ହାତ ବଢ଼ାଇଥିଲେ। ଏହି ବୈଠକରେ ସଭାପତି ରତନଲାଲ ପୃଷ୍ଟି ସଭା ଆହ୍ୱାନ କରିଥିଲେ ଓ ସଭା ସାଙ୍ଗ ହୋଇଥିଲା।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର କେନ୍ଦୁଝରଗଡ ଶିଶୁବାଟିକା ବିଭାଗର ମାତୃ କର୍ମଶାଳା ଅନୁଷ୍ଠିତ

କେନ୍ଦୁଝର, ୧୪/୧୦ (ନି.ପ୍ର): କେନ୍ଦୁଝରଗଡ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କେନ୍ଦୁଝରଗଡର ଶିଶୁବାଟିକା ବିଭାଗର ମାତୃ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବରେ ସ୍ଥାନୀୟ ନରସିଂହ ସ୍ୱାଇଁ ପୋଲିସ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ବେଲା ରାଉତ ଯୋଗ ଦେଇ ଜାତୀୟ ଶିକ୍ଷାନୀତି ଆଧାରରେ ମୌଳିକ ସ୍ତରର ଶିଶୁମାନଙ୍କ ସର୍ବାଙ୍ଗୀନ ବିକାଶରେ ଗୁରୁଜୀଗୁରୁମାଙ୍କ ଭୂମିକା ତଥା ଶିଶୁ ଗଠନରେ ମାଆମାନଙ୍କର ଭୂମିକା ସଂପର୍କରେ ଆଲୋକପାତ କରିଥିଲେ। ପରିଚାଳନା ସମିତିର ସଂପାଦକ ସୁଧାଂଶୁ ଶେଖର ପଣ୍ଡା ଯୋଗ ଦେଇ ମାଆମାନଙ୍କ ଉଦ୍ଦେଶ୍ୟରେ ବାର୍ତ୍ତା ରଖୁବା ସହ ଧନ୍ୟବାଦ ଅର୍ପଣ କରିଥିଲେ। କୋଷାଧ୍ୟକ୍ଷ ବିଜୟ କୁମାର ଦୀକ୍ଷିତ ଏବଂ ସଦସ୍ୟା ଦୁଲାରୀ କିଷ୍ଟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଶିଶୁବାଟିକା ପ୍ରମୁଖ ପ୍ରଦୀପ କୁମାର ଦାସ ଚର୍ଚ୍ଚା ଳାକାଂଶରେ ମାଆମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ରଖୁଥୁଲେ। ପ୍ରଧାନାଚାର୍ଯ୍ୟ ଅଲେଖ ମହାନ୍ତି ଅତିଥମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଏହି କର୍ମଶାଳାରେ ଭାଷାଜ୍ଞାନ, ଗଣିତଜ୍ଞାନ, ବିଜ୍ଞାନ ଓ ସାମାଜିକ ଆଧାରିତ, କାହାଣୀ, ଗୀତ, କଳାତ୍ମକ ବିକାଶର ବିଭିନ୍ନ କାଳାଂଶ କରାଯାଇଥିଲା। ଏଥିରେ ସୁଜାତାରାଣୀ ମିଶ୍ର, ଜ୍ୟୋତିରାଣି ପଣ୍ଡା, ମନସ୍ୱିନୀ ଦାଶ, ପୁଷ୍ପାଞ୍ଜଳି ସାହୁ, ଆରତୀ ସାହୁ, ମୌସୁମୀ ରାଉତରାୟ, ପାର୍ବତୀ ସାହୁ, ଲକ୍ଷ୍ମୀପ୍ରିୟା ମହାନ୍ତି, ଗାୟତ୍ରୀ ମହାନ୍ତି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏଥିରେ ୧୫୦ରୁ ଉର୍ଦ୍ଧ୍ୱ ମାଆଯୋଗ ଦେଇଥିଲେ । ଶିଶୁବାଟିକାର ସମସ୍ତ ଗୁରୁଜୀଗୁରୁମା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ବଲାଙ୍ଗୀର ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟର ଡାଇମଣ୍ଡ ଜୁବଲି ପାଇଁ ପ୍ରସ୍ତୁତି

ବଲାଙ୍ଗୀର, ୧୪/୧୦ (ନି.ପ୍ର): ବଲାଙ୍ଗୀରର ଏକ ଅଗ୍ରଣି ଶିକ୍ଷାନୁଷ୍ଠାନ, ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟର ଡାଇମଣ୍ଡ ଜୁବୁଲି ପ୍ରସ୍ତୁତି ପାଇଁ ଏକ ବୈଠକ ପ୍ରଧାନ ଶିକ୍ଷକ ନରେନ୍ଦ୍ର ନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ଶରତ ଚନ୍ଦ୍ର ପାଣିଗ୍ରାହୀ ଫାଉଣ୍ଡେସନ ଏବଂ ଏହି ବିଦ୍ୟାଳୟର ମିଳିତ ଉଦ୍ୟମରେ ହିରକ ଜୟନ୍ତି ସମାରୋହର ଆୟୋଜନ କରିବା ପାଇଁ ପୁରାତନ ଛାତ୍ରୀ, ପୂର୍ବତନ ଶିକ୍ଷକ ଶିକ୍ଷୟତ୍ରୀ ସମେତ ସହରର ବୁଦ୍ଧିଜିବି ଓ ଶିକ୍ଷାପ୍ରେମୀମାନେ ଏଥିରେ ଯୋଗଦାନ କରିଥିଲେ। ଏହି ପରିପ୍ରେକ୍ଷିରେ ଏକ ସ୍ମରଣିକା ପ୍ରକାଶନ କରିବା ପାଇଁ ମଧ ମତପ୍ରକାଶ ପାଇଥିଲା। ଏହି ବୈଠକରେ ସ୍କୁଲ କମିଟିର ସଭାନେତ୍ରୀ ସୁଶ୍ରୀ ଆନନ୍ଦିନୀ ଦର୍ଜି ଜୁବଲି ପାଳନର ଉଦ୍ଦେଶ୍ୟ ସଂପର୍କରେ ସୂଚନା ଦେଇଥିବାବେଳେ ପୂର୍ବତନ ପ୍ରଧାନ ଶିକ୍ଷୟତ୍ରୀ ସୁଭଦ୍ରା ସ୍ୱାଇଁ ଉକ୍ତ ବିଦ୍ୟାଳୟର ଇତିହାସ ସଂପର୍କରେ ମତବ୍ୟକ୍ତ କରିଥିଲେ। ଶିକ୍ଷାବିତ୍ ମନୋରଂଜନ ସାହୁ ଆଗାମୀ ହିରକ ଜୟନ୍ତି ର ଆୟୋଜନ ପାଇଁ ସମସ୍ତ ପ୍ରକାରର ଆବଶ୍ୟକ ପଦକ୍ଷେପ ନେବା ସହ ସମସ୍ତ ବିବରଣୀ ପ୍ରଦାନ କରିଥିଲେ। ସ୍ଥାନୀୟ ସିଆରସିସି ତଥା ପୁରାତନ ଛାତ୍ରୀ ବିଜୟନୀ ଦାନୀ ନିଜର ଅଭିଜ୍ଞତା ପ୍ରକାଶ କରିଥିଲେ। ସ୍କୁଲର ଶିକ୍ଷକ ସତ୍ୟାନନ୍ଦ ବିଶ୍ୱାଲ, କୃଷ୍ଣଚନ୍ଦ୍ର ବାଗ, ସୁଭଶ୍ରୀ ଭୋଇ, ଅନୁଷ୍କା କୁମ୍ଭାର, ପୁନମ ରଣା, ବନୀତା ତରିଆ, ମନୀଷା ସାହୁ, ଗୀତାଞ୍ଜଳି ମାଝି, ଅରୁନ୍ଧତି ବଡେଇ ଓ ଅନୀତା ସିଂ ପ୍ରମୁଖ ନିଜର ମତାମତ ପ୍ରଦାନ କରିଥିଲେ। କମିଟିର ସଂପାଦିକା ଝୁନିଲତା ଭୋଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ଆଗାମୀ ଦିନରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

# ସେଲ୍ ଆର ଏସ ପି ଦ୍ୱାରା ଭାଲୁଲତା ଗ୍ରାମରେ ସ୍ୱଚ୍ଛତା ୫.୦ ଆଉଟରିଚ୍ କାର୍ଯ୍ୟକ୍ରମ ଆୟୋଜିତ



ରାଉରକେଲା, ୧୪/୧୦ (ନି.ପ୍ର): ଚଳିତ ସ୍ୱଚ୍ଛତା ୫.୦ ଅଭିଯାନର ଏକ ଅଂଶ ସ୍ୱରୂପ, ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସ୍ ପି) ର ସିଏସ ଆର ବିଭାଗ ଦ୍ୱାରା ଅକ୍ଟୋବର ୯ ତାରିଖ ରେ ଭାଲୁଲତା ରେଳ ଷ୍ଟେସନ ସଂଲଗ୍ନ ବଜାର ନିକଟ ବିସ୍ରା ବ୍ଲକ ଅନ୍ତର୍ଗତ ଭାଲୁଲତା ଗ୍ରାମରେ ଏକ ଆଉଟରିଚ୍ କାର୍ଯ୍ୟକ୍ରମ ଆୟୋଜନ କରଯାଇଥିଲା । ଏହି କାର ?୍ୟକ୍ରମରେ ଜନସାଧାରଣଙ୍କ ଉତ୍ସାହଜନକ ପ୍ରତିକ୍ରିୟା ଦେଖିବାକୁ ମିଳିଥିଲା। ଏହି ସ୍ୱଚ୍ଛତା ଏବଂ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମରେ ୧୫୦ ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଏବଂ ଦେଖଣାହାରୀ ଅଂଶଗ୍ରହଣ କରିଥିଲେ।

ଏହି କାର୍ଯ୍ୟକ୍ରମ ରେ ଟାଉନ ଇଞ୍ଜିନିୟରିଂ ଜନସ୍ୱାସ୍ଥ୍ୟ ବିଭାଗର ଡେପୁଟି ସିଏମଓ ଡକ୍ଟର ଦୀପା ଲାଭାଙ୍ଗରେ, ମୁଖ୍ୟ ଅତିଥି ରୂପରେ ଯୋଗ ଦେଇ ଥିଲେ। ଏହି ଅବସରରେ ସି ଏସ ଆର ବିଭାଗ ର ଡିଜିଏମ ଶ୍ରୀ ଟି. ବି. ଟପ୍ପୋ, ଶ୍ରୀ ରାଜୀବ ଏସ୍ ବାରା, ଭାଲୁଲତା ଗ୍ରାମ ପଞ୍ଚାୟତର ସରପଞ୍ଚ ଶ୍ରୀ ବିଚା ମିଞ୍ଜ୍, ପଞ୍ଚାୟତ ସମିତି ସଦସ୍ୟା ସୁଶ୍ରୀ ସୁନୀତା ମିଞ୍ଜ୍, ତଥା ଗ୍ରାମର ଅନ୍ୟ ବହୁ ବରିଷ୍ଠ ବ୍ୟକ୍ତି ଏବଂ ସ୍ଥାନୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ।

ସମାବେଶକୁ ସମ୍ବୋଧିତ କରି, ଡକ୍ଟର ଲାଭାଙ୍ଗରେ ସ୍ୱଚ୍ଛତା ପଦକ୍ଷେପ ଅଧୀନରେ ସ୍ୱଚ୍ଛତା ଏବଂ ପରିଷ୍କାର ପରିଚ୍ଛନ୍ନତାର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହିତ ମ୍ୟାଲେରିଆ ଏବଂ ଡେଙ୍ଗୁ ଭଳି ଭେକ୍ଟର-ବାହିତ ରୋଗକୁ ରୋକିବା ନିମନ୍ତେ ସାମୂହିକ ପଦକ୍ଷେପର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ସାମଗ୍ରିକ ସ୍ୱାସ୍ଥ୍ୟ ଏବଂ ସୁସ୍ଥତା ଉପରେ ସ୍ୱଚ୍ଛତାର ସକାରାତ୍ମକ ପ୍ରଭାବ ବିଷୟରେ ମଧ ମତ ବ୍ୟକ୍ତ କରିଥିଲେ ।

ଏହି ପରିପ୍ରେକ୍ଷୀରେ ସାଗର ନୃତ୍ୟ ଦଳ ଦ୍ୱାରା ସ୍ୱଚ୍ଛତା ଏବଂ ପରିଷ୍କାର ପରିଚ୍ଛନ୍ନତା ଉପରେ ଏକ ଆକର୍ଷଣୀୟ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା । ସେମାନଙ୍କର ଆକର୍ଷଣୀୟ ପ୍ରଦର୍ଶନ ମାଧ୍ୟମରେ, କଳାକାରମାନେ ସୃଜନଶୀଳ ଭାବରେ ବର୍ଜ୍ୟବସ୍ତୁ ପରିଚାଳନା, ପରିଷ୍କାରତା, ବ୍ୟକ୍ତିଗତ ପରିଚ୍ଛନ୍ନତା, ଖୋଲା ଜାଗାରେ ମଳତ୍ୟାଗ ଜନିତ ଜନସ୍ୱାସ୍ଥ୍ୟ ସମସ୍ୟା ଏବଂ ଏକକ-ବ୍ୟବହୃତ ପ୍ଲାଷ୍ଟିକର କ୍ଷତିକାରକ ପ୍ରଭାବ ଉପରେ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ପ୍ରଦାନ କରିଥିଲେ।

ଏହି କାର୍ଯ୍ୟକ୍ରମକୁ ସିଏସଆର ବିଭାଗର ସେକ୍ସନ ଅଫିସର ଶ୍ରୀ ଗନ୍ଧର୍ବ ନାୟକ ଏବଂ ଶ୍ରୀ ବି ଏକ୍କା ମିଳିତ ଭାବରେ ସ୍ଥାନୀୟ ସରପଞ୍ଚ ତଥା ଷ୍ଟେସନ ମାଷ୍ଟରଙ୍କ ସହଯୋଗରେ ସଂଯୋଜନା କରିଥିଲେ ।

# ଚୋରି ଦାନବାକ୍ସ ଜବତ : ମା' ପୁଅ ଗିରଫ

ଖୋର୍ଦ୍ଧା, ୧୪/୧୦ (ନି.ପ୍ର): ଗତ ଶନିବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ନିରାକାରପୁରସ୍ଥିତ ସାଇ ମନ୍ଦିରରେ ଥିବା ଦୁଇଟି ହୁଣ୍ଡିବାକ୍ସକୁ ଚୋରି କରି ନେଇଥିବା ନେଇ ସାଇ ପରିବାର ପକ୍ଷରୁ ନିରାକାରପୁର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତିକରି ନିରାକାରପୁର ଥାନା ପୋଲିସ ୨୬୮/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି । ପରେ ସାଇଂଟିଫିକ ଟିମ ସନ୍ଧାନୀ କୁକୁର ସହଯୋଗରେ ପୋଲିସ ପକ୍ଷରୁ ଏହି ଚୋରିକୁ ଧରିବା ପାଇଁ ତନାଘନା କରିଥିଲା। ଅନୁରୂପଭାବେ ବଜାର ନିକଟରେ ଏହି ଚୋରି ହୋଇଥିବାରୁ ପୋଲିସ ପାଇଁ ଏକ ବଡ ଚାଲେଞ୍ଜ ସୃଷ୍ଟି କରିଥିଲା। ହେଲେ ଚୋରି ହେବାର ୨୪ ଘଂଟା ନ ପୂରୁଣୁ ପୋଲିସ ଉକ୍ତ ଘଟଣାରେ ସମ୍ପୃକ୍ତ ମା'ଓ ପୁଅକୁ ଗିରଫ କରିବା ସହ ସେମାନଙ୍କ ଭଡା ଘରୁ ହୁଣ୍ଡି ବକ୍ସ ଓ ଟଙ୍କା ଜବତ କରିଛି। ଗିରଫ ମା' ପୁଅ ହେଲେ ଭୂଷଣ୍ଡପୁର ଫାଣ୍ଡି ଅନ୍ତର୍ଗତ ଭୂଷଣ୍ଡପୁର ଉରୁମୁଖୀ ସାହିର ଜୟନ୍ତୀ ସିଂହ ଓ ତାଙ୍କ ପୁଅ ସୁଜିତ ସିଂହ । ଉଭୟ ମା-ପୁଅ କିଛିଦିନ ନିଜ ଗାଁ ଛାଡି ନିରାକାରପୁର ପଂଚାୟତସ୍ଥିତ ନରେନ୍ଦ୍ରପୁର ସାହି ନିକଟରେ ଥିବା କେନାଲ ବନ୍ଧରେ ଭଡା ଘରେ ରହୁଥିଲେ। ଉଭୟଙ୍କୁ ପୋଲିସ ଭଡା ଘରୁ ଗିରଫ କରିବା ସହ ଘରୁ ଚୋରି ସାମଗ୍ରୀକୁ ଜବତ କରି । ଉଭୟ ମା ' ପୁଅଙ୍କୁ କୋର୍ଟ ଚାଲାଣ କରିଥିବା ନିରାକାରପୁର ଥାନା ଅଧିକାରୀ ସୂଚନା ଦେଇଛନ୍ତି।

# ଜାତୀୟ ପତାକା ପ୍ରତି ଉପଯୁକ୍ତ ସମ୍ମାନ ପ୍ରଦର୍ଶନ ତଥା ଜାତୀୟ ପତାକାର ସଠିକ ବ୍ୟବହାର ସମ୍ପର୍କରେ ସଚେତନତା

ବାରିପଦା , ୧୪/୧୦ (ନି.ପ୍ର): ଜାତୀୟ ପତାକାକୁ ସମ୍ମାନ ଜଣାଇବା ପ୍ରତ୍ୟେକ ଭାରତୀୟ ନାଗରିକଙ୍କ କର୍ତ୍ତବ୍ୟ । ଭାରତୀୟ ଜାତୀୟ ପତାକା ଆଶା ଓ ଉଚ୍ଚକାଂକ୍ଷା ଭାବେ ଆମ ଦେଶର ଜନସାଧାରଣଙ୍କ ପ୍ରତିନିଧିତ୍ୱ କରିଥାଏ । ତେଣୁ ଜାତୀୟ ପତାକାକୁ ଭଲ ପାଇବା, ସମ୍ମାନ ପ୍ରଦର୍ଶନ କରିବା ଓ ଏହା ପ୍ରତି ଆନୁଗତ୍ୟ ଦେଖାଇବା ଉଚିତ୍ । ଜାତୀୟ ସମ୍ମାନ ନିୟମ ୧୯୭୧ ଅନୁଯାୟୀ ଜାତୀୟ ପତାକାକୁ ଅସମ୍ମାନ କଲେ ଆଇନାନୁଯାୟୀ ଦଣ୍ଡ ବିଧାନର ବ୍ୟବସ୍ଥା ରହିଛି । ସେହିପରି ଫ୍ଲାଗ କୋର୍ଡ ଅଫ୍ ଇଣ୍ଡିଆ-୨୦୦୨ ନିୟମ ଅନୁଯାୟୀ ଏହାର ବ୍ୟବହାର ସଠିକ୍ ଭାବରେ କରାଯିବା ଉଚିତ । ଗୁରୁତ୍ୱପୂର୍ଣ୍ଣ ଜାତୀୟ ଦିବସ, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ କ୍ରୀଡା ମହାକୁମ୍ଭ ସମୟରେ ପ୍ଲାଷ୍ଟିକ୍ ରେ ନିର୍ମିତ ଜାତୀୟ ପତାକା ପରିବର୍ତ୍ତେ କାଗଜରେ ତିଆରି ଜାତୀୟ ପତାକା ବ୍ୟବହାର କରାଯିବା ଉଚିତ । ଏହି ସବୁ କାର୍ଯ୍ୟକ୍ରମ ସମୟରେ ଜନସାଧାରଣ ବ୍ୟବହାର କରୁଥିବା କାଗଜ ତିଆରି ଜାତୀୟ ପତାକାକୁ ଏଣେ ତେଣେ ପଡିଆରେ ପକାଇଥାନ୍ତି, ଯାହାକି ଜାତୀୟ ପତାକାକୁ ଅସମ୍ମାନ ଅଟେ। ତେଣୁ ଜାତୀୟ ପତାକା ଗୁଡିକୁ ଏଣେ ତେଣେ ନପକାଇବା ପାଇଁ ଲୋକମାନଙ୍କୁ ପରାମର୍ଶ ଦେବା ସହିତ କାର୍ଯ୍ୟକ୍ରମ ପରେ ଯଥା ସମ୍ଭବ ଏଗୁଡିକୁ ଲୋକ ମାନଙ୍କ ପାଖରୁ ସଂଗ୍ରହ କରି ରଖି ନେବା ଉଚିତ। ସରକାରଙ୍କ ବିନା ଆଦେଶରେ ଜାତୀୟ ପତାକାକୁ ଅର୍ଦ୍ଧ ନମିତ ଭାବରେ ଉତ୍ତୋଳନ କରିବା ଅନୁଚିତ୍। ଜାତୀୟ ପତାକାକୁ ପୋଷାକ ପରିଚ୍ଛଦ, ୟୁନିଫର୍ମ, କୌଣସି ପ୍ରକାର ଗଦି, ରୁମାଲ, ଗାମୁଛା ଓ ପୋଷାକ ପତ୍ରରେ ବ୍ୟବହାର କରାଯାଇ ପାରିବ ନାହିଁ । ଜାତୀୟ ପତାକା ଉପରେ କୌଣସି ଲେଖାଲେଖି କରିବା ଅନୁଚିତ୍ । କୌଣସି ଆତିଥ୍ୟ ଗ୍ରହଣ ସମୟରେ, ବିତରଣ ସମୟରେ, କୌଣସି ଦ୍ରବ୍ୟ ବହନ ସମୟରେ ଜାତୀୟ ପତାକାକୁ ବ୍ୟବହାର କରାଯାଇ ପାରିବ ନାହିଁ । ସାଧାରଣତନ୍ତ୍ର ଦିବସ ଓ ସ୍ୱାଧୀନତା ଦିବସ ପାଳନ ସମୟରେ ପତାକା ଉତ୍ତୋଳନ ପୂର୍ବରୁ କେବଳ ପତାକା ମଧ୍ୟରେ ଫୁଲ ପାଖୁଡା ରଖାଯାଇ ପାରିବ । ପ୍ରତିମୂର୍ତ୍ତି ଉନ୍ମୋଚନ ସମୟରେ ପ୍ରତିମୂର୍ତ୍ତିକୁ ଆଚ୍ଛାଦିତ କଲାଭଳି ଜାତୀୟ ପତାକା ବ୍ୟବହାର କରାଯାଇ ପାରିବ ନାହିଁ । ପ୍ରତିମୂର୍ତ୍ତି ସ୍ଥଳରେ ପୃଥକ ଭାବରେ ଜାତୀୟ ପତାକା ପ୍ରଦର୍ଶିତ କରାଯାଇ ପାରିବ ?। ଇଚ୍ଛାକୃତ ଭାବେ ଜାତୀୟ ପତାକାକୁ ଚଟାଣ, ଭୂମି କିମ୍ବା ଜଳରେ ସ୍ୱର୍ଶ କରାଯିବା ଅନୁଚିତ୍। ଯାନବାହାନ ରେଳଗାଡି, ନୌକା, ବିମାନର ହୁଡ୍, ପଛପାଖ, ଉଭୟ ପାର୍ଶ୍ୱରେ ଜାତୀୟ ପତାକା ପ୍ରଦର୍ଶିତ କରାଯାଇ ପାରିବ ନାହିଁ । ଜନସାଧାରଣ ଓ ଅନୁଷ୍ଠାନ ଏ ସଂପର୍କରେ ସଚେତନ ରହିବା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଉଅଛି ।

# ଦିବ୍ୟାଙ୍ଗ ଦମ୍ପତି ବର୍ଦ୍ଧିତ ଭତ୍ତାରୁ ବଂଚିତ : ବାରମ୍ବାର ସରକାରୀ ଅଫିସ ଦୌଡିବା ପରେ ନିରାଶ

ମାଲକାନଗିରି, ୧୪/୧୦ (ନି.ପ୍ର): ଜାନୁଆରୀରୁ ୮୦ ପ୍ରତିଶତ ଦିବ୍ୟାଙ୍ଗ ଓ ୮୦ ବର୍ଷରୁ ଅଧିକ ବୟସ୍କଙ୍କୁ ୩୫୦୦ ଟଙ୍କା ପ୍ରଦାନ ଲାଗି ଘୋଷଣା କଲେ ସରକାର । ହେଲେ ମାଲକାନଗିରି ଜିଲ୍ଲାର ଶତ ପ୍ରତିଶତ ଦିବ୍ୟାଙ୍ଗ ଦମ୍ପତି ଅଶିମ ଓ ରାଧାରାଣୀଙ୍କ ବର୍ଦ୍ଧିତ ଭତ୍ତାରୁ ବଂଚିତ । ବାରମ୍ବାର ସରକାରୀ ଅଫିସ ଦୌଡିବା ପରେ ସରକାରୀ ନିୟମର ଆଳ ଫେରାଇ ଦେଇଛନ୍ତି ବାବୁ ।ଭତ୍ତା ମିଳିଲେ ଘର ଚଳିବ । ପେଟକୁ ଦି ମୁଠା ଦାନା ଯିବ । ହେଲେ ସରକାରଙ୍କ ବିଚିତ୍ର ଭତ୍ତା ବ୍ୟବସ୍ଥା ଯୋଗୁଁ ଯୋଗ୍ୟ ହିତାଧିକାରୀଙ୍କ ପାଇଁ ବର୍ଦ୍ଧିତ ଭତ୍ତା ଏବେ ସାତସନ । ମାଲକାନଗିରି ଏମଭି ୮୪ ଗାଁର ଅଶିମ ମଣ୍ଡଳ ଓ ରାଧାରାଣୀ ମଣ୍ଡଳ । ଉଭୟ ଶତ_ତିଶତ ଦିବ୍ୟାଙ୍ଗ । ମଧୁବାବୁ ନେସନ ଯୋଜନାରେ ଉଭୟଙ୍କୁ ମିଳୁଥିବା ଭତ୍ତା ୨୪୦୦ ଟଙ୍କାରେ ଚାରି୍ରାଣୀ କୁଟୁମ୍ବ ଚଳାଇବା କଷ୍ଟକର ହୋଇପଡିଛି । ସରକାରଙ୍କ ପକ୍ଷରୁ ୮୦ ପ୍ରତିଶତ ରୁ ଅଧିକ ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ୩୫୦୦ ଟଙ୍କା ମିଳିବା କଥା । ହେଲେ ସରକାରୀ ବ୍ୟବସ୍ଥା ଏଥିରେ ସାଜିଛି ବଡ଼ ବାଧକ। ଅଶିମ ଓ ରାଧାରାଣୀ ବର୍ଦ୍ଧିତ ଭତ୍ତା ପାଇଁ ବ୍ଲକ ଓ ଉ-ଜିଲ୍ଲାପାଳଙ୍କ ଅଫିସ୍ ଦୌଡି ଦୌଡି ନୟାନ୍ତ । କିନ୍ତୁ ଦିବ୍ୟାଙ୍ଗ ଦମ୍ପତିଙ୍କ ଦୁଃଖ ବୁଝିବାକୁ ଯେପରି କେହି ନାହିଁ।

ସରକାରୀ ନିୟମ ଅନୁଯାୟୀ, ଧାର୍ଯ୍ୟ ସଂଖ୍ୟକ ହିତାଧିକାରୀଙ୍କ ପରେ ବଳକା ଯୋଗ୍ୟ ହିତାଧିକାରୀଙ୍କୁ ୱେଟିଂ ଲିଷ୍ଟରେ ରଖାଯାଏ । ଭତ୍ତା ପାଉଥିବା ହିତାଧିକାରୀଙ୍କ ମୃତ୍ୟୁ ପରେ ତାଲିକାରେ ପରବର୍ତ୍ତୀ ଅପେକ୍ଷାରତ ହିତାଧିକାରୀଙ୍କୁ ସୁଯୋଗ ମିଳେ । ଏବେ ମାଲକାନଗିରିରେ ୪୯ ହଜାର ୧୫୬ ହିତାଧିକାରୀ ଭତ୍ତା ପାଉଥିବା ବେଳେ ୪ ହଜାର ୬୨୧ ଜଣ ଯୋଗ୍ୟ ହିତାଧିକାରୀ ଅପେକ୍ଷାରେ ଅଛନ୍ତି । ୮୦ ପ୍ରତିଶତରୁ ଅଧିକ ଦିବ୍ୟାଙ୍ଗଙ୍କ ପାଇଁ ୫୮୨ ହିତାଧିକାରୀ ସ୍ଲଟ୍ ରହିଛି ଧାର୍ଯ୍ୟ ଲକ୍ଷ୍ୟ ପୂରଣ ପରେ ୧୪୩ ଯୋଗ୍ୟ ଦିବ୍ୟାଙ୍ଗ ହିତାଧିକାରୀ ୱେଟିଂ ଲିଷ୍ଟରେ ଅଛନ୍ତି ଯେଉଁମାନେ ବର୍ଦ୍ଧିତ ଭତ୍ତା ପାଇବା ପାଇଁ ଭତ୍ତା ପାଉଥିବା ହିତାଧିକାରୀଙ୍କ ମୃତ୍ୟୁକୁ ଅପେକ୍ଷା କରିଛନ୍ତି । ଯାହା ଭତ୍ତା ବ୍ୟବସ୍ଥାର ବାସ୍ତବତାକୁ ପଦାରେ ପକାଇଛି । ସରକାର ଭତ୍ତା ଦେଉଛନ୍ତି ସତ । କିନ୍ତୁ ଯେଉଁ ସର୍ତ୍ତ ରଖିଛନ୍ତି ତାହା ଅଶିମ ଓ ରାଧାରାଣୀଙ୍କ ଭଳି ଲକ୍ଷାଧିକ ହିତାଧିକାରୀଙ୍କ ଦୁଃଖକୁ ବଢାଇ ଦେଇଛି ।

# ତିହିଡିରେ ଲକ୍ଷ ଲକ୍ଷ ଟଙ୍କାର ବେଆଇନ ବାଣ ମହଜୁଦ : ପୋଲିସର ଚଢ଼ାଉ ପାଇଁ ଦାବି

ଭଦ୍ରକ, ୧୪/୧୦ (ନି.ପ୍ର): ଭଦ୍ରକ ଜିଲ୍ଲା ତିହିଡି ଥାନା ଅଧୀନରେ ଥିବା ବିଭିନ୍ନ ଅଂଚଳରେ ବେଆଇନ ବାଣ ମହଜୁଦ ରହିଥିବା ଅଭିଯୋଗ ହୋଇଛି । ପୋଲିସ ଚଢ଼ାଉ କରି ଏହି ବେଆଇନ ବାଣସବୁକୁ ଜବତ କରିବାକୁ ସାଧାରଣରେ ଦାବି କରାଯାଇଛି ଆଗକୁ ଆସୁଛି ଦୀପାବଳି କ୍ଷ ଏହାକୁ ଲକ୍ଷ୍ୟ ରଖି ସକ୍ରିୟ ହୋଇ ଉଠିଲେଣି ବାଣ ବିକ୍ରେତା । ତିହିଡ଼ି ବ୍ଲକର ବିଭିନ୍ନ ଅଂଚଳରେ ଥିବା ଏହି ବିକ୍ରେତାମାନେ ପ୍ରଚୁର ପରିମାଣରେ ବେଆଇନ ବାଣ ଆଣି ମହଜୁଦ ରଖିଥିବା ଅଭିଯୋଗ ହେଉଛି । ଏହି ବାଣ ବିକ୍ରି କରିବାକୁ ସେମାନେ ପ୍ରଶାସନ ଠାରୁ ଲାଇସେନ୍ସ ପାଇବାକୁ ଲାଗିପଡିବେ । ଏହା ମିଳିଗଲା ପରେ ସେମାନେ ପ୍ରତିବର୍ଷ ପରି ଖୁଲମଖୁଲା ବାଣ ବିକ୍ରି କରିବେ । ଏଥିଯୋଗୁ ବାଣ ବିକ୍ରି ପାଇଁ ଥିବା ନିୟମାବଳୀ ମଧ ଉଲ୍ଲଙ୍ଘନ ହେବାର ଆଶଙ୍କା ଦେଖାଦେଇଛି । ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବିକ୍ରେତାମାନେ ମହଜୁଦ ରଖିଥିବା ବେଆଇନ ବାଣସବୁକୁ ଜବତ କରିବାକୁ ଦାବି ହୋଇଛି । ଦିନକୁ ଦିନ ପ୍ରଦ୍ୟୁଷଣ ବଢ଼ିବାରେ ଲାଗିଥିବାରୁ ଏହା ସମସ୍ତଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି । ବିଶେଷତଃ ଦୀପାବଳି ସମୟରେ ବାଣ ଫୁଟାଯିବା ଯୋଗୁଁ ବାୟୁମଣ୍ଡଳ ଯଥେଷ୍ଟ ଅଧିକ ମାତ୍ରାରେ ପ୍ରଦ୍ୟୁଷିତ ହେବା ସହ ଶବ୍ଦ ପ୍ରଦୂଷଣ ମଧ ବୃଦ୍ଧି ପାଇଥାଏ । ଏହାଛଡ଼ା ଅଧିକ ଶବ୍ଦ କରୁଥିବା ବାଣ ମଧ ହୃଦରୋଗୀଙ୍କ ପାଇଁ ବିପଦର କାରଣ ହେଉଛି । ଏହାକୁ ଦୃଷ୍ଟିରେ ରଖି ବାଣ ଉପରେ ନିୟମ ଲାଗୁ କରାଯାଇଛି । ଏପରିକି ବାଣ ଫୁଟାଇବା ସମୟରେ ସତର୍କତା ପାଇଁ ଲୋକଙ୍କୁ ମଧ ସଚେତନ କରାଯାଉଛି । ମାତ୍ର ଏହି ସତର୍କତାକୁ ବେଖାତିର କରି ଦୀପାବଳି ସମୟରେ ଲୋକମାନେ ବାଣ ଫୁଟାଇବା ଯୋଗୁଁ ବହୁ ଧନ ଜୀବନ ହାନି ହେବା ସହ ପ୍ରଦ୍ୟୁଷଣ ବଢିଥାଏ । ତିହିଡ଼ି ବ୍ଲକରେ ବାଣ ବିକିବା ପାଇଁ ଲାଇସେନ୍ସ ପାଇବାକୁ ଥିବା ବିକ୍ରେତାମାନେ ବାଣ ଆଣି ମହଜୁଦ ରଖିଥିବା ଜଣାଯାଇଛି । ସେହି ବିକ୍ରେତାମାନଙ୍କ ତାଲିକା ପୋଲିସ ପାଖରେ ବି ରହିଛି । ଏହି ପରିପ୍ରେକ୍ଷୀରେ ପୋଲିସ ପକ୍ଷରୁ ଚଢ଼ାଉ କରାଗଲେ ବହୁ ବେଆଇନ ବାଣ ଜବତ ହୋଇପାରନ୍ତା ।

# ପେସା ମୋବିଲାଇଜର୍‌ଙ୍କୁ ଉଚିତ୍ ମୂଲ୍ୟ ଦେବା ନିମନ୍ତେ ଦାବି

ମାଲକାନଗିର, ୧୪/୧୦ (ନି.ପ୍ର): ଆଜି ପୁଣି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ ପେସା ଗ୍ରାମ ସଭା ମୋବିଲାଇଜର ସଦସ୍ୟ ନିଜ ନିଜ ସମସ୍ୟା ନେଇ ! ୧୬ ଜୁନ୍ ୨୦୨୫ ରେ ସେମାନଙ୍କ ଦରମାବୃଦ୍ଧି, ସରକାରୀ ମାନ୍ୟତା କାର୍ଯ୍ୟସୂଚି, ପେନ୍‌ସନ୍, ଇପିଏଫ୍ ପ୍ରଭୃତି ୧୦ ଦଫା ଦାବି ସହ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ଦେଇଥିଲେ ତାହାର ପ୍ରଗତି ବୁଝିବାସହ ସରକାର କଣ ସମସ୍ତ ପଦକ୍ଷେପ ନେଇଛନ୍ତି ଜାଣିବା ପାଇଁ ଆଜି ସେମାନେ ଆସିଥିଲେ ! ସେମାନେ ଗ୍ରାମସଭାରେ ମହିଳା ଭାଗିଦାରିତା, ପେନ୍‌ସନ୍, ରାସନ କାର୍ଡ଼ରେ ନାମ ଉଲ୍ଲେଖ କରିବା, ସରକାରଙ୍କ ପଂଚାୟତ ସ୍ତରୀୟ ସମସ୍ତ ସର୍ଭେ ରେ ସହଯୋଗ କରିଥାନ୍ତି। ଦୁଃଖ ଓ ପରିତାପର ବି ଷୟ ମାସିକ ୧୬୩୨ ବା ଦିନକୁ ୫୪ ଟଙ୍କା ୪୦ ପଇସାରେ କାର୍ଯ୍ୟ କରିବା କେତେଯେ କଷ୍ଟକର ତାହା ସମସ୍ତ ଙ୍କୁ ଭଲଭାବେ ଜଣା ! ଏଣୁ ଏହି ପେସା ଗ୍ରାମ ସଭା ମୋବିଲାଇଜରଙ୍କୁ କାମର ଉଚିତ ମୁଲ୍ୟ ପ୍ରଦାନ କରିବା ପାଇଁ ପୁଣିଥରେ ଆଜି ସମସ୍ତେ ଅତିରିକ୍ତ ଜିଲ୍ଲାପାଳଙ୍କୁ ମିଶି ସମସ୍ତ ବିଷୟ ବୁଝିବା ସହ ପୁଣିଥରେ ମନେ ପକାଇ ଦେଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ବିଶ୍ୱକୁ ବନ୍ଦୀ...

ଟ୍ରମ୍ପଙ୍କ ଅନୁଯାୟୀ, ଚୀନର ଲକ୍ଷ୍ୟ ହେଉଛି ଏସିଆ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଆମେରିକାର ପ୍ରଭାବକୁ ହ୍ରାସ କରିବା ଏବଂ ଶେଷରେ ନିଜେ ସେହି ଅଞ୍ଚଳର ଏକଚ୍ଛତ୍ର ଶାସକ ହେବ । କଥାହେଲା, ଚୀନ୍ ଉପରେ ଏବେ ଆମେରିକା ଖପ୍ପା । ଆଉ ଟ୍ରମ୍ପ ଯେଉଁପରି ନିଶାନା କରୁଛନ୍ତି ସେଥିରୁ ଗୋଟିଏ କଥା ସ୍ପଷ୍ଟ ଆଗାମୀ ଦିନରେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ଆହୁରି ତିକ୍ତତାପୂର୍ଣ୍ଣ ରହିବ ।

### ଜେଲ ଅଧିକାରୀଙ୍କ ଅବହେଳାର...

ସେହିଭଳି ବାହାର ଗେଟରେ ଲାଗିଥିବା ଦୁଇ କ୍ୟାମେରା ଠିକରେ କାମ କରୁନଥିଲା। ଯେଉଁ ତ୍ରୁଟିକୁ ଅଧୀକ୍ଷକ ଓ ଜେଲର ଅନୁଧ୍ୟାନ କରିବା କଥା, କିନ୍ତୁ ଏ ଦୁହେଁ ମନିଟରିଂରେ ଅବହେଳା କରିଥିଲେ। ସେପଟେ ଦୁଇ ଅପରାଧୀ ଯେଉଁ ଆରିରେ ସେଲ୍ କାଟିଥିବା କୁହାଯାଉଛି, ତାହା ସମ୍ଭବ ନୁହେଁ ବୋଲି ରିପୋର୍ଟ କହୁଛି। ଆଉ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି, ଅଲଗା ସେଲରେ ଥାଇ ବି ଦୁଇ ଅପରାଧୀ ଯେଭଳି ଗୋଟିଏ ସମୟରେ ପାଚେରୀ ଡେଇଁ ଛୁ ମାରିଛନ୍ତି, ତା ପଛରେ ରହିଛି ଯୋଜନାବଦ୍ଧ ଷଡ଼ଯନ୍ତ୍ର। ଏପଟେ ଚୌଦ୍ୱାର ଜେଲରୁ ୨ ହାର୍ଡକୋର୍ କଏଦୀ ଖସିବାର ୧୨ ଦିନ ପରେ ବି ପୋଲିସର ହାତ ଖାଲି। ସେମାନଙ୍କ ସଂପର୍କରେ ଏଯାଏଁ ସାମାନ୍ୟ ସୁରାକ ବି ମିଳିନି। ଏପଟେ ଚୌଦ୍ୱାର ଜେଲ ତ୍ରୁଟି ପରେ, ରାଜ୍ୟର ସବୁ ଜେଲକୁ ନିୟମିତ ଓ ସରପ୍ରାଇଜ୍ ଭିଜିଟ୍ ପାଇଁ ଜିଲ୍ଲାପାଳ ଓ ଏସପିମାନଙ୍କୁ ଚିଠି ଲେଖିଛନ୍ତି ଜେଲ୍ ଡିଜି ସୁଶାନ୍ତ ନାଥ। ତେବେ ଏହି ନିୟମ ଆଗରୁ ଥିଲେ ବି ଏବେ ହଠାତ କାହିଁକି ତାକୁ ନେଇ ଉଠିଛି ପ୍ରଶ୍ନ।

### ଡ୍ରୋନ୍ ପରେ ଶ୍ରୀମନ୍ଦିରରେ...

ସମସ୍ତଙ୍କ ପାଇଁ ନିୟମ ହେବ ସମାନ । ଏଥିସହ ଶ୍ରୀମନ୍ଦିର ସୁରକ୍ଷାରେ ନିୟୋଜିତ କର୍ମଚାରୀଙ୍କୁ ସ୍ୱତନ୍ତ୍ର ଟ୍ରେନିଂ ଦିଆଯିବ। ସୁରକ୍ଷା ଗତିବିଧି ଉପରେ ନଜର ରଖିବାକୁ ପୋଲିସଙ୍କ ପାଇଁ ରହିବ ୱାକିଟକି ବ୍ୟବସ୍ଥା । ଆଜି ଶ୍ରୀମନ୍ଦିର ସୁରକ୍ଷା ସବକମିଟି ବୈଠକ ପରେ ଏ ବଡ଼ ସୂଚନା ଦେଇଛନ୍ତି କମିଟି ମୁଖ୍ୟ ତଥା ମ୍ୟାନେଜିଂ କମିଟି ସଦସ୍ୟ ଗିରୀଶ ଚନ୍ଦ୍ର ମୁର୍ମୁ। ସେ କହିଛନ୍ତି-ଜଗନ୍ନାଥ ମନ୍ଦିର ସୁରକ୍ଷାକୁ ନେଇ ଏକ Comphrensive security plan କରାଯାଇଛି। ଯେଉଁଥି ପାଇଁ ଭିତ୍ତିଭୂମି ସୁଦୃଢୀକରଣକୁ ଅଧିକ ଗୁରୁତ୍ୱ ଦିଆଯିବ। ଆଧୁନିକ ସରଞ୍ଜାମ ଯେପରିକି ଡ୍ରୋନ୍ ସିଷ୍ଟମକୁ ଅକାମୀ କଲା ଭଳି ଆଣ୍ଟି ଡ୍ରୋନ ସିଷ୍ଟମ ବି କିଣାଯିବ। ଏଥିପାଇଁ ୨୦କୋଟି ଖର୍ଚ୍ଚର ଆକଳନ କରାଯାଇଥିବାର ସୂଚନା ରହିଛି। ଏଥିସହ ଶ୍ରୀମନ୍ଦିର ସୁରକ୍ଷାରେ ନିୟୋଜିତ କର୍ମଚାରୀଙ୍କୁ ସ୍ୱତନ୍ତ୍ର ଟ୍ରେନିଂ ଦିଆଯିବ। ମନ୍ଦିରର ଉଭୟ ଭିତର ଓ ବାହାର ସିକ୍ୟୁରିଟି ସାଙ୍ଗକୁ କ୍ରାଉଡ୍ ମ୍ୟାନେଜମେଣ୍ଟ ଉପରେ ବି ଫୋକସ୍ ରହିବ। ଅଧିକ କଡ଼ା ହେବ ଶ୍ରୀମନ୍ଦିର ସୁରକ୍ଷା। ଜଗନ୍ନାଥ ମନ୍ଦିରରେ ରହିବ ୱାର୍ଲଡକ୍ଲାସ୍ ସିକ୍ୟୁରିଟି। ଏଭଳି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି- ସୁରକ୍ଷା ସବ-କମିଟି ସଦସ୍ୟ ତଥା ବରିଷ୍ଠ ସେବାୟତ ମାଧବ ମହାପାତ୍ର।

### ଯୋଗାଣ ମନ୍ତ୍ରୀଙ୍କ...

ବହୁ ହିତାଧିକାରୀ ଇ-କେୱାଇସି ଅପଡେଟ୍ କରିନାହାନ୍ତି । ବୟସ୍କ ଓ ଶଯ୍ୟାଶାୟୀଙ୍କ ଇ-କେୱାଇସି ଅପଡେଟରେ ସମସ୍ୟା ରହିଛି । ଦାଦନ ଖଟିବାକୁ ଯାଇ ବାହାରେ ରହୁଥିବା ଶ୍ରମିକମାନେ ମଧ ଇ-କେୱାଇସି କରିପାରିନାହାନ୍ତି । ଗରିବଙ୍କ ଚାଉଳରେ ବହୁ ବଡ଼ ବଡ଼ିଆ ଭାଗ ବସାଉଥିବା ଅଭିଯୋଗ ହୋଇ ଆସୁଥିଲା । ଆଉ ବିଜେପି ସରକାର ଆସିବା ପରେ ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ ଦେବା ପାଇଁ ଆରମ୍ଭ ହୋଇଥିଲା ଧରପଗଡ଼ ।

### ଆସିଲା ଦୀପାବଳି ...

ଖୋଲା ଜାଗାରେ ଯଦି କେହି ବାଣ ଫୁଟାଇବାକୁ ଚାହିବେ ତାହା ସବୁଜ ବାଣ ହିଁ ହୋଇଥିବ । ଝୁମ୍ପୁଡ଼ି ଘର , ଦୋକାନ, ଅଗ୍ନି-ପ୍ରବଣ ସ୍ଥାନ, ରାସ୍ତା ଏବଂ ଅଧିକ ଯାତାୟାତ ସ୍ଥାନରେ ବାଣ ଫୁଟାଇବାକୁ ବର୍ଜନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ୧୦ ବର୍ଷରୁ କମ୍ ବୟସର ଶିଶୁମାନେ ଶବ୍ଦ-ସୃଷ୍ଟି କରୁଥିବା ବାଣ ଫୁଟାଇବାକୁ ଅନୁମତି ଦେଇନି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ । ବାଣ ଫୁଟାଇବା ସମୟରେ ସୁରକ୍ଷା ପ୍ରତି ଧ୍ୟାନ ଦେଇ କଟନ୍ କପଡ଼ା ପିନ୍ଧିବା ପାଇଁ ପରାମର୍ଶ ଦିଆଯାଇଛି ।

## ରାଜ୍ୟସ୍ତରୀୟ ସିପାକ ଟାକ୍ରୋ ଓ ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତାରେ ୩୦ କ୍ରୀଡାବିତ୍ ସାମିଲ




ବାରିପଦା, ୧୪/୧୦ (ନି.ପ୍ର): ଚଳିତ ଅକ୍ଟୋବର ମାସ ୧୬ ରୁ ୧୯ ତାରିଖ ପର୍ଯ୍ୟନ୍ତ ରେ ନବରଙ୍ଗପୁର ଜିଲ୍ଲାର ଉମରକୋଟ ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,ଉମରକୋଟ ଠାରେ ଓଡିଶା ରାଜ୍ୟସ୍ତରୀୟ ସିପାକ ଟାକ୍ରୋ ଓ ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗଦର୍ଶନରେ ଓ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ମୟୂରଭଞ୍ଜ ଜିଲ୍ଲା ରୁ ୩୦ ଜଣ କ୍ରୀଡାବିତ୍ତ ଯୋଗ ଦେବେ । ସିପାକଟାକ୍ରୋ ବାଳକ ଟିମ ମ୍ୟାନେଜର ଭାବେ ଆଦିତ୍ୟ କାନୁନଗୋ ଉଚ୍ଚ ବିଦ୍ୟାଳୟ,ହାତୀମରାର ପିଇଟି ପ୍ରଦୀପ ଚୌଧୁରୀ ଓ ବାଳିକା ଟିମ ମ୍ୟାନେଜର ଭାବେ ମା ଦୁର୍ଗା ବାଳିକା ଉଚ୍ଚ ବିଦ୍ୟାଳୟ,ଲାଲଗଞ୍ଜ ର ପିଇଟି ଜ୍ୟୋତିର୍ମୟୀ ଦାସ ମହାପାତ୍ରଙ୍କ ନେତୃତ୍ୱ ରେ ୧୦ ଜଣ କ୍ରୀଡାବିତ୍ତ ଯୋଗ ଦେବେ । ସେମାନେ ହେଲେ ୧୭ ବର୍ଷରୁ କମ ବାଳକ ବିଭାଗରେ ଅମିତ କୁଅଁର, ମାନସ ରଞ୍ଜନ ନାଏକ, ସାହିଲ କୁମାର ସେଠୀ, ଆକାଶ ସୋରେନ, ଅମିତ କୁମାର ନାଏକ ଓ ବାଳିକା ବିଭାଗରେ ସିନିଗ ମାଝୀ, କ୍ରିଷ୍ଣା କୁମାରୀ ମହାନ୍ତ, ସୁଦିପ୍ତା ହାଁସଦା, ପୂଜା ହେମ୍ବ୍ରମ, ପାଏଲ ମାଝୀ । ବ୍ୟାଡ଼ମିଣ୍ଟନ ବାଳକ ଟିମ ମ୍ୟାନେଜର ଭାବେ ସରକାରୀ ଉଚ୍ଚ ବିଦ୍ୟାଳୟ, ଦୁର୍ଗାପୁରର ପିଇଟି ହେମନ୍ତ କୁମାର ଜେନା ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୁଆମରାର ପିଇଟି ମଧୁସ୍ମିତା ପାତ୍ର ଙ୍କ ନେତୃତ୍ୱରେ ୨୦ ଜଣ କ୍ରୀଡାବିତ୍ତ ଯୋଗ ଦେବେ । ସେମାନେ ହେଲେ ୧୪ ବର୍ଷରୁ ବାଳକ ବିଭାଗ ରେ ଜଗନ୍ନାଥ ମାଝି, ହିମାଂଶୁ ଶେଖର ଦାସ, ଜ୍ୟୋତି ରଞ୍ଜନ ଗିରି, ଦେବାଶିଷ ପାତ୍ର, ଚନ୍ଦ୍ରଭାନୁ ବେହେରା ଓ ବାଳିକା ବିଭାଗ ରେ ହୀରାମଣି ସିଂ, ସିଲିରାଣୀ ମାରାଣ୍ଡି, ପ୍ରଗତି ସ୍ୱାଗତିକା ଦାସ, ଇପ୍ସିତା ପ୍ରଧାନ, ଦୀପ୍ତିମୟୀ ମାଲାକାର । ସେହିପରି ୧୭ ବର୍ଷରୁ କମ ବାଳକ ବିଭାଗ ରେ ଅରୁଣ୍ଣୀ ବିଶ୍ୱାଳ, ଜୀବନ ଜ୍ୟୋତି ଦାସ, ଏମ. ଡି. ତାସିଫ ରାଜା, ଖ୍ୟାତିରଞ୍ଜନ ମହାପାତ୍ର, ଏମ.ଡି. ଅଶିପ ଅଲ୍ଲୀ ଓ ବାଳିକା ବିଭାଗରେ ପ୍ରୀତି ବିଦ୍ଧାଣୀ, ମିନତୀ ସିଂ, ସବିତା ସିଂ, ଗୁଞ୍ଜନ କୁମ୍ଭାର, ଲକ୍ଷ୍ମୀପ୍ରିୟା ଗିରି । ଏମକେସି ସରକାରୀ ଉଚ୍ଚ ବିଦ୍ୟାଳୟ, ବାରିପଦାର ଏହି ଭବ୍ୟ ସମ୍ବର୍ଦ୍ଧନା ସଭାରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଗୌତମ କୁମାର ପାତ୍ର ଉପସ୍ଥିତ ରହି କ୍ରୀଡାବିତ୍ତମାନଙ୍କୁ ଉତ୍ସାହିତ କରିବା ସହିତ ରାଜ୍ୟସ୍ତରରେ ସଫଳତା କାମନା କରିଛନ୍ତି ।

## ବିଡିଓଙ୍କ ନାମରେ ଆସିଥିବା ଅଭିଯୋଗ ମିଥ୍ୟା ଦର୍ଶେଇ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଜଳେଶ୍ୱର ସରପଂଚ ସଂଘ



ଜଳେଶ୍ୱର, ୧୪/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ୍ ରେ ଥିବା କାର୍ଯ୍ୟରତ ବିଡିଓଙ୍କ ନାମରେ କାର୍ଯ୍ୟର ଅନିୟମିତତା ଦର୍ଶେଇ ବାଲେଶ୍ୱର ଜିଲ୍ଲାପାଳଙ୍କ ପାଖରେ ଅଭିଯୋଗ ହୋଇଥିଲା ଏବଂ ବାଲେଶ୍ୱର ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଗତ ଅକ୍ଟୋବର ଦଶ ତାରିଖରେ ଅତିରିକ୍ତ ପ୍ରକଳ୍ପ ଅଧିକାରୀ ଜଳେଶ୍ୱର ବ୍ଲକ୍ ପହଞ୍ଚି ବିଭିନ୍ନ କର୍ମଚାରୀଙ୍କୁ ବିଡିଓଙ୍କ ବିରୁଦ୍ଧରେ ଆସିଥିବା ଅଭିଯୋଗକୁ ନେଇ ଜେରା କରିଥିଲେ। ଯାହାଫଳର ଜଳେଶ୍ୱର ବ୍ଲକ୍ ସରପଂଚ ସଂଘ ଜାଣିପାରି ଯାହା ଅତି ଦୁଃଖ ଦାୟକ ଘଟଣା ବୋଲି ବିବେଚନା କରିଥିଲେ। ୨୦୨୨ ରୁ ୨୦୨୪ ମଧ୍ୟରେ ଜଳେଶ୍ୱର ବ୍ଲକ୍ ବହୁ ବଡ ବଡ଼ ଦୁର୍ନୀତି ହୋଇଛି ।ଯାହାକୁ ସରପଂଚ ସଂଘ ବାରମ୍ବାର ବାରମ୍ବାର ବିରୋଧ କଲେ ମଧ କୌଣସି ସୁଫଳ ମିଳିନାହିଁ ।୫ ଟି ସ୍କୁଲ୍ ନିର୍ମାଣ ରେ ଅନିୟମିତା,ଯଥା କାର୍ଯ୍ୟ ନ କରି ବିଲ ଉଠିବା,ବିନା ମରାମତି ରେ ବିଲ ଉଠାଣ,ଠିକାଦାରଙ୍କୁ ବିଲ ପାସ ନିମନ୍ତେ ଅଧିକ ହାତ ଗୁଞ୍ଜା ମାଗିବା, ୫ଟି କ୍ଷେତ୍ରରେ ହୋଇଥିବା କୋଟି କୋଟି ଟଙ୍କାର କାର୍ଯ୍ୟ ବିନା ଟେଣ୍ଡର ପ୍ରକ୍ରିୟାରେ କରାଯାଇ ଅଛି ।ବ୍ଲକ୍ କଣ୍ଟିଜେନ୍ସି ଅର୍ଥ କୁ ମନ ଇଛା ଖର୍ଚ୍ଚ କରିବା ଯାହାର କୌଣସି ପ୍ରମାଣ ରଖୁ ନ ଥିଲେ,ସରକାରଂକ ନିୟମ ଅନୁସାରେ କୌଣସି ପ୍ରାଇଭେଟ୍ ବିଲ୍ଡିଂ ପାସ୍ ହେଲେ ତାହା ଏଷ୍ଟିମେଟ କଷ୍ଟ ୧ ପ୍ରତିଶତ ଡିପୋଜିଟ୍ ହେବା ଜରୁରୀ ମାତ୍ର ତାହା ହୋଇ ବାଟ ମାରଣା ହୋଇଛି ।ଚାଷୀ ମାନଙ୍କୁ ଗାଇ ଯୋଗଇବା ଆଳରେ ମିଥ୍ୟା ବିଲ କରି ନିରୀହ ଚାଷୀ ଙ୍କ ଟଙ୍କା ହଡ଼ପ ।ସରକାରଂକ ସୁମଙ୍ଗଳ ଯୋଜନା ରେ ଇଣ୍ଟର କାଷ୍ଟ ପ୍ରତ୍ୟେକ ବାହାଘର ପାଇଁ ପଚାଶ ହଜାରରୁ ସତୁରୀ ହଜାର ହାତ ଗୁଞ୍ଜା ନେବା, ବିଭିନ୍ନ ଦୁର୍ନୀତି ମୂଳକ କାର୍ଯ୍ୟରେ ବ୍ଲକ୍ ଉପରିସ୍ଥ ଅଧିକାରୀଙ୍କୁ ଅଭିଯୋଗ କଲେ ଜନସାଧାରଣ ଏବଂ ନିର୍ବାଚିତ ପ୍ରତିନିଧିଙ୍କୁ କେସର ଧମକ ଦେବା ।ସରକାରଙ୍କ ଆଦେଶ ମୁତାବକ କୌଣସି ବ୍ଲକ୍ ରେ ସରକାରୀ କର୍ମଚାରୀ ତିନିରୁ ଚାରି ବର୍ଷ ଉର୍ଦ୍ଧ ରହିପାରିବେ ନାହିଁ କିନ୍ତୁ ଏଠାରେ ସରକାରଂକ ଆଦେଶକୁ ଫୁ କରି ଦଶରୁ ଉର୍ଦ୍ଧ ବର୍ଷ ରହି କର୍ଯ୍ୟକରୁଛନ୍ତି ।ବିଗତ ଦିନରେ ଥିବା ଏଇ ଏବଂ ସେକ୍ସନ ଅଫିସର ମିଶି ଦୁର୍ନିତି କାର୍ଯ୍ୟରେ ଲିପ୍ତ ରହୁଥିଲେ ।ଜଳେଶ୍ୱରକୁ ଗୌରାଙ୍ଗ ଚରଣ ଘୋଷ ବିଡିଓ ହୋଇ ଆସିବା ଦିନ ରୁ ସେ ଏ ପର୍ଯ୍ୟନ୍ତ ବିଭିନ୍ନ ପଂଚାୟତରୁ ସାତ ହଜାର ଅଭିଯୋଗ ସମାଧାନ କରିଚନ୍ତି ଏବଂ ବ୍ୟକ୍ତି ଏବଂ ଦଳ ନିର୍ବିଶେଷରେ ଜନପ୍ରତିନିଧି ମାନଙ୍କ ସହ ସମ୍ମନୟ ରକ୍ଷା କରି ବ୍ଲକ୍ ର ଅଗ୍ରଗତି ନିମନ୍ତେ କର୍ଯ୍ୟ କରୁଛନ୍ତି ।ଏଣୁ ବିଡିଓ ଙ୍କ ବିରୁଦ୍ଧରେ ଆସିଥିବା ଅଭିଯୋଗ କୁ ସବିଶେଷ ତର୍ଜମା କରି ଏବଂ ପୂର୍ବରୁ ହୋଇଥିବା ଦୁର୍ନିତି କୁ ସ୍ପେଶାଲ ଅଡିଟ କରି ସତ୍ୟତା ବାହାର କରିବା ପାଇଁ ଜଳେଶ୍ୱର ସରପଂଚ ସଂଘ ତରଫରୁ ସଭାପତି ଅରୁଣ କୁମାର୍ ସେନାପତି ଓ ଜିଲ୍ଲା ସଭାପତି ଅଜୟ କୁମାର ମାହାନ୍ତିଙ୍କ ଧ୍ରୁବଜ୍ୟୋତି ଗିରିଙ୍କ ସହିତ ଜଳେଶ୍ୱର ବ୍ଲକ୍ର ସମସ୍ତ ପଂଚାୟତ ର ସରପଂଚ ମିଶି ଆଜି ସକାଳ ୧୦ ଘଟିକା ସମୟରେ ବାଲେଶ୍ୱର ଜିଲ୍ଲାପାଳ,ସିଡ଼ିଓ ଏଡିଏମ,ଭିଜିଲାନ୍ସଙ୍କୁ ଏହି ଦାବୀ ପତ୍ର ପ୍ରଦାନ କରିଛନ୍ତି ।ତା ସହିତ ମୁଖ୍ୟମନ୍ତ୍ରୀ ଓଡ଼ିଶା, ରାଜ୍ୟ ଭିଜିଲାନ୍ସ କମିଶନ,ପି ଆର ଡିପାଟମେଣ୍ଟ ଭୁବନେଶ୍ୱର,ମୁଖ୍ୟ ଶାସନ ସଚିବ ଓଡିଶା ଙ୍କୁ ପ୍ରେରଣ କରାଯାଇଛି ।

## ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ

ମାଲକାନଗିରି, ୧୪/୧୦ (ନି.ପ୍ର): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଅନ୍ତର୍ଗତ ନାୟକଗୁଡ଼ା ପଂଚାୟତ ଅନ୍ତର୍ଗତ ତଙ୍ଗଗୁଡ଼ା କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶିଶୁ ମହୋତ୍ସବ ସୁରଭି ଆଜି ଅନୁଷ୍ଠିତ ହୋଇଯାଇଛି। ମାଥିଲି ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁମିତ ବିଶ୍ୱାସଙ୍କ ଆଦେଶ ଅନୁଯାୟୀ ପଂଚାୟତ ସିଆରସିସି କୀର୍ତି ରଂଜନ ପରିଡ଼ାଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଏହି ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ପଂଚାୟତ ସମିତି ଅଧକ୍ଷ ମହେଶ ବାକା ରିବନ କାଟି ଉଦ୍ଘାଟନ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ଶ୍ରୀ ବାକାଙ୍କ ସହିତ ମାଥିଲି ବିଇଓ ସୁମିତ ବିଶ୍ୱାସ ଅତିଥି ଭାବରେ ଯୋଗଦେଇ ଥିଲା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ସରପଂଚ ଲକ୍ଷ୍ମୀ ାକା ଜିଲ୍ଲା ପରିଷଦ ସଭ୍ୟ ହିରନ୍ୟ ମୁଦୁଲି, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଛତିଶ ଚନ୍ଦ୍ର ନାୟକଓ ବିଦ୍ୟାଳୟ ସଭାପତି ମଂଚାସିନ ଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସଂଚାଳନ କରିଥିଲେ । ବିଦ୍ୟାଳୟ ଶିକ୍ଷାକୁ ଅଧିକ ପ୍ରଭାବଶାଳୀ କରିବା ଓ ମନୋବୈଜ୍ଞାନିକ ସ୍ତରରେ ଛାତ୍ରୀ ଛାତ୍ର ଙ୍କୁ ବିଦ୍ୟାଳୟ ଅଭିମୁଖି କରି ନୂତନ ପଦ୍ଧତିକୁ ଆପଣେଇ ସେମାନଙ୍କୁ ବିଦ୍ୟାଳୟରେ ଧରିରଖିବା ସହିତ ଲୁକ୍କାୟିତ ପ୍ରତିଭାକୁ ଉଜ୍ଜବିତ କରିବା 'ସୁରଭି'ର ଲକ୍ଷ୍ୟ ବୋଲି ବି ଇ ଓ ଶ୍ରୀ ବିଶ୍ୱାସ କହିଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀ ଛାତ୍ର ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାରର ପ୍ରତିଯୋଗୀତା ଯଥା ବକ୍ତୃତା, ପ୍ରବନ୍ଧ, ରଚନା, ଚିତ୍ରାଙ୍କନ,ନୃତ୍ୟ, ଗଳ୍ପ କଥନ, ଗଣିତ ଦୌଡ଼ ଓ ,ତତ୍ ସହିତ ସାଂସ୍କୃତିକ କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇଥିଲା।

## ବଡ଼ ପରଦାରେ ନୀରିହ ଶିଶୁ ନିର୍ଯ୍ୟାତନାର କାହାଣୀ 'ପରୀ'



ଭୁବନେଶ୍ୱର, ୧୪/୧୦ (ନି.ପ୍ର): ସମାଜରେ କ୍ରମାଗତ ଭାବେରେ ବଢ଼ି ଚାଲିଛି ଶିଶୁ ମାନଙ୍କ ଉପରେ ଅତ୍ୟାଚାର । ଯୌନ ନିର୍ଯ୍ୟାତନା ଭଳି ପାଶବିକ ମାନସିକତା ବର୍ତ୍ତମାନ ଚିନ୍ତାର ବିଷୟ ପାଲଟିଛି । 'ପରୀ' ଏକ ନିରୀହ, କୋମଳ ଫୁଲ କଢି । ଅନେକ ସ୍ୱପ୍ନ ଥିଲା ବାପାମାଆଙ୍କର । ମାତ୍ର ଅକାଳରେ ଝରି ପଡିଲା କିଛି ଯୌନ ରାକ୍ଷସଙ୍କ ଅତ୍ୟାଚାରରେ । ପଇସା, ପ୍ରତିଷ୍ଠା, ରାଜନୀତି ଆଗରେ କ୍ଷୀଣ ପଡିଯାଇଛି ବିଚରା ବାପାମାଆଙ୍କର । ହେଲେ ପରିଶେଷରେ କ'ଣ ପରୀକୁ ନ୍ୟାୟ ମିଳିଛି ? ଏଭଳି ଏକ ସ୍ପର୍ଶକତାର କାହାଣୀ ଉପରେ ପରୀ ର କାହାଣୀ ଗତିଶୀଳ । କାହାଣୀ ରଚନା ସହିତ ପ୍ରଯୋଜନା କରିଛନ୍ତି ସଞ୍ଜୟ ମହାନ୍ତି । ସହ ନିର୍ମାତା ରହିଛନ୍ତି ଚନ୍ଦନ ସ୍ୱାଇଁ ଏବଂ ଅନିଲ ବଳିୟାରସିଂହ । ସଂଳାପ ଡଃ ରଜନୀ ରଞ୍ଜନ ରଚନା କରିଛନ୍ତି ଏବଂ ଜାପାନୀ ଭାଇ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି । ପ୍ରମୋଦ ପରିଡା ରଚନା କରିଥିବା ଗୀତଗୁଡିକୁ ଗାୟକ ତାରିକ୍ ଅଜିଜ୍, ଅନ୍ତରା ଚକ୍ରବର୍ତ୍ତୀ, ଜ୍ୟୋତିର୍ମୟୀ ନାୟକ, ରୁକୁ ସୁନା, ଡକ୍ଟର ରୋହନ ବିଶ୍ୱାଳ କଣ୍ଠଦାନ କରିଛନ୍ତି। ଧ୍ରୁବନନ୍ଦ ପଣ୍ଡା (ଲିଟୁ) ଡିଓପି ରହିଥିବା ବେଳେ ଚନ୍ଦ୍ରଶେଖର ମିଶ୍ର ସମ୍ପାଦନା କରିଛନ୍ତି । ଚିତ୍ରନାଟ୍ୟ ସହିତ ନିର୍ଦ୍ଦେଶନା ଦେଇଛନ୍ତି ତ୍ରିପତି କୁମାର ସାହୁ । କୋରିଓଗ୍ରାଫର ଏସ୍ କେ ମୁରଲୀଧରନ୍ ଏବଂ ଅମିତ ନାୟକ ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି । ପ୍ରଚାର ଓ ପ୍ରସାର ଦାୟିତ୍ୱରେ ମିଡ଼ିଆ ପ୍ଲାନର କ୍ରିଏଟିଭ ହେଡ୍ ପ୍ରଣୟ ଜେଠୀ ରହିଛନ୍ତି । ଏହି ଫିଲ୍ମରେ ବହୁ ଅଭିଜ୍ଞ ଆର୍ଟିଷ୍ଟ ଯଥା- ଜ୍ୟୋତି, ଅନୁରାଧା ପାଣିଗ୍ରାହୀ, ଶ୍ରୀତମ ଦାସ, ନୀଳମଣି ସାହୁ, ପ୍ରଦ୍ୟୁମ୍ନ ଲେଙ୍କା, ସୌମ୍ୟ ଅଧିକାରୀ, ଗୁଡ୍ଡୁ, ଜଗନ୍ନାଥ ସାହୁ, ନରେଶ ରାଉତରାୟ, ନିରଞ୍ଜନ ଆଚାର୍ଯ୍ୟ, ପପି ସାନ୍ତୁକା, ଶିଶୁ କଳାକାର ଦିବ୍ୟାଂଶୀ ଓ ସ୍ନେହା ପ୍ରମୁଖ ଅଭିନୟ କରିଛନ୍ତି ।

## ବାରିପଦାରେ ମାରିସାର ରାଜ୍ୟ ସମ୍ମିଳନୀ: ସୁରକ୍ଷା, ସମ୍ମାନ ଓ ଅଧିକାର ପାଇଁ ମାରିସାର ଆନ୍ଦୋଳନ ନିଷ୍ପତ୍ତି

ବାରିପଦା, ୧୪/୧୦ (ନି.ପ୍ର): ରିଭୋଲ୍ୟୁସନାରୀ ୟୁଥ ଏଣ୍ଡ ଷ୍ଟୁଡେଣ୍ଟ ଆସୋସିଏସନ (ମାରିସା)ର ରାଜ୍ୟ ସମ୍ମିଳନୀ ବାରିପଦା ହୋଲି ପ୍ୟାଲେସ ଠାରେ ଅଅନୁଷ୍ଠିତ ହୋଇଯାଇଛି. କାର୍ଯ୍ୟକ୍ରମରେ ମାରିସାର ରାଜ୍ୟ ସଭାପତି ଅର୍ଜୁନ ମୁର୍ମୁଙ୍କ ସମେତ ଶ୍ୟାମ ସୁନ୍ଦର ହାଁସଦାଃ, ସୁନ୍ଦର ମୋହନ କିସ୍କୁ, ରାମଜିତ ହେମ୍ବ୍ରମ, ରାଜୁ କିସ୍କୁ , ଅଜୟ ମାର୍ଣ୍ଡି, ବାପୁନ ଟୁଡୁ, ବାଇଧର ସିଂ ପ୍ରମୁଖ ଉପସ୍ଥିତ ଥିବା ବେଳେ, ବିଭିନ୍ନ ଜିଲ୍ଲାରୁ ରାଜ୍ୟ ପରିଷଦରେ ଥିବା ସଦସ୍ୟ, ଙ୍କ ସହିତ ବିଭିନ୍ନ କଲେଜର ଛାତ୍ରଛାତ୍ରୀ ମାନେ ଯୋଗ ଦେଇଥିଲେ. ବୈଠକରେ ଓଡିଶାରେ ପ୍ରାଥମିକ ସ୍ତରରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଅଲଚିକି ଶିକ୍ଷାଦାନକୁ ସୁନିଶ୍ଚିତ କରିବା, ଆସନ୍ତା ନଭେମ୍ବର ମାସରେ ଭୁବନେଶ୍ୱର ଚଲୋ ଆନ୍ଦୋଳନକୁ ସଫଳ କରିବା, ଆସନ୍ତା ଏକ ମାସ ଭିତରେ ବିଭିନ୍ନ କଲେଜ ୟୁନିଟ ଓ ଜିଲ୍ଲା ୟୁନିଟର ସମ୍ମିଳନୀ ସମାପ୍ତ କରିବା ସହିତ ରାଜ୍ୟବ୍ୟାପୀ ଏକ ଦସ୍ତଖତ ସଂଗ୍ରହ ଅଭିଯାନ ଆରମ୍ଭ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି. ଏହାସହିତ ରାଜ୍ୟର ଶିକ୍ଷାନୁଷ୍ଠାନରେ ଖାଲି ପଡ଼ିଥିବା ପଦବୀ ପୂରଣ, ରାଜ୍ୟ ବଜେଟରେ ୪୦% ଶିକ୍ଷା ପାଇଁ ଖର୍ଚ୍ଚ, ଠିକା ନିଯୁକ୍ତି ପ୍ରଥା ଉଚ୍ଛେଦ, ଛାତ୍ର ସଂସଦ ନିର୍ବାଚନ ଆଦିକୁ ନେଇ ଏହି ଦସ୍ତଖତ ଅଭିଯାନ ଆରମ୍ଭ କରିବା ପାଇଁ ଆଲୋଚନା ହୋଇଥିଲା।

## ରଙ୍ଗୋଲି ଆଙ୍କି ଏସିଆ ବୁକ୍ ଅଫ୍ ରେକର୍ଡ ଏବଂ ଇଣ୍ଡିଆ ବୁକ୍ଅଫ୍ ରେକର୍ଡରେ ସ୍ଥାନ ପାଇଲେ ଓଡ଼ିଶାର ୫ ଯୁବତୀ



ଭୁବନେଶ୍ୱର, ୧୪/୧୦ (ନି.ପ୍ର): ଶ୍ରୀମନ୍ଦିର ସମ୍ମୁଖରେ ମହାପ୍ରଭୁଙ୍କ ରଙ୍ଗୋଲି ଆଙ୍କି ଏସିଆ ବୁକ୍ ଅଫ୍ ରେକର୍ଡ ଏବଂ ଇଣ୍ଡିଆ ବୁକ୍ଅଫ୍ ରେକର୍ଡରେ ସ୍ଥାନ ହାସଲ କରିଛନ୍ତି ୫ ଯୁବତୀ । ଏଥିରେ ଟିମ୍ ଲିଡର ମନସ୍ୱିନୀ ନାୟକ (ଗଞ୍ଜାମ), ସୁଜ୍ଞାନୀ ଭଟ୍ଟ(ପୁରୀ), ବିଶ୍ୱରୂପା ସାହୁ(ଜଗତ୍ସିଂପୁର), ବୈଶାଖୀ ରାୟ(ଜଗତ୍ସିଂପୁର) ଓ ବାଲେଶ୍ୱରରୁ ଚିତ୍ରା ଅର୍ପିତା ରାଉତ ମିଳିତ ଭାବେ ଗତ ଜାନୁଆରୀ ୧୪ରେ ଏହି ରଙ୍ଗୋଲି ଆଙ୍କିଥିଲେ । ୧୨୦୦ ବର୍ଗଫୁଟର ଏହି ରଙ୍ଗୋଲି 'ଶ୍ରୀକ୍ଷେତ୍ର ପୁରୀ ଥିମ୍'ରେ ଅଙ୍କା ଯାଇଥିଲା । ଏଥିରେ ପୁରୀ ଜଗନ୍ନାଥ ମନ୍ଦିର, ମହାପ୍ରଭୁ ଜଗନ୍ନାଥ ବଳଭଦ୍ର, ସୁଭଦ୍ରା, ମା' ବାଟମଙ୍ଗଳା, ୩ ରଥ, ମହାଲକ୍ଷ୍ମୀ, ପହାପ୍ରସାଦ, ଓଡ଼ିଶୀ ନୃତ୍ୟଶିଳ୍ପୀ ଏବଂ ପୁରୀ ସମୁଦ୍ର ସ୍ଥାନ ପାଇଥିଲା । ୨୦ ଫୁଟ ଓସାର ଓ ୬୦ ଫୁଟ ଲମ୍ବ ବିଶିଷ୍ଟ ଏହି ରଙ୍ଗୋଲି ଆଙ୍କିବାକୁ ୫ ଜଣଙ୍କୁ ଏକାଧାରରେ ୧୮ ଘଣ୍ଟା ସମୟ ଲାଗିଥିଲା ।

**AFFIDAVIT**

By virtue of an affidavit sworn before Executive Magistrate Bhadrak, dated-08.1.2025, I Susanta Kumar Dash, aged about 44 years, S/o Basanta Dash, At: Baikunthapur, P.o-Brahmangaon, Ps-Basudevpur, Dist-Bhadrak, Odisha, Pin-756165 declare that my minor daughter's correct name is Mamata Dash which is mentioned as per her birth certificate bearing Regd. No 1409/2016. But her name has been mentioned wrongly as Subhasmita Dash in her Aadhaar Card bearing No- 4136 7264 6725. Both Mamata Dash and Subhasmita Dash is one and same person. Henceforth she will be known as Mamata Dash in all purpose.

Sd/-
Susanta Kumar Dash

## ବାଲେଶ୍ୱର ଜିଲ୍ଲାରେ ୮ମ ରାଷ୍ଟ୍ରୀୟ ପୋଷଣ ମାସ ପାଳିତ



ବାଲେଶ୍ୱର , ୧୪/୧୦ (ନି.ପ୍ର): ଅଦ୍ୟ ଘ. ୧୧ଟିକା ସ୍ଥାନୀୟ ଜିଲ୍ଲାପାଳଙ୍କ ନୂତନ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଅଷ୍ଟମ ରାଷ୍ଟ୍ରୀୟ ପୋଷଣ ମାସ ଅବସରରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀଯୁକ୍ତ ସୁଧାକର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମଞ୍ଚାସୀନ ଅତିଥି ମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଅଧକ୍ଷ ଶ୍ରୀଯୁକ୍ତ ନାରାୟଣ ପ୍ରଧାନ, ଉପ-ଜିଲ୍ଲାପାଳ ଶ୍ରୀଯୁକ୍ତ ଶିବ ମାଲବ୍ୟ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀମତୀ ପ୍ରତିଭା ବେହେରା, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତୀ ଜ୍ୟୋତ୍ସ୍ନା ମହାନ୍ତି ଏବଂ ଜିଲ୍ଲା ସୂଚନା ଓ ଜନସମ୍ପର୍କ ଅଧିକାରୀ ଶ୍ରୀଯୁକ୍ତ ପ୍ରିୟଦର୍ଶୀ ରାଜେଶ ଉପସ୍ଥିତ ଥିଲେ।

ମାନ୍ୟବର ଜିଲ୍ଲା ପରିଷଦ ଅଧକ୍ଷ ଶ୍ରୀଯୁକ୍ତ ନାରାୟଣ ପ୍ରଧାନ ଏହି କାର୍ଯ୍ୟକ୍ରମ ସହ ଜଡ଼ିତ ସମସ୍ତଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ସେ ପ୍ରତ୍ୟେକ ଅଞ୍ଚଳରେ ଦୁର୍ବଳ ବର୍ଗଙ୍କୁ ଚିହ୍ନଟ କରିବା, ଏହି ଅଭିଯାନକୁ ଆବଶ୍ୟକତା ଥିବା ଲୋକଙ୍କ ନିକଟରେ ପହଞ୍ଚାଇବା ଏବଂ ଏହାକୁ ସଫଳତାର ସହ ଆଗକୁ ନେଇ ଏକ ସୁସ୍ଥ ସମାଜ ଗଠନ କରିବା ଉପରେ ଆଲୋକପାତ କରିଥିଲେ। ପରେ ପରେ ଏହି କାର୍ଯ୍ୟକ୍ରମର ଅଧକ୍ଷ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀଯୁକ୍ତ ସୁଧାକର ନାୟକ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ଏହି କାର୍ଯ୍ୟକ୍ରମରେ ଚାରୋଟି ଲକ୍ଷ୍ୟ ଗୋଷ୍ଠୀ ଅଛନ୍ତି: ଗର୍ଭବତୀ ମହିଳା, ସ୍ତନ୍ୟପାନ କରାଉଥିବା ମା', ୬ ବର୍ଷରୁ କମ୍ ବୟସର ଶିଶୁ ଏବଂ କିଶୋରୀ ବାଳିକା। ସେ କହିଥିଲେ ଯେ ପୋଷଣ ଏକ ସାମୁହିକ ଦାୟିତ୍ୱ ଏବଂ ଏହା କେବଳ ମା'ଙ୍କ କର୍ତ୍ତବ୍ୟ ନୁହେଁ। ସେ ଆହୁରି ମଧ କହିଥିଲେ, "ଯଦି ମା' ସୁସ୍ଥ ଅଛନ୍ତି, ତେବେ ଶିଶୁ ମଧ ସୁସ୍ଥ ରହିବ।" ସେହିପରି ଉପ-ଜିଲ୍ଲାପାଳ ଶ୍ରୀଯୁକ୍ତ ଶିବ ମାଲବ୍ୟ ତାଙ୍କ ବକ୍ତବ୍ୟରେ ପୋଷଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ ଅପପୁଷ୍ଟି ଭାରତର ବିକଶିତ ଭାରତ ୨୦୪୭ ର ମହାନ୍ ଦୃଷ୍ଟିକୋଣ ପାଇଁ ଏକ ପ୍ରମୁଖ ବାଧା। ସେ ବାଲେଶ୍ୱରର ବିଭିନ୍ନ ସ୍ଥାନରେ ରାଷ୍ଟ୍ରୀୟ ପୋଷଣ ମାହ ସହ ଜଡ଼ିତ ସମସ୍ତଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀମତୀ ପ୍ରତିଭା ବେହେରା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରି କହିଥିଲେ ଯେ ଏହା ମୂଳ ସମସ୍ୟାକୁ ସମାଧାନ କରିବ। ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତୀ ଜ୍ୟୋତ୍ସ୍ନା ମହାନ୍ତି ପୋଷଣର ଗୁରୁତ୍ୱ କହିଥିଲେ। ଆଇସିଡିଏସ୍ କାର୍ଯ୍ୟକ୍ରମ ଅଧିକାରୀ କହିଥିଲେ ଯେ ଯଦି ମା' ଏବଂ ଶିଶୁ ସୁସ୍ଥ ଅଛନ୍ତି, ତେବେ ଭବିଷ୍ୟତ ମଧ ସୁସ୍ଥ ହେବ। ବାହାନଗା ସିଡିପିଓ ଶିଶୁ ଓ ଯୁବକ ଖାଦ୍ୟ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରି କହିଥିଲେ ଯେ ଜନ୍ମରୁ ୬ ମାସ ପର୍ଯ୍ୟନ୍ତ କେବଳ ସ୍ତନ୍ୟପାନ, ୨ ବର୍ଷ ବା ତା'ଠାରୁ ଅଧିକ ସମୟ ପର୍ଯ୍ୟନ୍ତ ସ୍ତନ୍ୟପାନ ଜାରି ରଖିବା ଏବଂ ୬ ମାସ ପରେ ନିରାପଦ, ପର୍ଯ୍ୟାପ୍ତ ଏବଂ ଉପଯୁକ୍ତ ପରିପୂରକ ଖାଦ୍ୟ ଆରମ୍ଭ କରିବା ଆବଶ୍ୟକ। ଏହାପରେ ପରିପୂରକ ଖାଦ୍ୟ ଏବଂ ସ୍ଥାନୀୟ ରେସିପି (ମିଲେଟ୍, ଫଳ ଓ ପନିପରିବା) ଉପରେ ଖାଦ୍ୟ ପ୍ରସ୍ତୁତି ପ୍ରଣାଳୀ ପ୍ରଦର୍ଶନୀ ଏବଂ ସ୍ୱଦେଶୀ ଖେଳଣା ସହିତ ଟୟାଥନ୍ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ନୀଳଗିରି ଉପଖଣ୍ଡର କାର୍ଯ୍ୟକ୍ରମ ଅଧିକାରୀଙ୍କ ଧନ୍ୟବାଦ ଜ୍ଞାପନ ସହ କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା।

ବୁଧବାର, ଅକ୍ଟୋବର ୧୫, ୨୦୨୫

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ପଂଚାୟତ ଉପନିର୍ବାଚନ ପାଇଁ ପଛଘୁଂଚା କାହିଁକି ? : ରାମଚନ୍ଦ୍ର

ଉଦଳା, ୧୪/୧୦ (ନି.ପ୍ର): କଂଗ୍ରେସର ପୂର୍ବତନ ଉଦଳା ବ୍ଲକ ସଭାପତି ରାମଚନ୍ଦ୍ର ସିଂ, ବର୍ତ୍ତମାନ କ୍ଷମତାରେ ଥିବା ଡ଼ବଲ ଇଂଜିନ ସରକାର ପଂଚାୟତ ଗୁଡ଼ିକର ଉପନିର୍ବାଚନ ପାଇଁ କାହିଁକି ପଛଘୁଂଚା ଦେଉଛନ୍ତି ବୋଲି ପ୍ରଶ୍ନ ଉଠାଇଛନ୍ତି । ଅନେକ ଗୁଡ଼ିଏ ପଂଚାୟତରେ ସରପଂଚ, ନାଏବ ସରପଂଚ ଓ ୱାର୍ଡ଼ ସଦସ୍ୟ ମାନେ ମୃତ୍ୟୁବରଣ କରିବା ଓ କେତେକ ସରକାରୀ ଚାକିରି ପାଇଯିବା ଦ୍ୱାରା ଏହିସବୁ ପଦପଦବୀରୁ ଇସ୍ତଫା ପ୍ରଦାନ କରିବା ପରେ ବର୍ତ୍ତମାନ ଉକ୍ତ ପଦ ଗୁଡ଼ିକ ଖାଲି ପଡ଼ିଛି । ଉପନିର୍ବାଚନ କରାଇ ତୁରନ୍ତ ଏହିପଦ ଗୁଡ଼ିକ ରାଜ୍ୟ ସରକାର ପୁରଣ କରନ୍ତୁ ବୋଲି ସେ ଦାବି ଜଣାଇଛନ୍ତି । ସେହିପରି ଉଦଳା ବ୍ଲକର ନୂଆଗାଁ ପଂଚାୟତର ସରପଂଚଙ୍କ ଦେହାନ୍ତ ହୋଇଯିବା ଫଳରେ ଦିର୍ଘଦିନ ଧରି ଏହିପଦ ଖାଲିପଡ଼ିଛି । ନୂଆପଡ଼ା ବିଧନସଭା ଉପନିର୍ବାଚନ ପାଇଁ ସରକାର ତତ୍ପରତା ପ୍ରକାଶ କରୁଥିବା ବେଳେ ପଂଚାୟତ ଗୁଡ଼ିକ କ୍ଷେତ୍ରରେ କାହିଁକି ନିରବ ରହୁଛନ୍ତି ବୋଲି ରାମଚନ୍ଦ୍ର ପଚାରିଛନ୍ତି । ବର୍ତ୍ତମାନ ମଧ୍ୟ ପଂଚାୟତ ଗୁଡ଼ିକରେ ବହୁସଂଖ୍ୟାରେ ଲୋକ ଖାଦ୍ୟ ଓ ସାମାଜିକ ସୁରକ୍ଷାରୁ ବଂଚିତ ଅଛନ୍ତି । ସେହିପରି ଅଧାରୁ ପାଠପଢ଼ା ଛାଡୁଥିବା ଓ ଆଦୌ ବିଦ୍ୟାଳୟର ମାଟି ମାଡ଼ିନଥିବା ପିଲା ମଧ୍ୟ ବହୁଳ ଭାବରେ ଦେଖିବାକୁ ମିଳୁଛନ୍ତି । ଏତିକି ବେଳେ ସରପଂଚ ଓ ୱାର୍ଡ଼ ସଦସ୍ୟ ପଦ ଖାଲି ପଡ଼ିବା ଅଧିକ ଦୁଃଖ ଓ ଯନ୍ତ୍ରଣାଦାୟକ ହୋଇ ଉଠିଛି ବୋଲି ରାମଚନ୍ଦ୍ର ଗଣମାଧ୍ୟମକୁ ଜଣାଇଛନ୍ତି । ସରକାର ତୁରନ୍ତ ପଂଚାୟତର ଏହି ପଦ ପଦବି ଗୁଡ଼ିକୁ ପୁରଣ କରିବା ପାଇଁ ଉପନିର୍ବାଚନ ଘୋଷଣା କରନ୍ତୁ, ନଚେତ ଆଗାମି ଦିନରେ କଂଗ୍ରେସ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ ହେବ ବୋଲି ରାମଚନ୍ଦ୍ର ଚେତାବନି ଦେଇଛନ୍ତି । ରାମଚନ୍ଦ୍ରଙ୍କର ଏପରି ଏକ ଦାବିକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି ।

## ଚୋରି ଅଭିଯୋଗରେ ଦୁଇ ଯୁବକ ଗିରଫ

ବସ୍ତା, ୧୪/୧୦ (ନି.ପ୍ର): ଦୁଇ ଚୋରଙ୍କୁ ଧରି କୋର୍ଟ ଫରୱାର୍ଡ କଲା ରୂପସା ପୋଲିସ। ସୂଚନାରୁ ପ୍ରକାଶ ଗତ ୧୩ ତାରିଖ ରାତି ରେ ରୂପସା ସାମିଲ ହସନ ପୁର ଗ୍ରାମର ସୁନାରି ମାରାଣ୍ଡି ଘରୁ ନଗଦ ୬୦୦୦ ଟଙ୍କା ଓ କିଛି ଆସବାପତ୍ର ସହ ଗ୍ୟାସ ଟାଙ୍କି ଚୋରି ହୋଇଥିଲା। ଏ ନେଇ ସେ ରୂପସା ଥାନାରେ ଅଭିଯୋଗ ପରେ ରୂପସା ଥାନା ଅଧିକାରୀଣିଙ୍କ ନିର୍ଦ୍ଦେଶ ରେ ଏ ଏସ ଆଇ ବବି ମିଶ୍ର ଘଟଣାର ତଦନ୍ତ କରି ଦୁଇ ଅଭିଯୁକ୍ତ ବୈସିଙ୍ଗା ଜାମପଦା ଅଞ୍ଚଳ ର ପିତାମ୍ବର ଦଳାଇ ଓ ରେମୁଣା ତଳଗହିର ଅଞ୍ଚଳର ବିଜୟ ବେହେରାଙ୍କୁ ଗିରଫ କରିବା ସହ ତାଙ୍କ ଠାରୁ ଚୋରି ହୋଇଥିବା ସମସ୍ତ ସାମଗ୍ରୀ ଓ ନଗଦ ଟଙ୍କା ଜବତ କରିଛି। ଅଭିଯୋଗକାରିଙ୍କ ଅଭିଯୋଗ ମୂଳେ କେସ ନଂ ୧୦୪/୨୦୨୫ ଆଧାର ରେ ଗିରଫ କରି କୋର୍ଟ ଚାଲାଣ କରିଛି।

## ମଦର ଆସର ଜୁଆର ପସରାରେ ଜମୁଛି ରତାଇ ମେଳା



ଲଙ୍ଗଳେଶ୍ୱର , ୧୪/୧୦ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ରତାଇ ଦୂର୍ଗା ପୂଜା ପାଳନ ଅବସରରେ ଲକ୍ଷ୍ମୀ ପୂଜା ଠାରୁ ୧୫ ଦିନ ଧରି ମେଳା ବସେ। ଏହି ମେଳା କୁ ଦୂରଦୂରାନ୍ତରୁ ଦୋକାନ ଆସି ଅଧିକ ଆକର୍ଷଣୀୟ କରିଥାନ୍ତି। ବହୁ ପୂରାତନ ଏହି ପାର୍ବଣ ମେଳା ହେବାରୁ ଆଖପାଖ ଅଞ୍ଚଳର ପ୍ରତ୍ୟେକ ପରିବାରକୁ ବନ୍ଧୁବାନ୍ଧବ ମାନେ ଆସିଥାନ୍ତି। ଫଳରେ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ହଜାର ହଜାର ଲୋକ ମେଳା କୁ ଉପଭୋଗ କରିଥାନ୍ତି। ଭିଡ଼କୁ ଦୃଷ୍ଟିରେ ରଖି ଅସାଧୁ ବ୍ୟକ୍ତି ହୋଟେଲ କରି ମେଳା କମିଟି ଓ ବାଲିଆପାଳ ପୋଲିସ ଙ୍କୁ ଖୁସି କରି ଅବାଧରେ ମଦ ବିକ୍ରି କରିବା ସହିତ ଖୋଲମଖୋଲା ମଦ ପିଇବା ର ଆସର ଜମୁଛି ଫଳରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ସେହିପରି ସଞ୍ଜ ନଇଁ ଗଲେ ଜୁଆ ଖେଳ ର ପସରା ମେଲେ। ପୋଲିସ ସବୁଜାଣି ଅଜଣା ଅଭିନୟ କରୁଛି। ଏହି ଭଳି ମଦ ଓ ଜୁଆ କାରବାର ଉପରେ ଜିଲ୍ଲା ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନେଉ ବୋଲି ସାଧାରଣରେ ଦାବି ହେଉଛି।

## ପ୍ରକୃତିମିତ୍ର ରଜତ ଦାଶଙ୍କ ପକ୍ଷରୁ ବୈଶିଙ୍ଗା ମାର୍କେଟ କମ୍ପ୍ଲେକ୍ସରେ ଚାରା ରୋପଣ

ବୈଶିଙ୍ଗା, ୧୪/୧୦ (ନି.ପ୍ର): ନିଜ ବିଦ୍ୟାଳୟରେ, ରାସ୍ତା ପାର୍ଶ୍ୱରେ, ବିଭିନ୍ନ ମନ୍ଦିର ପ୍ରାଙ୍ଗଣରେ ତଥା ବାଡି ବଗିଚାରେ ବିଭିନ୍ନ ଫୁଲ, ଫଳ ଓ ଔଷଧୀୟ ଚାରା ରୋପଣ କରି ଚର୍ଚ୍ଚା ପରିସରକୁ ଆସିଥିବା ପରିବେଶବିତ୍ ରାଇକମା ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଜତ କୁମାର ଦାଶ ଆଉ ଏକ ପରିଚୟ ସୃଷ୍ଟି କରିଛନ୍ତି । ସୋମବାର ଅପରାହ୍ନରେ ବୈଶିଙ୍ଗା ମାର୍କେଟ କମ୍ପ୍ଲେକ୍ସରେ ଚାରା ରୋପଣ କରିବା ସହିତ ସେଗୁଡିକୁ ଘେରାବନ୍ଦୀ କରିଥିବାର ଜଣାଯାଇଛି । ତାଙ୍କ ସହିତ ତାଙ୍କର ସହକର୍ମୀ, ସାମ୍ବାଦିକ ସଞ୍ଜୟ କୁମାର ମିଶ୍ର, ସୀତାନାଥ ବେହେରା, ରତନଲାଲ ଦାଶ, ବିମଳେନ୍ଦୁ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ । ଚଳିତ ବର୍ଷ ଶ୍ରୀଯୁକ୍ତ ଦାଶ ଏକ ସରକାରୀ କାର୍ଯ୍ୟକ୍ରମରେ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆଙ୍କଠାରୁ ଏହି ପ୍ରକୃତି ମିତ୍ର ପୁରସ୍କାର ପାଇଥିଲେ ।

## ଖୋର୍ଦ୍ଧା ଗଜ ଲକ୍ଷ୍ମୀପୂଜା ସମୂହ ମେଲାଣି ଉତ୍ସବ: ମାଆଙ୍କୁ ବିଦାୟ ସମ୍ବର୍ଦ୍ଧନା



ଖୋର୍ଦ୍ଧା , ୧୪/୧୦ (ନି.ପ୍ର): ମା' ଗଜଲକ୍ଷ୍ମୀ ପୁଜା ୪୦ ଟି ପୂଜା ମଣ୍ଡପରେ ପୂଜା ପାଉଥିବା ଲକ୍ଷ୍ମୀ ମୂର୍ତ୍ତୀ ସମୂୟ ବିସର୍ଜନ କରାଯାଇ ଥିଲା। ସମସ୍ତ ମେଡ ଶୃଙ୍ଖଳିତ ଭାବେ ପରିଚାଳିତ ହୋଇ ବାଜା, ବାଣ, ରୋଷଣୀ, ସହ କ୍ରମାଗତ ଆଗ ପଛ ହୋଇ ଯାଇ ଅସ୍ଥାୟୀ ଜଳାଶୟ ( ଟିଲେଶି ରୋଡ ) ରେ ବିସର୍ଜନ କରାଯାଇଅଛି । ଖୋର୍ଦ୍ଧା ୫ ନମ୍ବର ୱାର୍ଡ ଓ ମଧୁସୂଦନ ମାର୍ଗ ସ୍ଥାୟୀ ଲକ୍ଷ୍ମୀ ମନ୍ଦିର ପୁଜା ମାଆ ଲକ୍ଷ୍ମୀ ଦେବୀ ପୁଜା ପାଉ ଆସୁଥିବା ବେଳେ ଅସ୍ଥାୟୀ ଲକ୍ଷ୍ମୀ ନାରାୟଣ ମୂର୍ତ୍ତୀ କରାଯାଇ ପୂଜା ୮ ଦିନ ପାଇଁ ଆସୁ ଥିଲା। ସମସ୍ତ ମେଡ କୁ ସମ୍ବର୍ଦ୍ଧନା ଦେଇ ବିସର୍ଜନ କରାଯାଇ ଥିଲା। ଉକ୍ତ ଗଜ ଲକ୍ଷ୍ମୀ ପୂଜାର ପରିଚାଳକ ଶ୍ରୀଯୁକ୍ତ ସୃଷ୍ଟିଧର ତ୍ରିପାଠୀ (ନାନୁ ବାବୁ) ଓ (କେଦାର ବାବ) କେଦାର ବଳବନ୍ତରାୟ ସମସ୍ତ ଖର୍ଚ୍ଚ ବୁଝୁଥିଲେ। ଖୋର୍ଦ୍ଧା ସହରରେ ୫ ନମ୍ବର ୱାର୍ଡରେ ଏକ ମାତ୍ର ସ୍ଥାୟୀ ଲକ୍ଷ୍ମୀ ମନ୍ଦିର। ସବୁ ଦିନ ଉକ୍ତ ମନ୍ଦିରରେ ଅନ୍ନପ୍ରସାଦ ଭୋଗ ହୋଇ ଆସୁଅଛି। ଭସାଣି ଦିନ ନୂଆ ବସଷ୍ଟାଣ୍ଡ ଛକରେ ଏକ ପେଣ୍ଡାଲ କରାଯାଇ ନାଚ ଗୀତ ଆସର କରାଯାଇ, ପ୍ରତି ମେଡକୁ ପୁରସ୍କାର, ମାନ ପତ୍ର, ଉତ୍ତରୀୟ ଦେଇ ତାଙ୍କର ସଭାପତି ଓ ସମ୍ପାଦକ କୁ ସନମ୍ମାନିତ କରାଯାଇ ଥିଲା । ଉକ୍ତ ମଧୁସୂଦନ ମାର୍ଗ ସ୍ଥାୟୀ ମନ୍ଦିରର ସଭାପତି ସୃଷ୍ଟିଧର ତ୍ରିପାଠୀ, ସମ୍ପାଦକ କେଦାର ବଳବନ୍ତରାୟ , ଏହାର ଉପଦେଷ୍ଟା ଇଶ୍ୱର ଚନ୍ଦ୍ର ମଙ୍ଗରାଜ ସାମ୍ବାଦିକ, ନିମନ୍ତ୍ରିତ ଅତିଥି ଶ୍ରୀଯୁକ୍ତ ଜ୍ଞାନ ରଞ୍ଜନ ଦାସ, ସୁବାସ ଛୋଟରାୟ, ଲଳିତ ମୋହନ ମହାପାତ୍ର ଓ ନାରୀ ନେତ୍ରୀ ବାସନ୍ତୀ ମହାପାତ୍ର ପେଣ୍ଡାଲ ଉପରେ ବସି ସମସ୍ତ ମେଢ଼କୁ ମେଲାଣି ସହ ସମ୍ବର୍ଦ୍ଧନା ଦେଉ ଥିଲେ। ଉକ୍ତ ଲକ୍ଷ୍ମୀ ମନ୍ଦିର ସମସ୍ତ ସଦସ୍ୟ ଉକ୍ତ ମେଲାଣି ଉତ୍ସବ ଯୋଗ ଦେଇ ଆନନ୍ଦ ଉପଭୋଗ କରୁଥିଲେ। ଉକ୍ତ କାର୍ଯ୍ୟକୁ ଗୋଦା ବରିସ ମହାପାତ୍ର ପରିଚାଳନା କରିଥଲେ । ଉକ୍ତ ଦିନ ଖୋର୍ଦ୍ଧା ସହର ଓ ମଫସଲ ହଜାର ହଜାର ମହିଳା, ପୁରୁଷ, ଶିଶୁ ଆସି ମାଆଙ୍କ ଆଶ୍ରିବାଦ ଭିକ୍ଷା କରୁ ଥିଲେ। ଆଜକୁ ୨୮ ବର୍ଷ ଧରି ମେଲାଣି ଉତ୍ସବ କରାହୋଇ ଆସୁଅଛି। ଆଶା ବିଶ୍ୱାସ ଗଜଲକ୍ଷ୍ମୀ ପୁଜା ଏ ପରୀ ପ୍ରତି ବର୍ଷ ଚାଲି ଥିବ। ଅପେକ୍ଷା ଆସନ୍ତା ୨୦୨୬ ବର୍ଷକୁ।

## ବାଛୁରୀପଡ଼ା ଗ୍ରାମରୁ ୪ ବସ୍ତା ବାଣ ଜବଦ

ବୈଶିଙ୍ଗା, ୧୪/୧୦ (ନି.ପ୍ର): ବୈଶିଙ୍ଗା ଥାନା ଅନ୍ତର୍ଗତ ବାଛୁରୀପଡ଼ା ଗ୍ରାମ ବାଣ ତିଆରି ପାଇଁ ବହୁ ଦିନରୁ ପରିଚିତ । ତେବେ ବର୍ତ୍ତମାନ ଜନ ସଂଖ୍ୟା ବଢ଼ିବା ସହିତ ଲାଇସେନ୍ସ ବିହୀନ ବେଆଇନ ବାଣ ତିଆରି ପ୍ରଚୁର ପରିମାଣରେ ବଢ଼ି ଯାଇଥିବାର ପରିଲକ୍ଷିତ ହେଉଛି । ପ୍ରତିଯୋଗୀତା ମୂଳକ ଭାବେ ଅଧିକ ଶବ୍ଦ ସଂପନ୍ନ ବାଣ ତିଆରି କରି ଅଧିକ ଚର୍ଚ୍ଚା ପରିସରାକୁ ଆସିବାକୁ ଉଦ୍ୟମ କରି ଅଘଟଣର ଶୀକାର ହେଉଛନ୍ତି । ଗତ ୫ ତାରିଖରେ ଏକ ବିସ୍ଫୋରଣ ଘଟି ଗୋଟିଏ ପରିବାରର ୪ଜଣ ଗୁରୁତର ହେବା ସହିତ ୬ ତାରିଖରେ ଅନୀଲ ଦାସର ମୃତ୍ୟୁକୁ ନେଇ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା । ଏହି ଘଟଣାକୁ ନେଇ ପୋଲିସ ପ୍ରଶାସନ ତତ୍ପର ହୋଇ ଉଠିଥିଲା। ସେହି ଦିନ ହିଁ ନିକଟ ରେ ନିର୍ମାଣାଧିନ ବେତନଟୀ ପଞ୍ଚାୟତ ସମିତି ଗୃହରୁ ୩୫ ବସ୍ତା ବାଣ ଜବତ କରାଯାଇଥିଲା । ଏହାର କିଛି ଦିନ ପୂର୍ବରୁ ମଧ୍ୟ ୧୦ ବସ୍ତା ବାଣ ଜବଦ କରା ଯାଇ ମାମଲା ରୁଜୁ କରାଯାଇଥିଲା। ଆଜି ମଙ୍ଗଳବାର ଏସ ଡି ପି ଓ ମିନତୀ ବିଶ୍ୱାଳଙ୍କ ନେତୃତ୍ୱରେ ବୈଶିଙ୍ଗା ଥାନାଧିକାରୀ ବାରିଣି ଦାସ ଓ ପୋଲିସ କର୍ମୀ ଅଚାନକ ଚଢ଼ାଉ କରି ୪ ବସ୍ତା ବାଣ ଜବଦ କରିବା ସାଙ୍ଗକୁ ମାମଲା ରୁଜୁ କରିଥିବା ଜଣାଯାଇଛି । ଆହୁରି ବିପୁଳ ପରିମାଣର ବାଣ ନିକଟସ୍ଥ ଜଙ୍ଗଲ ମଧ୍ୟରେ ଲୁଚାଇ ରଖିଥିବା ଶୁଣିବାକୁ ମିଳୁଛି ।

## ବିପୁଳ ପରିମାଣର ପୋଚ ଓ ଚୋରା ଦେଶି ମଦ ଜବତ କଲା ଅବକାରୀ ବିଭାଗ: ୧ ଗିରଫ



ବୈଶିଙ୍ଗା , ୧୪/୧୦ (ନି.ପ୍ର): ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସମୟରେ ଅଚାନକ ଚଢ଼ାଉ କରାଯାଇ ବ୍ୟାପକ ପରିମାଣର ଚୋରା ଦେଶି ରନ୍ଧା ମଦ ଜବତ କରୁଛି । ମଙ୍ଗଳବାର ଜିଲା ଅବକାରୀ ଆରକ୍ଷୀ ଅଧିକ୍ଷକ ପ୍ରଶାନ୍ତ କୁମାର କହଁରଙ୍କ ନିର୍ଦ୍ଦେଶ କ୍ରମେ ବେତନଟୀ ଅବକାରୀ ଅଧିକାରୀ ପ୍ରଦୀପ କୁମାର ବେହେରା, ଉଦଳା ଅବକାରୀ ଏସଆଇ ସଞ୍ଜୟ କୁମାର କାଣ୍ଡି ସଦଳ ବଳେ ଭ୍ରାମ୍ୟମାଣ ଟିମ ସମେତ ଫୋର୍ସ ନେଇ ଅଚାନକ ବାମଡା, ଭଳିଆଦିହା ଓ ଭିତିରିଶୋଳ ରେ ଚଢ଼ାଉ କରିମଦ ପ୍ରସ୍ତୁତ ନିମନ୍ତେ ଥିବା ବାର ହଜାର ପାଞ୍ଚ ଶହ କେଜି ପୋଚ ଓ ୧୦୪୦ଲିଟର ଚୋରା ଦେଶି ମଦ ଜବତ କରି ନଷ୍ଟ କରିଥିଲେ ବୋଲି ଅବକାରୀ ଏସଆଇ ଶ୍ରୀ ବେହେରା ପ୍ରକାଶ କରିଥିଲେ । ମଦ ପ୍ରସ୍ତୁତକାରୀ ଚୋରା ବ୍ୟବସାୟୀ କୌଶଳ କ୍ରମେ ଖସି ପଳାଇଥିଲେ। ଗ୍ରାମ ନିକଟରେ ଥିବା ଛୋଟ ଜଙ୍ଗଲ ବ୍ୟବସାୟୀଙ୍କ ମୁଖ୍ୟ ଆଡ୍ଡାସ୍ଥଳି ପାଲଟିଛି । ଏତଦ ବ୍ୟତିତ ଏହି ଚଢ଼ାଉ ସମୟରେ ନିକଟରେ ଥିବା ପକ୍କାଘର ଛାତ ଉପରେ ମଧ୍ୟ ପ୍ଲାଷ୍ଟିକ ଜାରରେ ଥିବା ମଦକୁ ନଷ୍ଟ କରାଯାଇଛି । ଏତଦ ବ୍ୟତିତ ମଦ ଓ ପୋଚ ପ୍ରସ୍ତୁତ ପ୍ଲାଷ୍ଟିକ ଡ୍ରମ ଓ ଜାର କୁ ଜବତ କରିଥିବା ଜଣାଯାଇଛି । ପାଉଚ ଯୋଗେ ଚୋରାରେ ମଦ ବିକ୍ରି କରୁଥିବା ଅଭିଯୋଗ ରେ ଅବକାରୀ ବିଭାଗ ବଡ଼ସାହି ଥାନା ଅଧୀନ ପାଉଁଶିଆ ଗ୍ରାମର ପ୍ରଦୀପ ଦେହୁରୀ (୫୧)କୁ ଅବକାରୀ ବିଭାଗ ଗିରଫ କରିଥିବା ଜଣାଯାଇଛି ।

## ପ୍ରଶାସନର ଇଚ୍ଛାଶକ୍ତିର ଅଭାବ ଯୋଗୁଁ ଦେଉଳା ଆଶ୍ରମ ସ୍କୁଲରେ ନାହିଁ ପରିଚାଳନା କମିଟି : ପ୍ରଧାନଶିକ୍ଷକ ଓ ସମାଜ ମଙ୍ଗଳ ଅଧିକାରୀ ହେଉଛନ୍ତି ମାଲେମାଲ



ବାଲିଆପାଳ , ୧୪/୧୦ (ନି.ପ୍ର): ବାଲିଆପାଳ ବ୍ଲକ ଦେଉଳା ଆଶ୍ରମ ସ୍କୁଲରେ ଦୀର୍ଘଦିନ ଧରି ପରିଚାଳନା କମିଟି ନ ଥିବାରୁ ପ୍ରଧାନଶିକ୍ଷକ ଓ ବ୍ଲକ ସମାଜ ମଙ୍ଗଳ ଅଧିକାରୀଙ୍କ ମଧ୍ୟରେ ସଲାସୁତୁରା ଯୋଗୁଁ ସେଠାରେ ସରକାରୀ ଅର୍ଥରେ ବ୍ୟାପକ ଅନିୟମିତତା ହେଉଥିବାର ଶୁଣିବାକୁ ମିଳୁଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ସ୍କୁଲରେ ଛଅ ଜଣ ସିନିୟର ଶିକ୍ଷକ, ଶିକ୍ଷୟତ୍ରୀ ଥିବାବେଳେ ଜଣେ ନୂଆ କରି ସ୍କୁଲକୁ ଆସିଥିବା ଜୁନିୟର ଶିକ୍ଷକଙ୍କୁ ପ୍ରଧାନଶିକ୍ଷକ ଓ ହଷ୍ଟେଲ ଦାୟିତ୍ୱ ଦିଆଯାଇଛି କିପରି ? ସୂଚନାଯୋଗ୍ୟ ଦେଉଳା ଆଶ୍ରମ ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ୨୯୩ ଛାତ୍ର ଛାତ୍ରୀ ପଢୁଥିବା ବେଳେ ସେଥିମଧ୍ୟରୁ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାରୁ ୨୬୪ ଓ ସ୍ଥାନୀୟ ୨୯ ଛାତ୍ର, ଛାତ୍ରଛାତ୍ରୀ ରହିଛନ୍ତି। ହଷ୍ଟେଲରେ ରହୁଥିବା ସମସ୍ତ ପିଲାଙ୍କ ପାଇଁ ଶୋଇବାର ଖଟର ସୁବିଧା ନ ଥିବାରୁ ଅଧିକାଂଶ ପିଲା ତଳେ ଶୋଉଛନ୍ତି। ପିଲାଙ୍କ ପାଇଁ ଲାଟିନ ଓ ବାଥରୁମର ବିଶେଷ ସୁବିଧା ନ ଥିବାରୁ ଛୋଟ ଛୋଟ ପିଲାମାନେ ଅଧିକାଂଶ ସମୟରେ ଥଣ୍ଡା, କାଶ ଓ ଜ୍ୱରରେ ଆକ୍ରାନ୍ତ ହୋଇ ମେଡିକାଲର ଭର୍ତ୍ତି ହେଉଛନ୍ତି। ଖାଦ୍ୟରେ ପିଲାଙ୍କ ପେଟ ପୁରୁନାହିଁ । ପିଲାମାନେ ଅଧିକାଂଶ ସମୟରେ ଭୋକିଲା ରହୁଛନ୍ତି। ପିଲାଙ୍କୁ ତେଲ, ସାବୁନ ଓ କପଡା ସଫା କରିବା ସାବୁନ ଦେବାରେ ମଧ୍ୟ କଟକଣା। ସେହିପରି ବିଦ୍ୟାଳୟରେ ଖେଳ ଶିକ୍ଷକ ଥିବାବେଳେ ପ୍ରତ୍ୟେକ ଦିନ ପିଲାଙ୍କୁ ଖେଳ ସମ୍ବନ୍ଧରେ କିଛି ଶିକ୍ଷା ଦିଆଯାଉନାହିଁ।ସ୍କୁଲରେ ପିଲାଙ୍କ ପାଇଁ ଖେଳ ଉପକରଣ ଅଛି କି ନାହିଁ ତାହା ମଧ୍ୟ ସନ୍ଦେହ । ଏଠାରେ ସ୍ଥାନୀୟ ପିଲାଙ୍କୁ ଛାଡି ଦେଲେ ହଷ୍ଟେଲରେ ୨୫୦/୨୬୦ ପିଲା ରହୁଥିବାବେଳେ ବାକି ପିଲା ଘରୁ ଯିବାଆସିବା କରୁଥିବା କଥା ପ୍ରଧାନଶିକ୍ଷକ ମୂରଲୀ ମୋହନ ଜେନା କହିଛନ୍ତି। ମାସରେ ପ୍ରତ୍ୟେକ ପିଲାଙ୍କୁ ୧୦ ଟା ଅଣ୍ଡା ,୪ଥର ମାଛ, ଓ ୨ଥର ମାଂସ ଦିଆଯାଉଛି। କିନ୍ତୁ ଦୁଃଖର କଥା ସ୍କୁଲରେ ରେକର୍ଡ ମୁତାବକ ପିଲା ନ ଥିବାବେଳେ ପ୍ରତ୍ୟେକ ଦିନ ୬୦/୭୦ ପିଲାର ମିଛ ଉପସ୍ଥାପନ ପକାଇ ପ୍ରଧାନଶିକ୍ଷକ ଅର୍ଥ ଆତ୍ମସାତ କରୁଥିବାର ଶୁଣିବାକୁ ମିଳୁଛି। ଜଳେଶ୍ୱର ବ୍ଲକ ସର୍ଦାର ବନ୍ଧ ସେବାଶ୍ରମ ସ୍କୁଲର ଶିକ୍ଷକ ମୂରଲୀ ମୋହନ ଜେନା ଦେଉଳା ଆଶ୍ରମ ସ୍କୁଲରେ ପ୍ରଧାନଶିକ୍ଷକ ଦାୟିତ୍ୱରେ ଗତ କିଛି ମାସ ରହିଥିବ ବେଳେ ତାଙ୍କ ଘର ବାଲିଆପାଳ ବ୍ଲକରେ। କିନ୍ତୁ ସ୍କୁଲରେ ସିନିୟର ଶିକ୍ଷକ ଅଜୟ କୁମାର ବରଙ୍କ ଚାକିରୀ କାଳ ଆଉ ଦୁଇବର୍ଷ ରହିଥିବାବେଳେ ତାଙ୍କୁ ପ୍ରଧାନଶିକ୍ଷକ ଦାୟିତ୍ୱ ଦିଆ ନ ଯାଇ ଜଣେ ନୂଆକରି ଆସିଥିବା ଜୁନିୟର ଶିକ୍ଷକ ଶ୍ରୀ ଜେନାଙ୍କୁ ପ୍ରଧାନଶିକ୍ଷକ ଓ ହଷ୍ଟେଲ ଦାୟିତ୍ୱ ଦିଆଯିବାକୁ ନେଇ ଅନେକ କଥା ଶୁଣିବାକୁ ମିଳୁଛିଏ ଦିଗରେ ବାଲେଶ୍ୱର ଜିଲ୍ଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ୭ମ ବାରିପଦା ଜାତୀୟ ଆଦିବାସୀ କ୍ଷୁଦ୍ର ଚଳଚିତ୍ର ଉତ୍ସବ - ୨୦ ନଭେମ୍ବର ସୁଦ୍ଧା ପଞ୍ଜିକରଣ

ବାରିପଦା , ୧୪/୧୦ (ନି.ପ୍ର): ସାନ୍ତାଳୀ ଆର୍ଟ ଏଣ୍ଡ ଫିଲ୍ମ ଡେଭେଲପମେଣ୍ଟ ଫାଉଣ୍ଡେସନ ଆନୁକୂଲ୍ୟରେ ୭ମ ବାରିପଦା ଜାତୀୟ ଆଦିବାସୀ କ୍ଷୁଦ୍ର ଚଳଚିତ୍ର ଉତ୍ସବ ଡିସେମ୍ବର ୧୩ ଓ ୧୪ ତାରିଖରେ ଅନୁଷ୍ଠିତ ହେବ । ଜାତୀୟ ସ୍ତରୀୟ ଏହି ପ୍ରତିଯୋଗିତାରେ ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ଦୁଇଟି ବିଭାଗ - କ୍ଷୁଦ୍ର ଚଳଚିତ୍ର (୩୦ ମିନିଟ) ଓ ଡକ୍ୟୁମେଣ୍ଟାରି (୪୫ ମିନିଟ) ଫିଲ୍ମ ଗୁଡିକ ଅଂଶଗ୍ରହଣ କରିପାରିବେ ଏବଂ ଇଚ୍ଛୁକ ପ୍ରଯୋଜକ ମାନେ ଅନଲାଇନ ରେ ନଭେମ୍ବର ମାସ ୨୦ ତାରିଖ ସୁଦ୍ଧା ପଞ୍ଜିକରଣ କରିପାରିବେ ବୋଲି ଫାଉଣ୍ଡେସନର ପ୍ରତିଷ୍ଠାତା ଦୀପକ କୁମାର ବେଶ୍ରା ଜଣାଇଛନ୍ତି ଓ ଫାଉଣ୍ଡେସନର ପ୍ରମୁଖ ପୃଷ୍ଠପୋଷକ ତଥା ପୂର୍ବତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ ଉତ୍ସବର ସଫଳତା କାମନା କରିବା ସହ ବହୁ ସଂଖ୍ୟାରେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ ଅନୁରୋଧ କରିଛନ୍ତି ଓ ଏହି ପ୍ରତିଯୋଗିତାରେ ସର୍ବଶ୍ରେଷ୍ଠ କ୍ଷୁଦ୍ର ଚଳଚିତ୍ର, ଡକ୍ୟୁମେଣ୍ଟାରୀ, ଡେବ୍ୟୁ ନିର୍ଦ୍ଦେଶକ, ଛାତ୍ର ଚଳଚିତ୍ର, ଶିଶୁ ଚଳଚିତ୍ର ଓ ମହିଳା ନିର୍ଦ୍ଦେଶିକାଙ୍କୁ ପୁରସ୍କୃତ କରାଯିବା ସହିତ ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷଙ୍କୁ ଗୌରବ ଓ ଆଜୀବନ ସଫଳତା ସମ୍ମାନରେ ସମ୍ମାନିତ କରାଯିବ ବୋଲି ଶ୍ରୀ ବେଶ୍ରା ପ୍ରକାଶ କରିଛନ୍ତି ।

## ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ରକ୍ତକେନ୍ଦ୍ରରେ ଟେକ୍ନିସିଆନ୍ ଅଭାବ: ସାତଦିନ ମଧ୍ୟରେ ଦାବିପୂରଣ ନହେଲେ ଧାରଣା ଚେତାବନୀ

ନୀଳଗିରି, ୧୪/୧୦ (ନି.ପ୍ର): ନୀଳଗିରି ଉପଖଣ୍ଡ ଚିକିତ୍ସାଳୟର ରକ୍ତକେନ୍ଦ୍ରରେ ଟେକ୍ନିସିଆନ୍ ଅଭାବରୁ ରକ୍ତଦାନ କ୍ଷେତ୍ରରେ ବହୁସମସ୍ୟା ଉପୁଜୁଛି। ମାତ୍ର ଜଣେ କାର୍ଯ୍ୟରତ ଟେକ୍ନିସିଆନ୍ଙ୍କୁ ରକ୍ତକେନ୍ଦ୍ର ସହିତ ଟିବିରୋଗୀଙ୍କ ପରୀକ୍ଷାପାଇଁ କାର୍ଯ୍ୟରେ ଲଗାଇବା ଫଳରେ ବହୁରୋଗୀ ରକ୍ତପରୀକ୍ଷା କ୍ଷେତ୍ରରେ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଏ ବାବଦରେ ରକ୍ତଦାତା ସଂଘ ତରଫରୁ ବହୁବାର ଜିଲ୍ଲାପାଳ, ଉପଜିଲ୍ଲାପାଳ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଜଣାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇନାହିଁ। ତେଣୁ ଆଜି ରକ୍ତଦାତା ସଂଘର ସାଧାରଣ ସମ୍ପାଦକ ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ସଂଘର ବରିଷ୍ଠ ଉପଦେଷ୍ଟା ରବି ରାଉତ, ବ୍ରଜବିହାରୀ ଦାସ, ଅନାଦି ବେହେରା, ତପସ୍ୱିନୀ ପଣ୍ଡା, ହେମେନ୍ଦ୍ର ସେଠୀ, ବାମନ ଚନ୍ଦ୍ର ମହାନ୍ତିଙ୍କ ସମେତ ସଂଘର ବହୁସାଥୀ ନୀଳଗିରି ଉପଜିଲ୍ଲାପାଳଙ୍କୁ ଦାବୀପତ୍ର ଦେଇଛନ୍ତି। ତତସହିତ ଉପଖଣ୍ଡ ଚିକିତ୍ସାଧିକାରୀ ନୀଳଗିରି,ଜିଲ୍ଲା ମୁଖ୍ୟଚିକିତ୍ସାଧିକାରୀ ବାଲେଶ୍ୱରଙ୍କୁ ଦାବୀପତ୍ର ଦେଇଛନ୍ତି। ସାତଦିନ ଭିତରେ ଯଦି ଦାବୀପୂରଣ ନହୁଏ ତେବେ ସଂଘ ପକ୍ଷରୁ ଉପଖଣ୍ଡ ଚିକିତ୍ସାଳୟ ଆଗରେ ଧାରଣା ଦିଆଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

## କେଶପୁର ଉଚ୍ଚ ବିଦ୍ୟାଳୟରେ ଆଇନ୍ ସଚେତନତା କାର୍ଯ୍ୟକ୍ରମ




ଭଦ୍ରକ , ୧୪/୧୦ (ନି.ପ୍ର): ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ସ୍କୁଲ ଲିଗାଲ ଲିଟରାସି କ୍ଲବ କେଶପୁର ଉଚ୍ଚ ବିଦ୍ୟାଳୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ମାନବ ଚାଲାଣ (ଦାଦନ), ଯୌନ ଶୋଷଣର ଶିକାର ହେଉଥିବା ପିଲାମାନଙ୍କ ନିମନ୍ତେ ଥିବା ଆଇନ୍, ନିଶା ସେବନର ଅପକାରିତା ତଥା ନିଶାମୁକ୍ତ ନିମିତ୍ତ ସଚେତନତା ମୂଳକ ଶୈକ୍ଷଣୀୟ ତଥ୍ୟ, ମଧ୍ୟସ୍ଥତା ମାଧ୍ୟମରେ କିପରି ଜିଲ୍ଲା ମଧ୍ୟସ୍ଥତା କେନ୍ଦ୍ରରେ ଉଭୟ ପକ୍ଷଙ୍କୁ ଡ଼କାଯାଇ ସେମାନଙ୍କର ସମସ୍ୟାକୁ ସମାଧାନ କରାଯାଉଛି । ନାଲସା ହେଲପ୍ ଲାଇନ୍ ନମ୍ବର ୧୫୧୦୦ର ସଠିକ୍ ବ୍ୟବହାର ସଂପର୍କରେ ମଧ୍ୟ ସଚେତନତା କରାଯାଇଥିଲା । ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ସଚିବ ଶ୍ରୀ ପୂଣ୍ୟଶ୍ଳୋକ ରଥ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଶ୍ରୀ ରଥ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପିଲାମାନଙ୍କୁ ଉତ୍ତମ ନାଗରିକ ହେବା ପାଇଁ ଦେଶ ଓ ଜାତିର ମାନବୃଦ୍ଧି ପାଇଁ ଭଲ କାମରେ ନିଜକୁ ନିୟୋଜିତ କରିବା ଆବଶ୍ୟକ । ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନଙ୍କ ମଧ୍ୟରେ ଡ଼. ତାପସ କୁମାର ମହାନ୍ତି, ସହାୟକ ପ୍ରତିପକ୍ଷ ଓକିଲ, ଭଦ୍ରକ ହିମାଦ୍ରୀ ନନ୍ଦନୀ ବିଶ୍ୱାଳ, ବିଜ୍ଞାନ ପର୍ଯ୍ୟବେକ୍ଷକ, ଜିଲ୍ଲାଶିକ୍ଷା କାର୍ଯ୍ୟାଳୟ, ଭଦ୍ରକ, ସିଦ୍ଧାର୍ଥ ଶଙ୍କର ମହାପାତ୍ର, ପ୍ରଧାନଶିକ୍ଷକ, ଶରତ କୁମାର ସାହୁ, ଅବସରପ୍ରାପ୍ତ ସହାୟକ ଶିକ୍ଷକ, ବିଜୟ କୁମାର ପାଣି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, କେଶପୁର, ଉଚ୍ଚ ବିଦ୍ୟାଳୟ,ଭଦ୍ରକ , ପଙ୍କଜ କୁମାର ସାହୁ, ଟିମ୍ ମେନେଜର, ନିଉ ଲାଇଫ୍ ନିଶା ନିବାରଣ କେନ୍ଦ୍ର, ଭଦ୍ରକ ପ୍ରମୁଖ ତଥା ବିଦ୍ୟାଳୟର ଛାତ୍ରଛାତ୍ରୀଗଣ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ବହୁତ ଶିକ୍ଷଣୀୟ କଥାମାନ ସେମାନଙ୍କୁ ବିଭିନ୍ନ ଉଦାହରଣ ମାଧ୍ୟମରେ ବୁଝାଇଥିଲେ । ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର କର୍ମୀଗଣ ମଧ୍ୟ ଏହି କାର୍ଯ୍ୟକ୍ରମରେ ପୂର୍ଣ୍ଣ ସହଯୋଗ କରି କାର୍ଯ୍ୟକ୍ରମଟିକୁ ସଫଳ କରାଇଥିଲେ ।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida